৪৫
ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ନଭେମ୍ବର ୨୫/୨୦୧୮ (୧୬ ପୃଷ୍ଠା) Bhubaneswar, Sunday, November 25/ 2018 (ଛୁଟିଦିନ ସହ) ★★★★★★
୪୫ଶ ଭାଗ ୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



## ରାମ ମନ୍ଦିର ନିର୍ମାଣର ତାରିଖ କୁହ

ଅଯୋଧ୍ୟାରେ କେବେ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ, କେନ୍ଦ୍ର ସରକାର ସେହି ତାରିଖ ଘୋଷଣା କରନ୍ତୁ ବୋଲି ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ କହିଛନ୍ତି।

୧୦

୦୫

## ସିନେମାରେ ସମାଜ ପରିବର୍ତ୍ତନର ବାର୍ତ୍ତା

ସିନେମାରେ ସମାଜ ପରିବର୍ତ୍ତନର ବାର୍ତ୍ତା ରହିଛି ବୋଲି ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁ ପ୍ରକାଶ କରିଛନ୍ତି।






ଧରିତ୍ରୀର ୪୫ତମ ଜନ୍ମଦିବସ ଅବସରରେ ଶନିବାର ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମାରୋହରେ ବାର୍ଷିକ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'କୁ ଉନ୍ମୋଚନ କରୁଛନ୍ତି (ବାମରୁ) ଫିଚର ସମ୍ପାଦକ ବୀରଭଦ୍ର ବିଶ୍ୱାଳ, ସାହିତ୍ୟାୟନ ସମ୍ପାଦନା ଦାୟିତ୍ୱରେ ଥିବା ଡ. ହୃଷୀକେଶ ମଲ୍ଲିକ, ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଡାଇରେକ୍ଟର ମାର୍କେଟିଂ ହିମାଂଶୁ ହୋତା।

# ନିରପେକ୍ଷ ତଦନ୍ତ ଦାବି କଲେ ବିରୋଧୀ

### ବିୟର ଫ୍ୟାକ୍ଟ୍ରି ପାଇଁ ଗଛକଟା

■ ମନ୍ତ୍ରୀ କହିଲେ, ତାହା ଜଙ୍ଗଲ ନୁହେଁ, ପତିତ ଜମି

ଭୁବନେଶ୍ୱର,୨୪।୧୧(ବ୍ୟୁରୋ)

୬୦ବର୍ଷର ୯୫୬ ଶାଳଗଛ କାଟି ଗଡ଼େଇ ଦେଲ। ଗୋଚର ଜମିକୁ ଜାଲିଆତି କରି ପତିତ ଜମି କିସମ ପରିବର୍ତ୍ତନ କରି ଜଙ୍ଗଲକୁ ଧ୍ୱଂସ କଲ। ତୁମର ଦେହ ସହିଲା କେମିତି। କେବଳ ଢେଙ୍କାନାଳ ଜିଲାର ବଳରାମପୁରରେ ଗଛ କଟାଯାଉନି ରାଜ୍ୟର ସବୁ ଜଙ୍ଗଲରୁ ଶହ ଶହ ଦୈନିକ କଟାଯାଉଛି। ଗଣମାଧ୍ୟମ ଦେଖାଇ ନ ଥିଲେ ସବୁ ଗଛ କାଟି ସଫା କରି ଦେଇଥାଆନ୍ତେ। ଗଛ କଟା ପାଇଁ ଦାୟୀ ଅଧିକାରୀଙ୍କ ଦରମାରୁ କ୍ଷତିପୂରଣ ଭରଣା କରିବା ସହ ନିରପେକ୍ଷ ତଦନ୍ତ କରାଯାଉ। ଏଥିସହିତ ମଦ ଫ୍ୟାକ୍ଟ୍ରିକୁ ସେହି ଜାଗା ଦେବାକୁ ଅନୁମତି ଦେଇଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସେହି ଅଞ୍ଚଳରେ ନୂଆ ଗଛ ଲଗାଯାଉ। ଗଛକଟାକୁ ନେଇ ବିରୋଧୀ ଦଳ ସଦସ୍ୟମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ସରକାରଙ୍କୁ ଏଭଳି ଭାଷାରେ କଡ଼ା ସମାଲୋଚନା କରିଥିଲେ। ☞ ପୃଷ୍ଠା-୪

### ଶନିବାର ବିଧାନସଭାରେ ଉପସ୍ଥିତ ବିଧାୟକଙ୍କ ସଂଖ୍ୟା

| ସମୟ | ସଂଖ୍ୟା | ପ୍ରତିଶତ |
|---|---|---|
| ପୂର୍ବାହ୍ନ ୧୦.୩୦ | ୩୧ | ୨୧ |
| ପୂର୍ବାହ୍ନ ୧୦.୫୫ | ୩୬ | ୨୫ |
| ପୂର୍ବାହ୍ନ ୧୧.୧୭ | ୩୩ | ୨୩ |
| ପୂର୍ବାହ୍ନ ୧୧.୩୩ | ୨୨ | ୧୫ |
| ମଧ୍ୟାହ୍ନ ୧୨.୨୩ | ୧୯ | ୧୩ |
| ମଧ୍ୟାହ୍ନ ୧୨.୩୦ | ୧୮ | ୧୨ |

(ବାଚସ୍ପତିଙ୍କୁ ଛାଡ଼ି ୧୪୬ ବିଧାୟକଙ୍କୁ ନେଇ ହିସାବ କରାଯାଇଛି)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଳରାମପୁର ନିକଟରେ ପ୍ରସ୍ତାବିତ ବିୟର ବଟଲିଂ ପ୍ଲାଣ୍ଟ ପାଇଁ ହୋଇଥିବା ଗଛକଟାକୁ ନେଇ ଉପୁଜିଥିଲା ବିବାଦ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ପରେ ତାହା ତତ୍‌କ୍ଷଣାତ୍ ସମାଧାନ ହୋଇଯାଇଛି। ଏହାପରେ ବି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଉଛି ଓ ସମାଲୋଚନା କରାଯାଉଛି। କିନ୍ତୁ ଉକ୍ତ ସମାଲୋଚନା କେବଳ ଲୋକଦେଖାଣିଆ ବୋଲି ଶନିବାର ବିଧାନସଭାରେ ବଳରାମପୁର ଘଟଣା ସମ୍ପର୍କିତ ବିତର୍କ ବେଳେ ମାତ୍ର ୧୨% ବିଧାୟକଙ୍କ ଉପସ୍ଥିତିରୁ ସ୍ପଷ୍ଟ ହେଉଛି।

### ୫ ଦିନରେ ସରିଲା ଶୀତ ଅଧିବେଶନ

ପୃଷ୍ଠା-୫

ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ମନ୍ତବ୍ୟ

"ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ କଂଗ୍ରେସ ଶାସନରେ ଚାଷୀ ବରବାଦ ହୋଇ ନ ଥାଆନ୍ତେ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

ଗତ ବର୍ଷ ତୁଳନାରେ ଚଳିତ ବର୍ଷର ଏପ୍ରିଲ-ସେପ୍ଟେମ୍ବର ସମୟ ମଧ୍ୟରେ ଘରୋଇ ବଜାରରୁ ଚାଉଳ ରପ୍ତାନି ୯.୬% ହ୍ରାସ ଘଟି୫.୮ ନିୟୁତ ଟନ୍ ରହିଛି।

– ବାଣିଜ୍ୟ ମନ୍ତ୍ରଣାଳୟ

# ମେରି କମ୍‌ଙ୍କୁ ରେକର୍ଡ ୬ଷ୍ଠ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨୪।୧୧ (ପି.ଟି.)

ଭାରତର ତାରକା ମହିଳା ବକ୍ସର ଏମ୍.ସି. ମେରି କମ୍ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ କ୍ୟାରିୟରରେ ୬ଷ୍ଠ ଥର ପାଇଁ ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହିତ ସେ ଏହି ମେଗା ଇଭେଣ୍ଟର ସବୁଠାରୁ ସଫଳ ବକ୍ସର ହେବାର ଗୌରବ ଅର୍ଜନ କରିଛନ୍ତି। ଶନିବାର ଏଠାରେ ଅନୁଷ୍ଠିତ ଏକତରଫା ଫାଇନାଲରେ ସେ ୫-୦ରେ ୟୁକ୍ରେନ୍‌ର ହାନ୍ନା ଓଖୋଟାଙ୍କୁ ପରାସ୍ତ କରିଛନ୍ତି। ଲଣ୍ଡନ ଗେମ୍ସ ବ୍ରୋଞ୍ଜ ପଦକ ବିଜୟିନୀ ୩୫ବର୍ଷୀୟା ମେରି କମ୍ ୪୮କେଜି ଶ୍ରେଣୀ ମୁକାବିଲାରେ ☞ ପୃଷ୍ଠା-୪

ବିଶ୍ୱ ମହିଳା ବକ୍ସିଂ



ବିଶ୍ୱ ମହିଳା ବକ୍ସିଂରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ଭାରତର ଏମ୍.ସି. ମେରି କମ୍।




## ଛାତ୍ରୀଙ୍କୁ କମେଣ୍ଟ କିଟ୍‌ରେ ସଂଘର୍ଷ

■ ଇଞ୍ଜିନିୟରିଂ ଛାତ୍ର ଗୁରୁତର, ୧୦ ଆହତ

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)

ଛାତ୍ରୀଙ୍କୁ କମେଣ୍ଟ ମାରିବାକୁ କେନ୍ଦ୍ର କରି କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଆଇନ ଏବଂ ଇଞ୍ଜିନିୟରିଂ କଲେଜ ଛାତ୍ର ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ଗୋଷ୍ଠୀର ୧୦ରୁ ଊର୍ଦ୍ଧ୍ୱ ଛାତ୍ର ଆହତ ହୋଇଛନ୍ତି। ଶନିବାର ଅପରାହ୍ନ ପ୍ରାୟ ୫ଟାରେ କେତେଜଣ ଆଇନ ଛାତ୍ର ଇଞ୍ଜିନିୟରିଂ କଲେଜରେ ପଶି ଜଣେ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଆଇନ ଛାତ୍ରମାନଙ୍କ ଠେଙ୍ଗା ଓ ଲୁହା ପାଇପ୍ ମାଡ଼ରେ ସମ୍ପୃକ୍ତ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ରକ୍ତାକ୍ତ ଅବସ୍ଥାରେ କିମ୍ସରେ ଭର୍ତ୍ତି କରାଯାଇଥିବା ଖବର ମିଳିଛି। ଉକ୍ତ ଛାତ୍ରଙ୍କୁ ରକ୍ଷା କରିବାକୁ ଯାଇ କେତେଜଣ ଇଞ୍ଜିନିୟରିଂ ଛାତ୍ର ମଧ୍ୟ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ କ୍ୟାମ୍ପସରେ ☞ ପୃଷ୍ଠା-୪

ଅନିବାର୍ଯ୍ୟ କାରଣବଶତଃ 'ଆଗାମୀ ଆଶା' ଏହି ସଂଖ୍ୟାରେ ପ୍ରକାଶ ପାଇପାରୁ ନାହିଁ।

### ଆଜିର ସମ୍ପାଦକୀୟ

## ନକାରାତ୍ମକ ଚିନ୍ତା

NECC NATIONAL EGG CO-ORDINATION COMMITTEE 24.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 69 | 118 | 128 |
| DKL | 70 | 119 | 129 |
| BDK | 69 | 118 | 128 |
| BLS | 69 | 118 | 128 |
| ANG | 72 | 122 | 132 |

*Conditions Apply
Eggs Retail Price- 50/-Dozen
Issued in the Interest of Consumers



# ଧରିତ୍ରୀର ୪୫ତମ ଜନ୍ମଦିବସ ସମାରୋହ





**ରାୟଗଡ଼ା** ନଭେମ୍ବର ୧୮ ରବିବାର ରାୟଗଡ଼ାର ପିତାମହଲସ୍ଥିତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସମ୍ପାଦକ ତଥାଗତ ସତପଥୀଙ୍କ ଗହଣରେ ଉପସ୍ଥିତ ଖବରଦାତା, ଏଜେଣ୍ଟ ଓ ଧରିତ୍ରୀ ପରିବାରର ସଦସ୍ୟମାନେ।







**ସମ୍ବଲପୁର** ନଭେମ୍ବର ୧୯ ସୋମବାର ସମ୍ବଲପୁରର ବରେଇପାଲିସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସମ୍ପାଦକ ତଥାଗତ ସତପଥୀଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରାଯାଉଛି। କାର୍ଯ୍ୟକ୍ରମରେ ଅଛନ୍ତି ଖବରଦାତା, ଏଜେଣ୍ଟ ଓ ଧରିତ୍ରୀ ପରିବାରର ସଦସ୍ୟ।




**ଅନୁଗୋଳ** ନଭେମ୍ବର ୨୦ ମଙ୍ଗଳବାର ଅନୁଗୋଳ ଶିଳ୍ପାଞ୍ଚଳସ୍ଥିତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ସମ୍ପାଦକ ତଥାଗତ ସତପଥୀଙ୍କ ଗହଣରେ ଖବରଦାତା, ଏଜେଣ୍ଟ ଓ ଧରିତ୍ରୀ ପରିବାରର ସଦସ୍ୟମାନେ।



**ଭୁବନେଶ୍ୱର** ନଭେମ୍ବର ୨୪ ଶନିବାର ଧରିତ୍ରୀର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମାରୋହରେ ଉପସ୍ଥିତ ଖବରଦାତା, ଏଜେଣ୍ଟ ଓ ଧରିତ୍ରୀ ପରିବାରର ସଦସ୍ୟବୃନ୍ଦ।



ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଆସନ୍ତା ୨୮ରେ କର୍ତ୍ତାରପୁର କରିଡ଼ରର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି ଉତ୍ସବରେ ଯୋଗଦେବା ପାଇଁ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କୁ ଇସଲାମାବାଦ ପକ୍ଷରୁ ଆମନ୍ତ୍ରଣ କରାଯାଇଛି। ଗୁରୁଦାସପୁର ସଂଲଗ୍ନ ଭାରତ-ପାକ୍ ଅନ୍ତର୍ଜାତୀୟ ସୀମାରୁ ୩ କି.ମି. ଦୂରରେ ଅବସ୍ଥିତ କର୍ତ୍ତାରପୁର ଗୁରୁ ନାନକସାହିବ ଦରବାର ପର୍ଯ୍ୟନ୍ତ ଏହି କରିଡର ନିର୍ମାଣ କରିବାକୁ ଦୁଇ ପଡୋଶୀ ରାଜି ହୋଇଛନ୍ତି।








## ସଂକ୍ଷେପରେ

■ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

### ଜଗାବଳିଆଙ୍କ ଚିକିତ୍ସା ଜାରି ରଖିବାକୁ ଅନୁରୋଧ

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ): ନୂଆଦିଲ୍ଲୀ ଏମ୍ସରେ ଜଗା ବଳିଆଙ୍କ ଚିକିତ୍ସା ଜାରି ରଖିବା ପାଇଁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ଚିଠି ଲେଖିଛନ୍ତି। ଯଦିଓ ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଛି ତଥାପି ବର୍ତ୍ତମାନ ସମୟରେ ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ଠିକ୍ ନୁହେଁ ବୋଲି ଓଡ଼ିଶାରୁ ଯାଉଥିବା ଡାକ୍ତରୀ ଦଳଙ୍କ ମତ ରହିଛି। ତେଣୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ଯାଏ ଉଭୟଙ୍କୁ ଦିଲ୍ଲୀ ଏମ୍ସରେ ଚିକିତ୍ସା କରାଯାଉ ବୋଲି ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ସେମାନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।

■ ପୋକ୍ସୋ ଆଇନରେ ସଂଶୋଧନ ହେବ

### ଶିଶୁଙ୍କ ଅଶ୍ଳୀଳ ଭିଡିଓ ରଖିଲେ ୫ ବର୍ଷ ଜେଲ



ନୂଆଦିଲ୍ଲୀ,୨୪।୧୧(ପି.ଟି.): ଶିଶୁ ପର୍ନୋଗ୍ରାଫିର ଭିଡିଓ ବ୍ୟବସାୟିକ ବ୍ୟବହାର ଲାଗି କିମ୍ବା ଅନ୍ୟ ଉଦ୍ଦେଶ୍ୟରେ ପାଖରେ ରଖିଲେ, ଏହାର ପ୍ରସାରଣ କଲେ କିମ୍ବା ବଣ୍ଟନ କଲେ ଏଥିପାଇଁ ସର୍ବାଧିକ ୫ ହଜାର ଟଙ୍କା ଜରିମାନା ସାଙ୍ଗକୁ ୫ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ। ଏଥିସହ ଏହାକୁ ଜାମିନବିହୀନ ଅପରାଧ ଭାବେ ବିବେଚନା କରାଯିବ। ଦ୍ୱିତୀୟ ଥର ଲାଗି ଅଭିଯୁକ୍ତ ଦୋଷୀସାବ୍ୟସ୍ତ ହେଲେ ୭ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ମିଳିବ। ସରକାର ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ,୨୦୧୨ରେ ସଂଶୋଧନ ଆଣିବାକୁ ଯାଉଛନ୍ତି। ହ୍ୱାଟ୍ସଆପରେ ଶିଶୁଙ୍କ ଅଶ୍ଳୀଳ ଫଟୋ କିମ୍ବା ଭିଡିଓ ରଖିବା ମଧ୍ୟ ଦଣ୍ଡନୀୟ ଅପରାଧ ଭାବେ ପରିଗଣିତ ହେବ। ଏହି ପ୍ରସ୍ତାବ ଆଇନ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ଅନୁମୋଦନ ଅପେକ୍ଷାରେ ରହିଛି। ଆସନ୍ତା ସପ୍ତାହ ସୁଦ୍ଧା ଏହାକୁ ମଞ୍ଜୁରୀ ମିଳିଯିବ ବୋଲି ଆଶା କରାଯାଉଥିବା ଏକ ସୂତ୍ରରୁ ଜଣାପଡିଛି। ଏହା ପରେ ଖୁବଶୀଘ୍ର ଉକ୍ତ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଲାଗି ଉପସ୍ଥାପନ କରାଯିବ।

### ହାତୀ ଆକ୍ରମଣରେ ୨ ମୃତ

ବଡ଼ଗାଁ/ଟେନ୍‌ସା, ୨୪।୧୧ (ଡି.ଏନ.ଏ.): ସୁନ୍ଦରଗଡ଼ ଜିଲାରେ ଗତକିଛି ଦିନ ଧରି ହାତୀପଲର ଉପଦ୍ରବ ଜାରି ରହିଛି। ହାତୀ ଆକ୍ରମଣରେ ଜିଲାରେ ଭିନ୍ନଭିନ୍ନ ସ୍ଥାନରେ ୨ଜଣଙ୍କ ମୃତ୍ୟୁ ଘଟିଛି। ବଡ଼ଗାଁ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ମହାବୀର ପର୍ବତର ତଳି ଛାମୁଣ୍ଡା ଗ୍ରାମରେ ଶନିବାର ସନ୍ଧ୍ୟା ୬ଟାବେଳେ ବଣୁଆ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାମିଆ କିଷାନଙ୍କ ସ୍ତ୍ରୀ ଶୁଲ କିଷାନ (୬୬)। ଶୁଲ ବାଡିପଟ ବାଡ ନିକଟକୁ ଯାଇଥିଲାବେଳେ ହାତୀ ଶୁଣ୍ଢରେ ନେଇ କଚାଡି ଦେଇଥିଲା। ପରେ ମାଡି ଦଳି ଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେହିପରି କୋଇଡା ବ୍ଲକ ଅନ୍ତର୍ଗତ ଝିରିପାଣି ଗାଁରେ ଶୁକ୍ରବାର ରାତିରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମନହରି ମୁଣ୍ଡା (୭୨)।




# ଖାରବେଳଙ୍କୁ ପୁଣି ଆକ୍ରମଣ

## କ୍ରାଇମବ୍ରାଞ୍ଚ ତଦନ୍ତ ଦେଲେ ମୁଖ୍ୟମନ୍ତ୍ରୀ

କାଶୀପୁର, ୨୪।୧୧(ଡି.ଏନ୍.ଏ.)

ରାୟଗଡା ଜିଲା କାଶୀପୁର ବ୍ଲକ୍ ସଦର ମହକୁମାରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି । ପ୍ରଚାର ପାଇଁ କାଶୀପୁର ଆସିଥିବା 'ଉତ୍କଳ ଭାରତ' ସଭାପତି ଖାରବେଳ ସ୍ୱାଇଁଙ୍କୁ କେତେକ ଯୁବକ ମାଡ ମାରିଛନ୍ତି। ଏହି ଘଟଣାରେ ପୋଲିସ ସୁମନ୍ତ ନାଏକ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆକ୍ରମଣକୁ ନିନ୍ଦା କରିବା ସହ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତରେ ଯେଉଁମାନେ ଦୋଷୀ ବୋଲି ପ୍ରମାଣିତ ହେବେ, ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ମଧ୍ୟ ମୁଖ୍ୟମନ୍ତ୍ରୀ ଦେଇଛନ୍ତି।

ଉତ୍କଳ ଭାରତ ଦଳ ମୁଖ୍ୟ ଖାରବେଳ କାଶୀପୁରରେ ଏକ ପଥପ୍ରାନ୍ତ ସଭା କରୁଥିଲେ। ସଭାରେ ବିଜେଡି ସରକାରଙ୍କ ଅପାରଗତା ଓ ଦୁର୍ନୀତି ବିରୋଧରେ ସେ କହୁଥିବାବେଳେ କେତେଜଣ ଯୁବକ ଆସି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ସଭାରେ ଉପସ୍ଥିତ ଥିବା ପ୍ରତ୍ୟୁଷ ନାଏକ ମଧ୍ୟ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି। ସେମାନେ ଖାରବେଳ ଏବଂ ତାଙ୍କ ସହଯୋଗୀଙ୍କୁ ଗାଳିଗୁଲଜ କରିବା



ସହ ବିଜେଡି ବିରୋଧରେ କିଛି କହିଲେ ହାଣି ଦେବୁ ବୋଲି ଧମକ ଦେଇଥିଲେ । ପରେ ସେ କାଶୀପୁରରୁ ୧୨କି.ମି. ଦୂର ମାଣ୍ଡିବିଶି ନିକଟରେ ଲୁଚି ରହିଥିଲେ। ଏହାପରେ ଭୟଭୀତ ହୋଇ କାଶୀପୁର ଥାନାରେ ଏତଲା ନ ଦେଇ ରାୟଗଡା ଏସପିଙ୍କ ନିକଟରେ ଏତଲା ଦେବୁ ବୋଲି ଖାରବେଳ ପ୍ରକାଶ କରିଛନ୍ତି । ସଭା ପୂର୍ବରୁ ପୋଲିସକୁ ଜଣାଇଥିଲେ ମଧ୍ୟ ସୁରକ୍ଷା ମିଳି ନ ଥିବା ଖାରବେଳ କହିଛନ୍ତି । ଏହି ଆକ୍ରମଣକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ, ବିଜେଡି ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ ପ୍ରମୁଖ ନିନ୍ଦା କରିଛନ୍ତି। ସେହିପରି ବିଜେଡି ପକ୍ଷରୁ ଏହି ଆକ୍ରମଣ କରାଯାଇ ନ ଥିବା ସ୍ପଷ୍ଟୋକ୍ତି ଦିଆଯାଇଛି।

■ ଖୋର୍ଦ୍ଧା ସହରରେ ମାତିଲେ ଦୁର୍ବୃତ୍ତ

# ୯ ଦୋକାନରୁ ଚୋରି

## ଶଟର ଭାଙ୍ଗି କେବଳ ଟଙ୍କା ଲୁଟିନେଲେ

ଖୋର୍ଦ୍ଧା ଅଫିସ,୨୪।୧୧

ଖୋର୍ଦ୍ଧା ସହରରେ ଦୁର୍ବୃତ୍ତମାନେ ଶୁକ୍ରବାର ବିଳମ୍ବିତ ରାତିରେ ୯ଟି ଦୋକାନରୁ ଶଟର ଭାଙ୍ଗି ଟଙ୍କା ଚୋରି କରି ନେଇଛନ୍ତି। ଏହା ସାଧାରଣରେ ଭୟ ସଞ୍ଚାର କରିଛି। ୫୭ ନଂ. ଜାତୀୟ ରାଜପଥ ଓ ଖୋର୍ଦ୍ଧାର ମୁଖ୍ୟ ସଡ଼କ ପାର୍ଶ୍ୱରୁ ଚୋରି ହେବା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ହପାଜତରେ ୯ଟି ଦୋକାନରୁ ଚୋରି ହେବା ପରେ ପୋଲିସର ପାଟ୍ରୋଲିଂ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ଖୋର୍ଦ୍ଧା ଟାଉନ ଥାନାର ନୟାଗଡ ରୋଡରେ ଥିବା ଚଣ୍ଡିତୁଆ ଛକର ମହାବୀର ଭେରାଇଟ୍ ଷ୍ଟୋର ଓ ସଙ୍କଟ ମୋଚନ ଅଲଟ୍ରା ସାଉଣ୍ଡ ଦୋକାନ, ପ୍ରାକ୍ଟିସ ସ୍କୁଲ ଛକର ମା' କୃପା ଭେରାଇଟ୍ ଷ୍ଟୋର ଓ ଡେଲିସିୟସ ଭେରାଇଟ୍ ଷ୍ଟୋର, ଶ୍ରୀବିହାର ଛକର ବିଜୟଲକ୍ଷ୍ମୀ ଭେରାଇଟ୍ ଷ୍ଟୋର, ମେଡିକାଲ ଛକର ସନ୍ତୋଷ ହାର୍ଡ ଓ୍ୱାର ଆଣ୍ଡ ଟୁଲସ୍ ଦୋକାନରୁ ଚୋରି ହୋଇଛି। ଅନ୍ୟପକ୍ଷରେ ଚଣ୍ଡିତୁଆ ଛକର ମହାବୀର ଭେରାଇଟ୍ ଷ୍ଟୋର ପରି କିଛି ଦୋକାନରେ ଚୋରି ସମୟର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ମେଶିନ ବ୍ୟବହାର କରାଯାଇ ଶଟର କାଟି ଚୋରି ହୋଇଥିବା ପୋଲିସ ସନ୍ଦେହ କରୁଛି। ଚୋରି ପରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଟାଉନ୍ ଥାନା ଆଇଆଇସି ରଣଜିତ୍ ସାହୁ କହିଛନ୍ତି। ଚୋରି ନେଇ ଦୋକାନ ମାଲିକ ବିରଞ୍ଚି ନାରାୟଣ ସାହୁ, ସଙ୍ଗୀତ ରାୟ, ଆଲୋକ ରଞ୍ଜନ ସାହୁ, ସୁଶାନ୍ତ ସାହୁ ଅଭିଯୋଗ କରିଛନ୍ତି। ଅନ୍ୟ ୫ଜଣ ଦୋକାନୀ ଚୋରି ସମ୍ପର୍କରେ ଅଭିଯୋଗ କରି ନ ଥିବା ସେ ସୂଚନା ଦେଇଛନ୍ତି।






■ ଏସ୍‌ସି,ଏସ୍‌ଟି ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ଅନୁଦାନ ହ୍ରାସ

# ରାସ୍ତାକୁ ଓହ୍ଲାଇଲା ବିଜେଡି

ଭୁବନେଶ୍ୱର,୨୪।୧୧(ବ୍ୟୁରୋ)



ଏସ୍‌ସି ଛାତ୍ରୀଛାତ୍ରଙ୍କ ସ୍କଲାରଶିପ୍ ଅନୁଦାନ ହ୍ରାସ ବିରୋଧରେ ବିଜେଡି ପକ୍ଷରୁ ରାଜଭବନ ସମ୍ମୁଖରେ ବିକ୍ଷୋଭ।

କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁସୂଚିତ ଜାତି(ଏସ୍‌ସି), ଜନଜାତି(ଏସ୍‌ସି) ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ଅନୁଦାନ ହ୍ରାସ ପ୍ରସଙ୍ଗକୁ ନେଇ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଛି ବିଜେଡି। ଦଳର ଏସ୍‌ସି ସେଲ୍ ପକ୍ଷରୁ ଶନିବାର ରାଜଭବନ ସମ୍ମୁଖରେ ରିଲେ ଅନଶନ କରାଯାଇଛି। କେନ୍ଦ୍ର ଅନୁଦାନ ହ୍ରାସ ନିଷ୍ପତ୍ତିର ପୁନଃବିଚାର କରୁ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି। ଏନେଇ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, ବିଶେଷ ଭାବେ ଏସ୍‌ସି ଛାତ୍ରୀଛାତ୍ର ମେଧାବୃତ୍ତି ବ୍ୟବସ୍ଥା କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ହୋଇଆସୁଛି। ଏଥିରେ କେନ୍ଦ୍ରର ୯୦% ଓ ରାଜ୍ୟର ୧୦% ବ୍ୟୟବରାଦ ରହୁଥିଲା। ହେଲେ କେନ୍ଦ୍ର ସରକାର ଏହି ବ୍ୟବସ୍ଥାରେ ଆଶ୍ଚର୍ଯ୍ୟଜନକ ଭାବେ ପରିବର୍ତ୍ତନ ଘଟାଇଛନ୍ତି। ରାଜ୍ୟ ସରକାରଙ୍କ ଉପରେ କେନ୍ଦ୍ର ସରକାର ୮୦%ରୁ ଅଧିକ ଆର୍ଥିକ ବୋଝ ଲଦି ଦେଇଛନ୍ତି। ଏହାଦ୍ୱାରା ୨୦୧୭-୧୮ ବର୍ଷରେ ଉକ୍ତ ବର୍ଗର ଉଚ୍ଚତର ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ୨୩୮.୨୮ କୋଟି ଟଙ୍କାର ଆର୍ଥିକ ବୋଝ ସହିବାକୁ ପଡ଼ିବ। ଅପରପକ୍ଷରେ ଭାଜପା ଏହାକୁ ରାଜନୀତି ବୋଲି କହିଛି। ଦଳର

■ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

■ ଭାଜପା କହିଲା ରାଜନୀତି

■ ପିସିସି ଏସ୍‌ସି ସେଲ୍ ସମାବେଶ ୨୭ରେ

ବିଧାୟକ ରବି ନାଏକ କହିଛନ୍ତି ଯେ, ଏସ୍‌ସିଙ୍କୁ ନ୍ୟାୟ ପ୍ରଦାନ କରିବାରେ ବିଫଳ ହେବା ପରେ ରାଜ୍ୟ ସରକାର ବିକ୍ଷୋଭ ରାସ୍ତା ବାଛି ନେଇଛନ୍ତି। ଅନ୍ୟପକ୍ଷରେ ଉଭୟ ବିଜେଡି ଓ ଭାଜପା ଏହି ବର୍ଗର ଲୋକଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି। ଆସନ୍ତା ୨୭ ତାରିଖରେ ପିସିସି ଏସ୍‌ସି ସେଲ୍ ପକ୍ଷରୁ ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀ ପଡିଆରେ ଏକ ସମାବେଶ ଅନୁଷ୍ଠିତ ହେବ। ପୂର୍ବତନ ଲୋକ ସଭା ବାଚସ୍ପତି ମୈରା କୁମାର ଏଥିରେ ଯୋଗଦେବେ ବୋଲି ପିସିସି ଏସ୍‌ସି ସେଲ୍ ଅଧ୍ୟକ୍ଷ ବିଭୁପ୍ରସାଦ ତରାଇ କହିଛନ୍ତି।




କେନ୍ଦ୍ର ସରକାର ନିଜର ବିତ୍ତୀୟ ନିଅଣ୍ଟ କମାଇବା ଲାଗି ଆସନ୍ତା ୬ ମାସ ପର୍ଯ୍ୟନ୍ତ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ଠାରୁ ଅର୍ଥ ନେବେ ନାହିଁ ବୋଲି ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ସ୍ପଷ୍ଟ କରିଛନ୍ତି।




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ବିଶ୍ୱଜିତ୍ ପରିବାରବର୍ଗ


ସୁଭଦ୍ରା ପରିବାରବର୍ଗ


ଯୋଗୀ ପରିବାରବର୍ଗ


ଦୀପାଞ୍ଜଳୀ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କେନାଲକୁ ଖସିଲା ବସ୍: ୩୦ ମୃତ

**ବେଙ୍ଗାଲୁରୁ,୨୪।୧୧(ପି.ଟି.)**

କର୍ଣ୍ଣାଟକର ମାଣ୍ଡ୍ୟ ଜିଲାରେ ଶନିବାର ଏକ ଯାତ୍ରୀବାହୀ ବସ୍ କେନାଲ ଭିତରକୁ ଖସିପଡ଼ିଛି। ଏହି ଦୁର୍ଘଟଣାରେ ୩୦ ଜଣଙ୍କର ମୃତ୍ୟୁ ଘଟିଥିଲା ବେଳେ ଆଉ କେତେଜଣ ଗୁରୁତର ଆହତ ହୋଇଛନ୍ତି। ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

୩୫ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଯାଉଥିବା ବସ୍‌ର ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ତାହା ଭିସି କେନାଲ ମଧ୍ୟରେ ଖସିପଡି ସମ୍ପୂର୍ଣ୍ଣ ବୁଡ଼ିଯାଇଥିଲା। ଫଳରେ ୧୫ ମହିଳା ଓ ୯ ଜଣ ସ୍କୁଲ ଛାତ୍ରଙ୍କ ସମେତ ୩୦ ଜଣଙ୍କର ପ୍ରାଣହାନି ଘଟିଥିଲା। ଅନ୍ୟ ଆହତମାନଙ୍କୁ ୧୨ ଫୁଟ ଗଭୀର କେନାଲ ମଧ୍ୟରୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶନିବାର ଥିବାରୁ ହାଫ ଡେ' ପରେ ପିଲାମାନେ ଘରକୁ ଫେରୁଥିଲା ବେଳେ ବସ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକେ ଦଉଡି ସହାୟତାରେ ବସ୍‌କୁ ଟାଣି ଉପରକୁ ଆଣିବାକୁ ଚେଷ୍ଟା କରି ବିଫଳ ହେବାରୁ କ୍ରେନର ସହାୟତା ନିଆଯାଇଥିଲା। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ସହ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମୃତକଙ୍କ ପରିବାର ଲାଗି ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ଏହି ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।



■ ମାଗ୍ନେଟିକ ଷ୍ଟ୍ରିପ୍ ଡେବିଟ୍/କ୍ରେଡିଟ୍ କାର୍ଡ

# ଜାନୁୟାରୀ ପହିଲାରୁ ବନ୍ଦ ହୋଇଯିବ

**ନୂଆଦିଲ୍ଲୀ,୨୪।୧୧**



ରିଜର୍ଭ ବ୍ୟାଙ୍କର ଏକ ପୁରୁଣା ନିର୍ଦ୍ଦେଶନାମା ଅନୁଯାୟୀ ଆସନ୍ତା ବର୍ଷ ଜାନୁୟାରୀ ପହିଲାରୁ ମ୍ୟାଗ୍ନେଟିକ ଷ୍ଟ୍ରିପ୍‌ଯୁକ୍ତ ଅଧିକାଂଶ ଦେଶୀ/ବିଦେଶୀ ବ୍ୟାଙ୍କର ଡେବିଟ୍/କ୍ରେଡିଟ୍ କାର୍ଡ ପ୍ରଚଳନକୁ ବନ୍ଦ କରିଦିଆଯିବ। ଏହା ବଦଳରେ ଗ୍ରାହକଙ୍କୁ ଇଏମ୍‌ଭି ଚିପ୍ ଲାଗିଥିବା ଡେବିଟ୍/କ୍ରେଡିଟ କାର୍ଡ ବ୍ୟବହାର କରିବାକୁ ହେବ। ଏହାକୁ ବଦଳାଇବା ପାଇଁ ଚଳିତବର୍ଷ ଡିସେମ୍ବର ୩୧ ଯାଏ ସମୟ ରହିଛି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଆଜକୁ ୩ ବର୍ଷ ପୂର୍ବେ ୨୦୧୫ ଅଗଷ୍ଟ ୨୭ରେ ମାଗ୍ନେଟିକ ଷ୍ଟ୍ରିପ୍‌ଯୁକ୍ତ ଡେବିଟ୍/କ୍ରେଡିଟ୍ କାର୍ଡ ବଦଳାଇବାକୁ ସମସ୍ତ ବ୍ୟାଙ୍କକୁ କେନ୍ଦ୍ରୀୟ ବ୍ୟାଙ୍କ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ଡିସେମ୍ବର ୩୧ ପର୍ଯ୍ୟନ୍ତ ସେମାନଙ୍କୁ ସମୟ ଦିଆଯାଇଥିଲା। ୨୦୧୫ ସେପ୍ଟେମ୍ବର ପହିଲାରୁ ସମସ୍ତ ବ୍ୟାଙ୍କ ଇଏମ୍‌ଭି ଚିପ୍‌ଯୁକ୍ତ ଏବଂ ପିନ୍ ଆଧାର କାର୍ଡ ଜାରି କରିବାକୁ କୁହାଯାଇଥିଲା। ବ୍ୟାଙ୍କଗୁଡିକ ଏହାକୁ ପାଳନ କରିବାକୁ ଯାଇ ସେମାନଙ୍କ ଗ୍ରାହକମାନଙ୍କୁ ଏସ୍‌ଏମ୍‌ଏସ୍ ଅଥବା ଇ-ମେଲ୍ ଜରିଆରେ ସେମାନଙ୍କ ଡେବିଟ୍ ଅଥବା କ୍ରେଡିଟ୍ କାର୍ଡକୁ ବଦଳାଇ ନେବାକୁ ପରାମର୍ଶ ଦେଇଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଅଧିକାଂଶ ବ୍ୟାଙ୍କ ଏଦିଗରେ ବହୁ ବାଟ ଆଗେଇ ସାରିଛନ୍ତି। ବହୁ ଗ୍ରାହକ ସେମାନଙ୍କ ଡେବିଟ୍ ଓ କ୍ରେଡିଟ୍ କାର୍ଡକୁ ବଦଳାଇ ସାରିଲେଣି।

ଏନ୍‌ଏଚ୍‌ରେ ଲାଗିବ ସ୍ପିଡ୍ ଡିଟେକ୍ଟର କ୍ୟାମେରା

# ଖୋର୍ଦ୍ଧାରୁ ଚଣ୍ଡିଖୋଲ ମଧ୍ୟରେ ୨୫ ସ୍ଥାନ ଚିହ୍ନଟ

**କଟକ ଅଫିସ୍,୨୪।୧୧**

କଟକ ମହାନଦୀ ବସ୍ ଦୁର୍ଘଟଣାରେ ୧୧ଜଣଙ୍କ ମୃତ୍ୟୁ ପରେ ପରିବହନ ବିଭାଗର ଚେତା ପଶିଛି। ଦ୍ରୁତଗାଡି ଚାଳନାକୁ ରୋକିବା ପାଇଁ ୧୬ ନମ୍ବର ଜାତୀୟ ରାଜପଥ(ଏନ୍‌ଏଚ୍)ରେ ସ୍ପିଡ ଡିଟେକ୍ଟର କ୍ୟାମେରା ଲାଗିବ। ଏଥିପାଇଁ ଖୋର୍ଦ୍ଧାରୁ ଚଣ୍ଡିଖୋଲ ମଧ୍ୟରେ ୨୫ ସ୍ଥାନ ଚିହ୍ନଟ କରାଯାଇଛି ବୋଲି ଶନିବାର ପରିବହନ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ପଣ୍ଡାଙ୍କ କହିବା ଅନୁଯାୟୀ, କେଉଁ ଅଞ୍ଚଳରେ କେତେ ବେଗରେ ଗାଡ଼ି ଚାଳିବ ତାହା ଆଞ୍ଚଳିକ ପରିବହନ ବିଭାଗ ନିଷ୍ପତ୍ତି ନେବ। ନିର୍ଦ୍ଧାରିତଠାରୁ ଅଧିକ ବେଗରେ ଯାଉଥିବା ଗାଡିକୁ ଉକ୍ତ କ୍ୟାମେରା ମାଧ୍ୟମରେ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ପିଡ ଡିଟେକ୍ଟର କ୍ୟାମେରା ୨୪ ଘଣ୍ଟା କାର୍ଯ୍ୟ କରିବ ଏବଂ ତାହାକୁ ପରିଚାଳନା କରିବା ପାଇଁ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ରହିବ। ସେହିପରି ଡ୍ରାଇଭିଂ ଲାଇସେନ୍ସ ପାଇଁ ଥିବା ନିୟମକୁ କଡାକଡି ପାଳନ କରାଯିବ।

**ପ୍ରଥମ ପୃଷ୍ଠାରୁ...**

## ନିରପେକ୍ଷ ତଦନ୍ତ...

ଢେଙ୍କାନାଳ ଜିଲା ବଳରାମପୁରଠାରେ ବିୟର ଫ୍ୟାକ୍ଟ୍ରି ନିର୍ମାଣ କରିବା ପାଇଁ ୯୫୬ ଶାଳ ଓ ପିଆଶାଳ ଗଛ କାଟି ଭୂମିରେ ମିଶାଇ ଦିଆଗଲା। ତାକୁ ବିରୋଧ କରି ଶନିବାର ବିଧାନସଭାରେ ବିରୋଧୀ ଦଳ ମୁଲତବୀ ପ୍ରସ୍ତାବ ଆଣିଥିଲେ। ଏହି ପ୍ରସ୍ତାବକୁ ସମର୍ଥନ କରି ବିରୋଧୀ ଦଳ ନେତା ନରସିଂହ ମିଶ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ମନ୍ତ୍ରୀ ଗୃହକୁ ବିଭ୍ରାନ୍ତ କରୁଛନ୍ତି। ମୁଁ ନିଜେ ଗଛ କଟା ଅଞ୍ଚଳକୁ ଯାଇଥିଲି। ସେଠାକାର ମହିଳା ଓ ପୁରୁଷ ଲୋକଙ୍କ ସହ ଆଲୋଚନା କରିଥିଲି। ଜଙ୍ଗଲ ଅଧିକାରୀ ଓ ଅନ୍ୟମାନଙ୍କ ସହ ଆଲୋଚନା କରିଛି। ଗୋଚର ଜମିକୁ ଚଞ୍ଚକତା କରି ଅନାବାଦୀ କିସମକୁ ପରିବର୍ତ୍ତନ କରାଯାଇଛି। ଯେଉଁଠି ବିୟର ଫ୍ୟାକ୍ଟ୍ରି ସ୍ଥାପନ କରିବାକୁ ଅନୁମତି ଦିଆଯାଇଛି ସେଠାରେ ବୃହତ୍‌କାୟ ଶାଳ ଓ ପିଆଶାଳ ଗଛ ରହିଥିଲା। ସ୍ଥାନୀୟ ଲୋକମାନେ ରକ୍ଷଣାବେକ୍ଷଣ କରୁଥିଲେ। ଚଞ୍ଚକତା କରି ପ୍ରାୟ ୧ ହଜାର ଗଛ କାଟି ଦିଆଯାଇଛି। ଢେଙ୍କାନାଳ ଜିଲାରେ ପ୍ରଦୂଷଣ ମାତ୍ରା ସର୍ବାଧିକ। ପ୍ରଦୂଷଣରୁ ବଞ୍ଚିବା ପାଇଁ ଜଙ୍ଗଲ ଏକମାତ୍ର ମାଧ୍ୟମ। ଜଙ୍ଗଲ ବିନା ଜୀବଜଗତ ଅସମ୍ଭବ। ଗଛ ଥିବା ଜାଣି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କିପରି ଅନୁମତି ଦେଲା ବୋଲି ନରସିଂହ ପ୍ରଶ୍ନ ଉଠାଇଛନ୍ତି। ଜଙ୍ଗଲ ବିଭାଗ ଅନୁମତି ବିନା ଏହା କେବେ ସମ୍ଭବ ହେବ ନାହିଁ। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯିବା ସହ ଗଛର କ୍ଷତିପୂରଣ ଦିଆଯାଉ। ଦୋଷୀ ଅଧିକାରୀଙ୍କ ଦରମାରୁ ଏହି କ୍ଷତି ଭରଣା କରାଯାଉ। କଟା ଯାଇଥିବା ସ୍ଥାନରେ ନୂତନ ଜଙ୍ଗଲ ପାଇଁ ବୃକ୍ଷରୋପଣ କରିବା ସହ ସ୍ଥାନୀୟ ଲୋକଙ୍କ ବିରୋଧରେ ହୋଇଥିବା ଆପରାଧିକ ମାମଲାକୁ ତୁରନ୍ତ ହଟାଇବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଲତବୀ ଆଲୋଚନାରେ ଅଂଶଗ୍ରହଣ କରି ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓ କହିଲେ, ଗଛକଟା ସରିବା ପରେ କଟା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଗଲା। ସେହି ଜମିରେ ବିୟର ଫ୍ୟାକ୍ଟ୍ରି କରିବାକୁ କାହାର ଚାପ ଥିଲା। କେଉଁ ଆଧାରରେ ସେହି ଜମି ଦିଆଗଲା। ଜଙ୍ଗଲ ଓ ପରିବେଶ ସଚିବ ଏ ବିଷୟରେ ଜଣାଇବା ଦରକାର। ଯେଉଁ ଜମି ଦିଆଗଲା ତାହା ହାତୀ ଚଲାପଥ ଭାବେ ଘୋଷଣା କରାଯାଇଛି। ରାଜନୈତିକ ଶକ୍ତିକୁ ହାତବାରିଶ କରି ସେହି ଗଛ କଟାଯାଇଛି। ସରକାରଙ୍କ ଅଗୋଚରରେ ଏପରି କରିବା ଅସମ୍ଭବ। ଗଛ କଟା ନିଷ୍ପତ୍ତିରେ ଆର୍‌ଡିସି ପକ୍ଷ ଅଛନ୍ତି। ତାଙ୍କ ଦ୍ୱାରା ତଦନ୍ତ ଆଦୌ ନିରପେକ୍ଷ ହେବ ନାହିଁ। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ହେବା ଦରକାର ବୋଲି କନକବର୍ଦ୍ଧନ ଦାବି କରିଛନ୍ତି। ସେହି ଜଙ୍ଗଲ ବଞ୍ଚାଇବାକୁ ୧୧ଟି ଗାଁର ଲୋକ ଏକାଠି ହୋଇ ବିରୋଧ କରିଥିଲେ। ଏନ୍‌ଜିଟି ନିର୍ଦ୍ଦେଶ ପୂର୍ବରୁ ଗଛଗୁଡ଼ିକୁ ଗଡ଼ାଇ ଦିଆଗଲା। ଏହି ଗଛ କଟା ପାଇଁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ହୋଇଛି, ଏଥିରେ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସାମିଲ ଅଛନ୍ତି ବୋଲି ସେ ଗୁରୁତର ଅଭିଯୋଗ କରିଥିଲେ। ଭାଜପା ସଦସ୍ୟ ପ୍ରଦୀପ ପୁରୋହିତ କହିଲେ ସରକାର ଡାହାଣୀ ହୋଇ ଲାଗୁଛନ୍ତି, ଗୁଣିଆ ହୋଇ ଝାଡୁଛନ୍ତି । ଏ ରାଜ୍ୟରେ ମନ୍ତ୍ରୀ, ସଚିବ ଅସହାୟ। ହାତ ଟେକି ଦେଉଛନ୍ତି। ଏହା ପଛରେ ଷଡ଼ଯନ୍ତ୍ର ହୋଇଛି। ଜଙ୍ଗଲ ବିଭାଗ ସୁରକ୍ଷା ବଦଳରେ ଟ୍ରକ୍ ଟ୍ରକ୍ ଗଛ କାଟି ପଠାଇ ଦେଉଛି। ରାତାରାତି ଜମି କିସମ ପରିବର୍ତ୍ତନ କରାଗଲା। ମଦ ଫ୍ୟାକ୍ଟ୍ରି ପ୍ରତି କାହାର ଦରଦ ହେଲା। ଗଛ ସୁରକ୍ଷା କରିବାକୁ ଆସିଥିବା ମାଆ ମାଉସୀଙ୍କୁ ଅସମ୍ମାନ କରାଗଲା। ଏକ ନିରପେକ୍ଷ ତଦନ୍ତ କରାଯାଉ। ଯେଉଁ ଅଧିକାରୀ କିସମ ପରିବର୍ତ୍ତନ କରିଛନ୍ତି ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ମୁଲତବୀ ଆଲୋଚନାରେ କଂଗ୍ରେସ ସଭ୍ୟ କୈଳାସ ଚନ୍ଦ୍ର କୁଲେସିକା ଗଛ କଟାକୁ ନେଇ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ମୁଲତବୀ ପ୍ରସ୍ତାବକୁ ବିରୋଧ କରି ବିଜେଡି ସଭ୍ୟ ଅମର ଶତପଥୀ, ସରୋଜ ସାମଲ, ବ୍ରଜକିଶୋର ପ୍ରଧାନ ଏବଂ ଦିବ୍ୟଶଙ୍କର ମିଶ୍ର ବିୟର ଫ୍ୟାକ୍ଟ୍ରିକୁ ଜଙ୍ଗଲ ଜମି ନୁହେଁ ପତିତ ଜମି ଦିଆଯାଇଥିଲା ବୋଲି ମନ୍ତ୍ରୀଙ୍କ ସପକ୍ଷରେ ଓକିଲାତି କରିଥିଲେ।

ମୁଲତବୀ ଆଲୋଚନା ଶେଷରେ ବିରୋଧୀଙ୍କ ଅଭିଯୋଗର ଜବାବ ଦେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ନିଜକୁ ଦୋଷମୁକ୍ତ କରିବାକୁ ଚେଷ୍ଟା କରିଥିଲେ। ସେ କହିଥିଲେ ଯେ, ଢେଙ୍କାନାଳ ଜିଲା ଓଡ଼ାପଡ଼ା ତହସିଲ ଅଧୀନ ବଳରାମପୁର ମୌଜାରୁ ୬୨.୬୯ ଏକର ଜମି ଇଡ୍‌କୋ ନେଇ ଶିଳ୍ପାଞ୍ଚଳ କରିଛି। ସେଥିରୁ ୧୨.୦୫ ଏକର ଜମି ପି ଆଣ୍ଡ ଏ ବଟଲର ପ୍ରାଇଭେଟ ଲିମିଟେଡକୁ ମୃଦୁପାନୀୟ ପ୍ଲାଣ୍ଟ କରିବାକୁ ଇଡ୍‌କୋ ଅନୁମତି ଦେଇଛି। ତେବେ ସେହି ଜମି ସବୁ ଜଙ୍ଗଲ କିସମ ନୁହେଁ ତାହା ପତିତ। ଉକ୍ତ ଜମିରେ ଗଛ ଗଣତି ପାଇଁ ଓଡ଼ାପଡ଼ା ତହସିଲଦାର ଢେଙ୍କାନାଳ ବନଖଣ୍ଡ ଅଧିକାରୀଙ୍କୁ ମିଳିତ ତଦନ୍ତ କରିବାକୁ ୨୦୧୮ ମାର୍ଚ୍ଚ ୨୦ ତାରିଖରେ ଅନୁରୋଧ କରିଥିଲେ। ଓଡ଼ାପଡ଼ା ରାଜସ୍ୱ ସୁପରଭାଇଜର, ଗଦାଶିଳା ବନପାଳ, ଆରଆଇ ଏବଂ ଢେଙ୍କାନାଳ ରେଞ୍ଜ ଅଫିସରଙ୍କ ଉପସ୍ଥିତିରେ ଗଛ ଗଣାଯାଇଥିଲା। ଆଉ ୧୦.୫୯ ଏକର ଜମିରେ ସମୁଦାୟ ୯୫୬ ଛୋଟ ଓ ବଡ଼ଗଛ ଥିଲା ବୋଲି ଜଣାପଡ଼ିଥିଲା। ଇଡ୍‌କୋ ଶିଳ୍ପାଞ୍ଚଳ ହୋଇଥିବାରୁ ୨୦୧୮ ଅଗଷ୍ଟ ୨୪ ତାରିଖରେ ଡିଏଫ୍‌ଓ ଗଛ କାଟିବାକୁ ଅନୁମତି ଦେଇଥିଲେ। ରାଜ୍ୟ ସରକାର ଗଛକଟା ବନ୍ଦ କରିବା ସହ ଏହାର ଆରଡିସି ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତେବେ ମନ୍ତ୍ରୀଙ୍କ ଉତ୍ତରରେ ବିରୋଧୀ ଦଳ ସଦସ୍ୟମାନେ ସନ୍ତୁଷ୍ଟ ହୋଇ ନ ଥିଲେ।

## ମେରି କମ୍‌ଙ୍କୁ...

ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବିନା ବ୍ରେକ୍‌ରେ ହରାଇ ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ସେ ଏହି ଟୁର୍ନାମେଣ୍ଟରେ ୬ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ହାସଲ କରିପାରିଛନ୍ତି। ପରେ ଅନୁଷ୍ଠିତ ୫୭କେଜି ବର୍ଗ ଫାଇନାଲରେ ଜର୍ମାନୀର ୱାହନର ଓର୍ନେଲା ଗାବ୍ରିଲେଙ୍କଠାରୁ ପରାଜିତ ହୋଇ ଭାରତର ସୋନିଆ ଚହଲ ରୌପ୍ୟ ପଦକ ଲାଭ କରିଛନ୍ତି।

ଶନିବାର ସ୍ୱର୍ଣ୍ଣ ଜିତିବା ଦ୍ୱାରା ମେରି କମ୍ ଏବଂ କ୍ୟୁବାର ପୁରୁଷ କିମ୍ବଦନ୍ତୀ ଫେଲିକ୍ସ ସାଭନ (ମହିଳା ଓ ପୁରୁଷ)ଙ୍କୁ ବିଶ୍ୱ ଚାମ୍ପିୟନଶିପ୍ ଇତିହାସର ସବୁଠାରୁ ସଫଳ ବକ୍ସର ବିବେଚନା କରାଯାଉଛି। ମେରି କମ୍ ଶେଷଥର ୨୦୧୦ରେ ବାର୍ବାଡୋସର ବ୍ରିଜଟାଉନ୍‌ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପଦକ ଜିତିଥିଲେ। ଏହି ବିଶ୍ୱ ଚାମ୍ପିୟନଶିପ୍ ପୂର୍ବରୁ ମେରି କମ୍ ଅଧିକ ପଦକ ଜିତିବାରେ ଆୟର୍ଲାଣ୍ଡର କେଟି ଟେଲର (୫ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ)ଙ୍କ ସମକକ୍ଷ ଥିଲେ। ୩ଟି ସନ୍ତାନର ଜନନୀ ମଣିପୁରର ମେରି କମ୍ ୨୦୦୧ ଉଦ୍‌ଘାଟନୀ ସଂସ୍କରଣରେ ରୌପ୍ୟ ଜିତିବା ପରେ ଆଉ ପଛକୁ ଫେରି ଚାହିଁନାହାନ୍ତି। ପରବର୍ତ୍ତୀ ୫ଟି ସଂସ୍କରଣ ୨୦୦୨, ୨୦୦୫, ୨୦୦୬, ୨୦୦୮ ଓ ୨୦୧୦ରେ କ୍ରମାଗତ ସ୍ୱର୍ଣ୍ଣ ପଦକ ଜିତି ଆସିଥିଲେ। ଅନ୍ୟପକ୍ଷରେ ସାଭନ ତାଙ୍କ ଉଜ୍ଜ୍ୱଳ କ୍ୟାରିୟରରେ ତିନୋଟି ଅଲିମ୍ପିକ୍ସ ସ୍ୱର୍ଣ୍ଣ ବ୍ୟତୀତ ବିଶ୍ୱ ଚାମ୍ପିୟନଶିପ୍‌ରେ ୧୯୮୬ ଓ ୧୯୮୯ ମଧ୍ୟରେ ୬ ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ଲାଭ କରିଥିଲେ। ମେରି କମ୍‌ଙ୍କ ବାଉଟ୍ ଦେଖିବା ଲାଗି ଷ୍ଟାଡିୟମରେ ଭରପୂର ଦର୍ଶକ ଉପସ୍ଥିତ ଥିଲେ। ଲଢେଇ ଜିତିବା ପରେ ସାମାନ୍ୟ ଭାବପ୍ରବଣ ହୋଇ ପଡ଼ିଥିବା ଏହି ଭାରତୀୟ ବକ୍ସର ତାଙ୍କ ସମର୍ଥକଙ୍କୁ ଧନ୍ୟବାଦ ଜଣାଇଥିଲେ। ଅଲିମ୍ପିକ୍ ଗେମ୍ସରେ ୪୮ କେଜି କାଟେଗୋରି ନାହିଁ। ଆପଣମାନଙ୍କ ଭଲ ପାଇବା ଓ ସମର୍ଥନ ପାଇ ମୁଁ ୨୦୨୦ ଟୋକିଓ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିପାରିବି ଏହା ମୋର ଦୃଢ ଆଶା ରହିଛି ବୋଲି କହିଥିଲେ। ଟୋକିଓରେ ମୋତେ ୫୧କେଜି ଶ୍ରେଣୀରେ ଅଂଶଗ୍ରହଣ କରିବାକୁ ପଡ଼ିବ। ଏଥିରେ ସ୍ୱର୍ଣ୍ଣ ଜିତିବା ମୋ ପାଇଁ ସହଜ ହେବ ନାହିଁ ବୋଲି ମୁଁ ଜାଣେ। ତଥାପି ମୁଁ ସଫଳ ହେବା ଲାଗି ଆଶା ରଖିଛି ବୋଲି ମେରି କମ୍ କହିଛନ୍ତି।

## କିଟ୍‌ରେ...

ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଇନ୍‌ଫୋସିଟି ଥାନା ପୋଲିସ ଏବଂ ଫୋର୍ସ ମୁତୟନ ହୋଇଛନ୍ତି।

ମିଳିଥିବା ସୂଚନା ମୁତାବକ, କିଟ୍ ଲ' କଲେଜର ପ୍ରଥମ ବର୍ଷର ଛାତ୍ରୀଙ୍କୁ ଜଣେ ଇଞ୍ଜିନିୟରିଂ ଛାତ୍ର ୨ଦିନ ତଳେ କମେଣ୍ଟ କରିଥିଲେ। ଏହାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଗତ ଶୁକ୍ରବାର ଘଟଣାର ଆପୋସ ସମାଧାନ ହେବାର ଥିଲା। କିନ୍ତୁ ତାହା ହୋଇପାରି ନ ଥିଲା। ଶନିବାର ଅପରାହ୍ନ ପ୍ରାୟ ୫ଟାରେ ୧୫ରୁ ଊର୍ଦ୍ଧ୍ୱ ଆଇନ ଛାତ୍ର ଠେଙ୍ଗା, କାଠ ଫାଳିଆ, ଲୁହା ପାଇପ୍ ଧରି ଇଞ୍ଜିନିୟରିଂ କଲେଜରେ ପହଞ୍ଚିଥିଲେ। ସେମାନେ ଉକ୍ତ ଇଞ୍ଜିନିୟରିଂ ଛାତ୍ରଙ୍କୁ ବାହାରକୁ ଟାଣି ଆଣି ନିସ୍ତୁକ ପିଟିଥିଲେ। ଅନ୍ୟ କେତେଜଣ ଛାତ୍ର ସେମାନଙ୍କୁ ପ୍ରତିରୋଧ କରିବାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ। ଘଟଣା ସମୟର ଏକ ଭିଡିଓ ଭାଇରାଲ ହୋଇଥିବାବେଳେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ନେଇ ଚର୍ଚ୍ଚା ହେଉଛି। କିନ୍ତୁ ପୋଲିସ ନିଜ ଆଡୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏପରି କି ରିପୋର୍ଟ ପ୍ରସ୍ତୁତ ସୁଦ୍ଧା ମାମଲା ରୁଜୁ ହୋଇନାହିଁ। ଏ ନେଇ ଆଇଆଇସି ବିଜୟିନୀ ସିଂଙ୍କୁ ପଚାରିବାରୁ ସେ କହିଲେ, ଘଟଣାଟି ସତ୍ୟ। କିନ୍ତୁ ଛାତ୍ରଙ୍କ ମୃତ୍ୟୁ କଥା ଗୁଜବ। ଘଟଣା ସମ୍ପର୍କରେ କିଟ୍ କର୍ତ୍ତୃପକ୍ଷଙ୍କ କୌଣସି ମତ ମିଳିପାରି ନାହିଁ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପର ଦରବରେ ଲହର ପହର**
**ଛଡ଼ାଇ ଘେନିଲେ ଲାଜରେ ମର ।**

ପର ଲୋକର ପ୍ରଦତ୍ତ ବସ୍ତୁ ବା ପଦାର୍ଥକୁ ନିଜର ବୋଲି କହିବାର କିଛି ଜୋର ନ ଥାଏ। ଏପରି ଦାନସୂତ୍ରରେ ମିଳିଥିବା ଜିନିଷକୁ ନିଜର ବୋଲି ଦାବି କରି ଦାମ୍ଭିକତା ବା ବଡ଼ିମା ଦେଖାଉଥିବା ବ୍ୟକ୍ତିଙ୍କୁ ବେଳେ ବେଳେ ଏଥିପାଇଁ ଅପଦସ୍ଥ ହେବାକୁ ମଧ୍ୟ ପଡ଼ିଥାଏ। ତେଣୁ ପରଦ୍ରବ୍ୟକୁ ନିଜର ବୋଲି ଭାବି ବୃଥା ଗର୍ବ କରିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପେଟରେ ଭୋକ, ମୁହଁରେ ଲାଜ**
**ସେ ଲାଜରେ କିସ କାର୍ଯ୍ୟ ?**

ଭୋକ ଲାଗୁଥିଲେ ଅଧିକ ଖାଦ୍ୟ ମଗାଇ ଖାଇବାରେ କୌଣସି ସଙ୍କୋଚ କରିବା ଉଚିତ ହୋଇ ନ ଥାଏ। ତେବେ ଲଜ୍ଜାବଶତଃ ଖାଇବାକୁ ନ ମାଗିଲେ ପେଟ ଆପୋଷା ରହିଯିବାର ସମ୍ଭାବନା ରହିଥାଏ। ମୁହଁ ନ ଖୋଲିଲେ କେହି ଯାଚିକରି ଦେଇଯିବା ସମ୍ଭବ ନୁହେଁ। ଏପରିସ୍ଥଳେ ବ୍ୟକ୍ତି ନିଜର ଆବଶ୍ୟକତାକୁ ଚାହିଁ ମୁହଁ ନ ଖୋଲିଲେ ଅସୁବିଧାରେ ପଡ଼ିଯିବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅମ୍ବରୀଶଙ୍କ ପରଲୋକ

**ବେଙ୍ଗାଲୁରୁ,୨୪।୧୧(ପି.ଟି.)**



କନ୍ନଡ଼ ଚଳଚ୍ଚିତ୍ର ଅଭିନେତାରୁ ରାଜନେତା ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ୍.ଏଚ୍.ଅମ୍ବରୀଶଙ୍କର ୬୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଶ୍ୱାସଗତ ସମସ୍ୟା ଦେଖାଦେବାରୁ ତାଙ୍କୁ ଏକ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲାବେଳେ ସେଠାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଅମ୍ବରୀଶ ୨୦୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ସେ କେନ୍ଦ୍ରରେ ମନମୋହନ ସିଂ ସରକାରରେ ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଏବଂ କର୍ଣ୍ଣାଟକର ସିଦ୍ଧରାମାୟା କ୍ୟାବିନେଟ୍‌ରେ ଗୃହନିର୍ମାଣ ମନ୍ତ୍ରୀ ଥିଲେ।

# ୫ ନିୟୁତ ଭାରତୀୟଙ୍କୁ ପ୍ରଶିକ୍ଷଣ ଦେବ ଫେସ୍‌ବୁକ୍

**ନୂଆଦିଲ୍ଲୀ,୨୪।୧୧**



ଭାରତରେ କ୍ଷୁଦ୍ର ବ୍ୟବସାୟକୁ ବିଶ୍ୱ ସ୍ତରର ଅର୍ଥନୀତିରେ ସାମିଲ କରିବା ପାଇଁ ଏବେ ସୋସିଆଲ ନେଟୱର୍କିଂ ସାଇଟ୍ ଫେସ୍‌ବୁକ୍ ବେଶ୍ ସହାୟକ ହେବ। ଆଗାମୀ ୩ ବର୍ଷ ମଧ୍ୟରେ ପାଖାପାଖି ୫ ନିୟୁତ ଭାରତୀୟଙ୍କୁ କମ୍ପାନୀ ପକ୍ଷରୁ ଡିଜିଟାଲ କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯିବ। ଏନେଇ ଫେସ୍‌ବୁକ ପକ୍ଷରୁ ଯୋଜନା ହାଇଛି। ବର୍ତ୍ତମାନ ୧୦ଟି କାର୍ଯ୍ୟକ୍ରମ ଜରିଆରେ ଏହି କମ୍ପାନୀ ୧୫୦ ସହର ଏବଂ ୪୮,୦୦୦ ଗ୍ରାମରେ ପ୍ରାୟ ୧ ନିୟୁତ ଲୋକଙ୍କୁ ପ୍ରଶିକ୍ଷଣ ଯୋଗାଉଛି। ଏଥିଲାଗି ୫୦ ଅଂଶୀଦାର ସହଯୋଗ କରୁଛନ୍ତି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୨ | ୧୪.୪ |
| ଚାନ୍ଦବାଲି | ୨୯.୨ | ୧୫.୮ |
| କଟକ | --- | ୧୫.୫ |
| ପାରାଦ୍ୱୀପ | ୨୯.୪ | ୧୭.୯ |
| ଭୁବନେଶ୍ୱର | ୩୦.୫ | ୧୫.୦ |
| ଗୋପାଳପୁର | ୩୧.୬ | ୧୭.୫ |
| ପୁରୀ | ୩୦.୨ | ୧୮.୬ |
| ଅନୁଗୋଳ | ୨୯.୧ | ୧୨.୬ |
| ବାରିପଦା | ୨୭.୪ | ୧୪.୪ |
| ଝାରସୁଗୁଡ଼ା | ୨୯.୯ | ୧୨.୭ |
| କେନ୍ଦୁଝର | ୨୬.୩ | ୧୨.୪ |
| ସମ୍ବଲପୁର | ୩୦.୪ | ୧୩.୮ |
| ସୁନ୍ଦରଗଡ଼ | ୨୯.୦ | ୧୪.୦ |
| ହୀରାକୁଦ | ୨୯.୭ | ୧୩.୮ |
| ତାଳଚେର | ୩୩.୨ | ୧୩.୪ |
| ଭବାନୀପାଟଣା | ୩୦.୦ | ୧୨.୫ |
| ବଲାଙ୍ଗୀର | ୩୦.୩ | ୧୫.୦ |
| କୋରାପୁଟ | ୨୭.୬ | ୧୧.୦ |
| ଫୁଲବାଣୀ | ୨୬.୫ | ୮.୫ |
| ଟିଟିଲାଗଡ଼ | --- | ୧୩.୦ |
| ମାଲକାନଗିରି | ୩୦.୦ | --- |
| ସୋନପୁର | ୩୦.୨ | ୧୨.୮ |
| ଦାରିଙ୍ଗିବାଡ଼ି | ୨୯.୫ | ୧୧.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ରାଶିର ଏକାଦଶାଧିପତି ଶନି ବାଧକାଧିପତି ଭାବରେ ଚନ୍ଦ୍ରଙ୍କ ପ୍ରତି ଦୃଷ୍ଟିଦେଇଥିବାରୁ ପରିବାରରେ ସନ୍ଦେହ ଓ ଭୁଲ୍‌ବୁଝାମଣା ସୃଷ୍ଟି କରିପାରନ୍ତି। ନୈରାଶ୍ୟର ଛାୟା ଆଚ୍ଛାଦିତ ମନ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡିବ। ଅଫିସରେ କୌଣସି ବିଷୟ ନେଇ ବୁଝାମଣାରେ ତିକ୍ତତା ସୃଷ୍ଟି ହୋଇପାରେ। ଅଶ୍ୱିନୀ ନକ୍ଷତ୍ରର ଆଲୋଚନା, ଆନୁଷ୍ଠାନିକ କାମରେ ଦ୍ୱନ୍ଦ୍ୱ ଦୂର ହୋଇପାରେ।

**ବୃଷ**
ସ୍ୱସ୍ଥାନପାଳ ଶନି ସମସ୍ୟା ଓ ପ୍ରତିବନ୍ଧକ ସ୍ଥାନରେ ଧନ ଓ କାର୍ଯ୍ୟହାନିର କାରଣ ହୋଇପାରନ୍ତି। ସତର୍କତାର ସହ ମାପିଚୁପି କହୁଥିଲେ ମଧ୍ୟ କିଛି ନା କିଛି ଅଭିଯୋଗର କୈଫିୟତ ଦେବାକୁ ପଡିପାରେ। ଜମିଜମା, କଚେରି ମାମଲା, ଆଲୋଚନା ସଭା ଓ ଲେଖାପଢ଼ା ଦିଗରୁ ଉପକୃତ ହେବେ। ସନ୍ତାନଙ୍କ ବିଷୟ ଚିନ୍ତା କରି ମନ ଭଲ ଲାଗି ନ ପାରେ।

**ମିଥୁନ**
ରାଶ୍ୟାଧିପ ତୃତୀୟ ଓ କର୍ମାଧିପଙ୍କ ସହ ରହିଥିବାରୁ ବନ୍ଧୁମାନଙ୍କ ସାହାଯ୍ୟରୁ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଜଣେ ଆତ୍ମୀୟଙ୍କ ସହଯୋଗ ଦ୍ୱାରା ଅର୍ଥଲାଭ ଓ ସମ୍ମାନ ସାଙ୍ଗକୁ ବାଲ୍ୟବନ୍ଧୁଙ୍କ ସାନ୍ନିଧ୍ୟ ଲାଭ କରି ଖୁସି ରହିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ।

**କର୍କଟ**
ଶୁକ୍ର ଓ ଶନି ରାଶ୍ୟାଧିପଙ୍କଠାରୁ ଷଡାଷ୍ଟକ ସ୍ଥିତିରେ ରହି ଆଜି ଅଫିସ୍ କାମରେ ଭାବପ୍ରବଣବଶତଃ ବିରକ୍ତିକର କଥା କହି ଅପଦସ୍ଥ କରାଇପାରେ। ପରକଥାରେ ପ୍ରଭାବିତ ଭୁଲ୍ ମାର୍ଗର ଅନୁସରଣ କରିପାରନ୍ତି। ଜମିଜମା କାରବାର, ସତ୍‌ସଙ୍ଗ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ସ୍ଥାପନ କରିପାରନ୍ତି।

**ସିଂହ**
ରବିଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରେ ଚନ୍ଦ୍ରଙ୍କ ଉଜ୍ଜ୍ୱଳତା ବ୍ୟୟବୃଦ୍ଧି ଓ ଦୂରଯାତ୍ରା ପାଇଁ ମାର୍ଗ ସୁଗମ କରିବ। କିନ୍ତୁ ଶନିଙ୍କ ସମ୍ବନ୍ଧ ଜନିତ ମାନସିକ ଅବସାଦ ବଢ଼ିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ। ଈର୍ଷାପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ମାଲିମକଦ୍ଦମା କିମ୍ବା ବିବାଦୀୟ ଘଟଣାର କିମ୍ବା ବ୍ୟବସାୟରେ ସନ୍ତୋଷଜନକ ଫଳ ପାଇବେ।

**କନ୍ୟା**
ରାଶିଠାରୁ ମଙ୍ଗଳ ଷଷ୍ଠ ସ୍ଥାନସ୍ଥ ହେତୁ ଦୈହିକ ସ୍ୱାସ୍ଥ୍ୟପାଇଁ କୌଣସି ପ୍ରତିକୂଳ ପ୍ରଭାବ ପଡିବ ନାହିଁ। ଭାଗ୍ୟସ୍ଥାନ ପ୍ରତି ଗ୍ରହମାନଙ୍କ ଦୃଷ୍ଟି କାରଣରୁ ଆଜି ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ଅବଶ୍ୟମ୍ଭାବୀ। ଆକସ୍ମିକ ଭାବରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ ଏବଂ ପରିସ୍ଥିତିରେ ପଡି ଖର୍ଚ୍ଚାନ୍ତ ହେବେ।

**ତୁଳା**
ରାଶିସ୍ଥ ଶୁକ୍ର ଦୈହିକ ସୁସ୍ଥତା ସାଙ୍ଗକୁ ବିଳାସବ୍ୟସନ ମଧ୍ୟରେ ଦିନଟିକୁ ଅତିବାହିତ କରିବେ। ହସ୍ତା ନକ୍ଷତ୍ର ସକାଶେ ସକାଳୁ ସକାଳୁ ଧାର, କରଜ କିମ୍ବା ପୂର୍ବ ଶତ୍ରୁତା ସାମୟିକ ଆଲୋଚନାର କେନ୍ଦ୍ରବିନ୍ଦୁ ହେବାର ସୂଚନା ରହିଛି। ପରିବାର ଭିତରେ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ। ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଓ ନୃତ୍ୟ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**ବିଛା**
ଉଚ୍ଚସ୍ଥ ଚନ୍ଦ୍ର ରାଶିକୁ ପ୍ରଭାବିତ କରୁଥିବାରୁ ବିଭିନ୍ନ ପ୍ରକାରର କଳ୍ପନାଜଳ୍ପନା ମନରେ ଆଲୋଡ଼ନ ସୃଷ୍ଟି କରିବ। ଦୀର୍ଘ ସମୟର କାର୍ଯ୍ୟବ୍ୟସ୍ତତା ହେତୁ କ୍ଳାନ୍ତି ଓ ଅବସାଦ ଅନୁଭବ କରିପାରନ୍ତି। ନୂତନ କର୍ମାରମ୍ଭ, ସେବା ଓ ପରୋପକାର ହେତୁ ସାମାଜିକ ପ୍ରତିଷ୍ଠା ବଢ଼ିବ। କୌଣସି ବନ୍ଧୁଙ୍କ ସାହାଯ୍ୟ, ସହଯୋଗ ଓ ଆତ୍ମୀୟତାରେ ଉତ୍ଫୁଲ୍ଲିତ ହୋଇପାରନ୍ତି।

**ଧନୁ**
ଆଜିର ଗ୍ରହସ୍ଥିତିର ପ୍ରଭାବରେ ଆପଣଙ୍କ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହେବାର ବହୁତ ସମ୍ଭାବନା ରହିଛି। ଉତ୍ତରାଷାଢ଼ା ନକ୍ଷତ୍ର ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା କରି କେତେକାଂଶରେ ଉପକୃତ ହେବେ। ଦୀର୍ଘ ଦିନର ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ।

**ମକର**
ଗ୍ରହସ୍ଥିତିର ଅନୁକୂଳତା ଆପଣଙ୍କୁ କୌଣସି ନୂତନ କର୍ମରେ ଉତ୍ସାହିତ କରିବ। କର୍ମକ୍ଷେତ୍ରରେ ପୃଷ୍ଠ ସାହାଯ୍ୟ ଲାଭକରି ମନୋବଳ କ୍ରମଶଃ ବୃଦ୍ଧି ପାଇବାର ଆଶା ରହିଛି। ଫେରନ୍ତା ବାଟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ବିବାଦୀୟ ଘଟଣାରେ ବନ୍ଧୁଙ୍କ ମଧ୍ୟସ୍ଥତା ଭଲ କାମ ଦେବ ଓ ମାମଲା ଫଇସଲା ହୋଇଯିବ।

**କୁମ୍ଭ**
ଲକ୍ଷ୍ୟପୂରଣ ହେବା ସହ ଆଜି ଜଣେ ବନ୍ଧୁଙ୍କ ସାହାଯ୍ୟକୁ ଭୁଲିପାରିବେ ନାହିଁ। ଘର ସାଜସଜ୍ଜାରେ, ନିର୍ମାଣରେ, ଆନୁଷ୍ଠାନିକ କାମରେ, ନୃତ୍ୟ ଓ ସଙ୍ଗୀତରେ ମଜ୍ଜି ରହିପାରନ୍ତି। ଆର୍ଥିକ ଦିଗ ଭଲ ରହିବ ଓ କୌଣସି ଜନହିତକର କାମରେ ତାହାକୁ ବିନିଯୋଗ କରିବା ପାଇଁ ଚିନ୍ତା କରିବେ। ପ୍ରତ୍ୟେକ କ୍ଷେତ୍ରରେ ଶତଭିଷା ନକ୍ଷତ୍ର ସତର୍କ ରହି କାମ କରିବା ଭଲ ହେବ।

**ମୀନ**
ପ୍ରତ୍ୟେକ କର୍ମ, ବନ୍ଧୁଙ୍କ ସହ ଆଲୋଚନା, ଯାତ୍ରା, ବ୍ୟବସାୟ ପ୍ରଭୃତିରେ ଶୁଭଫଳ ପାଇବେ। କିନ୍ତୁ ପାରିବାରିକ ଦିଗରୁ କେତେକ ବ୍ୟତିକ୍ରମ ସୃଷ୍ଟି ହେବାର ସମ୍ଭାବନା ରହିଛି। ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ସମାଲୋଚିତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ପ୍ରଶାସନ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

ଆଜି ମାର୍ଗଶିର କୃଷ୍ଣ ପ୍ରତିପଦାଯୁକ୍ତ ଦ୍ୱିତୀୟା ରବିବାର, ନଭେମ୍ବର ୨୫ ତାରିଖ, ଅନ୍ତର୍ଜାତୀୟ ମହିଳା ହିଂସା ବିରୋଧୀ ଦିବସ, ରାଶି ନକ୍ଷତ୍ର-ମୃଗଶିରା/ମିଥୁନ, ଘ୨ ।୩୦ମି. ଗତେ ଆର୍ଦ୍ରା ନକ୍ଷତ୍ର, ମେଷ ରାଶିର ଘାତବାର, ଦିବା ଘ୭ ।୩୨ମି. ଗତେ ଘ୮ ।୫୬ମି. ମଧ୍ୟେ ଅମୃତବେଳା। ଦିବା ଘ୮ ।୫୬ମି. ଗତେ ଘ୧୦ ।୨୦ମି. ମଧ୍ୟେ, ଘ୧ ।୦୮ମି. ଗତେ ଘ୨ ।୩୨ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୩ ।୪୦ମି. ଗତେ ଘ୫ ।୦୨ମି. ମଧ୍ୟେ ରାହୁକାଳ।




ଆର୍‌ବିଆଇ ନିଜ ପାଖରେ କେତେ ବଳକା ଅର୍ଥ ରଖିପାରିବ ସେ ନେଇ ଆସନ୍ତା ସପ୍ତାହରେ ଏକ ବିଶେଷଜ୍ଞ କମିଟି ଗଠନ କରାଯିବ। କମିଟି ଆସନ୍ତା ବର୍ଷ ଫେବୃୟାରୀ ସୁଦ୍ଧା ରିପୋର୍ଟ ପ୍ରଦାନ କରିବ ବୋଲି ଜଣାପଡିଛି।

## ସଂକ୍ଷେପରେ

### କର୍ଣ୍ଣାଟକରୁ ୨୦ ଦାଦନ ଶ୍ରମିକ ଉଦ୍ଧାର

ସେମିଲିଗୁଡ଼ା/କୋରାପୁଟ, ୨୪।୧୧ (ସ୍ୱ.ପ୍ର): କର୍ଣ୍ଣାଟକକୁ ଦାଦନ ଖଟିବାକୁ ଯାଇଥିବା କୋରାପୁଟ ଜିଲା ପଟ୍ଟାଙ୍ଗି ଅଞ୍ଚଳର ୨୦ ଯୁବତୀଯୁବକଙ୍କୁ ଉଦ୍ଧାର କରାଯାଇଛି। କିଛି ମାସ ତଳେ ପଟ୍ଟାଙ୍ଗି ବ୍ଲକର ଜିଲାଗୁଣ୍ଡା ଗ୍ରାମର ୭ ଯୁବତୀ ଓ ୧୩ ଯୁବକ ସ୍ଥାନୀୟ ଅଞ୍ଚଳର ଲିଙ୍ଗା ଖରାଙ୍କ ଦ୍ୱାରା କର୍ଣ୍ଣାଟକର ସୁରେମ୍ପୁନଗରଠାରେ ଏକ ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସେମାନଙ୍କୁ ଦୈନିକ ୧୨ ଘଣ୍ଟା ଖଟାଯାଉଥିବାବେଳେ ଉପଯୁକ୍ତ ପାରିଶ୍ରମିକ ଓ ଖାଦ୍ୟ ଦିଆଯାଉ ନ ଥିଲା। ଏସ୍‌ପି କନୱର ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ପଟ୍ଟାଙ୍ଗି ପୋଲିସର ଏକ ଦଳ ସେଠାକୁ ଯାଇ ଯୁବତୀଯୁବକଙ୍କୁ ଶୁକ୍ରବାର ଉଦ୍ଧାର କରିଥିଲା।

### ଅଟୋରେ ଯିବାବେଳେ ପ୍ରସବ ଯମଜ କନ୍ୟା ଜନ୍ମଦେଇ ଆଖି ବୁଜିଲେ ପ୍ରସୂତି

ପଟ୍ଟାଙ୍ଗି, ୨୪।୧୧ (ଡି.ଏନ୍.ଏ.): ଆମ୍ବୁଲାନ୍ସ ଆସିବାରେ ଡେରି ହେବାରୁ ଅଟୋରେ ମେଡିକାଲ ଯିବାବେଳେ ବାଟରେ ଦୁଇ ଯମଜ ଶିଶୁକନ୍ୟା ଜନ୍ମଦେଇ ଆଖି ବୁଜିଛନ୍ତି ଜଣେ ଗର୍ଭବତୀ ମହିଳା। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ତଳଗୋଲୁର ପଞ୍ଚାୟତ କାରିବେଡ଼ା ଗାଁର ଜାନି ଗାଙ୍ଗୁଲୁଙ୍କ ସ୍ତ୍ରୀ ଜାନି କାନାମା (୨୦) ୭ ମାସର ଗର୍ଭବତୀ ଥିଲେ। ଶନିବାର ସନ୍ଧ୍ୟାରେ ତାଙ୍କ ପରିବାର ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ଆମ୍ବୁଲାନ୍ସ ଆସି ନଥିଲା। ପ୍ରାୟ ୨ ଘଣ୍ଟା ପରେ ସେମାନେ ବାଧହୋଇ ଜାନି କାନାମାଙ୍କୁ ଅଟୋରେ ପଟ୍ଟାଙ୍ଗି ମେଡିକାଲ ନେଉଥିଲେ। କାରିବେଡ଼ା ଗାଁ ଘାଟି ନିକଟରେ ପ୍ରସବ ବେଦନା ଅସହ୍ୟ ହେବା ସହ ସେହିଠାରେ ହିଁ ୨ ଯମଜ ଶିଶୁକନ୍ୟାଙ୍କୁ ଜନ୍ମ ଦେଇଥିଲେ କାନାମା।

### ଶାଳକଙ୍କ କୋକେଇ କାନ୍ଧେଇ ନେଉଥିବା ଭିଣୋଇଙ୍କ ମୃତ୍ୟୁ

ସାଲେପୁର, ୨୪।୧୧ (ଡି.ଏନ.ଏ.): କଟକ ଜିଲା ସାଲେପୁର ବ୍ଲକ ଅଧୀନ ବାଲିସାହି ପଞ୍ଚାୟତ ହରିଚନ୍ଦନପୁର ପଡ଼ା ଗ୍ରାମରେ ଶନିବାର ସକାଳେ ଏକ ଦୁଃଖଦ ଘଟଣା ଘଟିଛି। ଶାଳକଙ୍କ ଅନ୍ତିମ ସଂସ୍କାର ପାଇଁ କୋକେଇ କାନ୍ଧେଇ ନେଉଥିବା ଭିଣୋଇ ଚେତାଶୂନ୍ୟ ହୋଇ ପଡ଼ିଯିବା ପରେ ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁସାରେ, ଗ୍ରାମର ବସନ୍ତ ନନ୍ଦ (୭୨) କିଛିଦିନ ହେବ ଅସୁସ୍ଥ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ପରେ ବସନ୍ତଙ୍କ ମୃତଦେହକୁ ଭିଣୋଇ ମନୋରଞ୍ଜନ (୫୫) ଏବଂ ବସନ୍ତଙ୍କ ପରିବାର ଲୋକେ ହରିଚନ୍ଦନପୁର ଗ୍ରାମକୁ ଆଣି ଅନ୍ତିମ ସଂସ୍କାର ପାଇଁ ଗ୍ରାମ ଶ୍ମଶାନକୁ ନେଉଥିଲେ। ଏହି ସମୟରେ ମନୋରଞ୍ଜନ ହଠାତ୍ ପଡ଼ିଯାଇ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ପରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମନୋରଞ୍ଜନଙ୍କ ଘର ଟାଙ୍ଗୀ ବ୍ଲକ ଶାଳଗାଁ ପଞ୍ଚାୟତ ନଖରା ଗ୍ରାମରେ ବୋଲି ଜଣାପଡ଼ିଛି।

# ୫ ଦିନରେ ସରିଲା ଶୀତ ଅଧିବେଶନ

ଭୁବନେଶ୍ୱର, ୨୪।୧୧ (ବ୍ୟୁରୋ)



- ୧୮ କାର୍ଯ୍ୟଦିବସ କମିଲା
- ବିରୋଧୀଙ୍କ ସମାଲୋଚନା

ଚଳିତ ବର୍ଷ ଶୀତ ଅଧିବେଶନ ମାତ୍ର ୫ଟି କାର୍ଯ୍ୟ ଦିବସ ପରେ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ଘୋଷିତ ହୋଇଛି। ଧାର୍ଯ୍ୟ ସମୟରୁ ୧୮ କାର୍ଯ୍ୟଦିବସ ଆଗରୁ ଶନିବାର ବିଧାନସଭାକୁ ବନ୍ଦ କରାଯାଇଛି। ଏହାକୁ ନେଇ ବିରୋଧୀ କଂଗ୍ରେସ ଏବଂ ଭାଜପା ସଭ୍ୟ ପ୍ରଶ୍ନ ଉଠାଇଛନ୍ତି। ଶାସକ ଦଳ ସଭ୍ୟ ମହେଶ ସାହୁ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନ ଥିବାରୁ ବିଧାନସଭାକୁ ବନ୍ଦ କରିବା ପାଇଁ କହିଥିଲେ। ଏହାକୁ ସଭ୍ୟ ଅଶ୍ୱିନୀ ପାତ୍ର ସମର୍ଥନ କରିବା ସହ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପ୍ରସ୍ତାବ ଆଣିବା ପାଇଁ ଶାସକ ଦଳର ମୁଖ୍ୟ ସଚେତକଙ୍କୁ ଅନୁରୋଧ କରିଥିଲେ। ଶାସକ ଦଳର ମୁଖ୍ୟ ସଚେତକ ଅମର ଶତପଥୀ ଗୃହର କାର୍ଯ୍ୟ ଦିବସକୁ ୧୮ ଦିନ କମାଇବା ପାଇଁ ପ୍ରସ୍ତାବ ଦେଇଥିଲେ, ଯାହାକି ବାଚନିକ ଭାବେ ଅନୁମୋଦନ ଲାଭ କରିଥିଲା।

ଚଳିତ ଅଧିବେଶନରେ ସର୍ବସମ୍ମତିକ୍ରମେ ମହିଳାଙ୍କ ପାଇଁ ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ସଂକଳ୍ପ ଗୃହୀତ କରାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସେହିପରି ଗୃହ କାର୍ଯ୍ୟ ପରିଚାଳନାକୁ ସୁଚାରୁରୂପେ ସମ୍ପାଦନରେ ସହଯୋଗ କରିଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ବକ୍ତବ୍ୟ ଦେବା ସମୟରେ ଗୃହରେ ଉପସ୍ଥିତ ଭାଜପା ସଭ୍ୟମାନେ ଆଗୁଆ ବିଧାନସଭା ବନ୍ଦକୁ ବିରୋଧ କରି କକ୍ଷତ୍ୟାଗ କରିଥିଲେ। ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ୫ ଦିନ ଗୃହ କାର୍ଯ୍ୟ ଚାଲିଥିବାବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଏହା ସତ ଯେ ଆହୁରି ଅଧିକ ଆଲୋଚନା ହୋଇପାରିଥାନ୍ତା। ନୂତନ ବର୍ଷ ଆସୁଥିବାରୁ ସମସ୍ତଙ୍କୁ ଆଗୁଆ ଶୁଭକାମନା। ଗୃହ କାର୍ଯ୍ୟରେ ନିୟୋଜିତ ସମସ୍ତଙ୍କୁ ବିରୋଧୀ ଦଳ ନେତା ଧନ୍ୟବାଦ ଦେଇଛନ୍ତି। ଏହା ପରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ବୋଲାଯାଇଥିଲା। ଏହା ପରେ ବିରୋଧୀ ଦଳ ନେତା ମିଶ୍ର ନିଜ ଆସନରୁ ଉଠି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଆସି କରମର୍ଦ୍ଦନ କରିଥିଲେ। ହେଲେ ବିଧାନସଭା ଅଧିବେଶନକୁ ଧାର୍ଯ୍ୟ ସମୟ ଆଗରୁ ବନ୍ଦ କରାଯିବାକୁ ବିରୋଧୀ ଦଳ ନେତା ନାପସନ୍ଦ କରିଛନ୍ତି। ସରକାର ଆଗୁଆ ଗୃହ ବନ୍ଦ କରିଥିବାରୁ ରବି ନାଏକ ଗୃହ ବାହାରେ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ମରୁଡ଼ି, ତିତ୍‌ଲି, ଚାଷୀ ଆତ୍ମହତ୍ୟା, ବ୍ରହ୍ମ ବିଭ୍ରାଟ, କେନ୍ଦ୍ର ଅବହେଳା ରାଜନୀତି, ଅମଲାତନ୍ତ୍ର ହସ୍ତକ୍ଷେପ ପରି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଆଲୋଚନା ହେବାକୁ ଥିଲା। ବିରୋଧୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅନେକ ପ୍ରସ୍ତାବକୁ ମଧ୍ୟ ଗ୍ରହଣ କରାଯାଇ ନ ଥିଲା। ଆଗକୁ ନିର୍ବାଚନ ଥିବାରୁ ବିଜେଡି ସରକାର ପବିତ୍ର ଗୃହକୁ ସମ୍ମୁଖୀନ ହେବା ପାଇଁ ଡରୁଥିବା ରବି କହିଛନ୍ତି।

ଚଳିତ ଅଧିବେଶନ ୧୬ ତାରିଖରୁ ଆରମ୍ଭ ହୋଇଥିଲା। ଏଥିରେ ୪ଟି ସରକାରୀ କାର୍ଯ୍ୟ ଦିବସ ରହିଥିବାବେଳେ ୫ଟି ଶୋକ ପ୍ରସ୍ତାବ ଆସିଥିଲା। ଅଧିବେଶନରେ ଗ୍ରହଣ ହୋଇଥିବା ୩୭୪ଟି ତାରକା ଚିହ୍ନିତ ପ୍ରଶ୍ନ ମଧ୍ୟରୁ ମାତ୍ର ୬ଟି ମୌଖିକ ଉତ୍ତର ଦିଆଯାଇଛି। ସେହିପରି ୫୪୦ଟି ଅଣତାରକା ପ୍ରଶ୍ନର ନୋଟିସ ଗ୍ରହଣ କରାଯାଇ ୬୮୩ଟି ଉତ୍ତର ପ୍ରଦାନ କରାଯାଇଥିଲା। ୫ଟି ମୁଲତବୀ ପ୍ରସ୍ତାବ ନୋଟିସ ଗ୍ରହଣ କରାଯାଇ ୨ଟି ଆଲୋଚନା ହୋଇଥିଲା। ୮ଟି ଦୃଷ୍ଟି ଆକର୍ଷଣକାରୀ ନୋଟିସ, ୧୧୭ଟି କାଗଜ ଉପସ୍ଥାପନ, ୪ଟି ବାର୍ଷିକ ରିପୋର୍ଟ, ୨ଟି କମିଟି ରିପୋର୍ଟ ଏବଂ ଗୋଟିଏ ସଂକଳ୍ପ ଗୃହୀତ ହୋଇଛି।

# ସିନେମାରେ ସମାଜ ପରିବର୍ତ୍ତନର ବାର୍ତ୍ତା

ମୁମ୍ବାଇ

ସିନେମାରେ ସମାଜ ପରିବର୍ତ୍ତନର ବାର୍ତ୍ତା ରହିଛି ବୋଲି ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁ ପ୍ରକାଶ କରିଛନ୍ତି। ତାଙ୍କ ଅଭିନୀତ 'ମୁଲକ୍' ଭଳି ଫିଲ୍ମ ସାମାଜିକ ସମସ୍ୟା ଆଧାରିତ ହୋଇଥିଲେ ହେଁ ଏହାର ସମାଧାନ ପାଇଁ ଉଦ୍ୟମ କରାଯାଇଛି ବୋଲି ସେ କହିଛନ୍ତି। କିଛିଦିନ ତଳେ ମୁକ୍ତିଲାଭ କରିଥିବା ଏହି ଫିଲ୍ମକୁ ଦର୍ଶକମାନେ ଯେଭଳି ଗ୍ରହଣ କରିଛନ୍ତି ସେଥିପାଇଁ ସେ ଖୁସି ଅଛନ୍ତି। କିନ୍ତୁ କେତେକ ସମ୍ପ୍ରଦାୟକୁ ସମାଜ ଭିନ୍ନଦୃଷ୍ଟିରେ ଦେଖିବାର ଚିତ୍ର ଏଥିରେ ପ୍ରଦର୍ଶିତ ହୋଇଥିବାରୁ ସେ ମନ ଦୁଃଖ କରିଛନ୍ତି। ୩୧ ବର୍ଷ ବୟସ୍କା ତାପସୀ ମୁଲକରେ ଜଣେ ଆଇନଜୀବୀ ଭୂମିକାରେ ଅଭିନୟ କରି ସମାଜରେ ପରିବର୍ତ୍ତନ ଆଣିବା ପାଇଁ ଚାହିଁଛନ୍ତି। ତାଙ୍କ କହିବାନୁଯାୟୀ, ସମାଜ ହେୟ ଦୃଷ୍ଟିରେ ଦେଖୁଥିବା ସମ୍ପ୍ରଦାୟ ପାଇଁ ସେ ଛିଡାହେବା ସହିତ ଲୋକଙ୍କ ମନରେ ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମ କରିଛନ୍ତି। ଅନୁଭବ ସିହ୍ନାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଭିନୟ କରିଛନ୍ତି ଋଷି କପୁର, ରଜତ କପୁର, ନୀନା ଗୁପ୍ତା, ପ୍ରତୀକ ବବର ଏବଂ ଆଶୁତୋଷ ରାଣା। ମୁଲକ୍ ଛୋଟ ସ୍କ୍ରିନ୍‌ରେ ଟେଲିକାଷ୍ଟ ହେବାକୁ ଯାଉଥିବା ବେଳେ ଏଥିରେ ପ୍ରକୃତରେ କ'ଣ କୁହାଯାଇଛି ତାହା ଲୋକେ ବୁଝିବା ଉଚିତ ବୋଲି ତାପସୀ ପ୍ରକାଶ କରିଛନ୍ତି। ମୁଲକ୍ ରବିବାର ୱାର୍ଲଡ ଟେଲିଭିଜନ୍ ପ୍ରିମିୟର ଅନ୍ ଆଣ୍ଡ ପିକ୍‌ଚର୍ସ ଚ୍ୟାନେଲରେ ପ୍ରଦର୍ଶିତ ହେବ।



# ୩୬ ହୋଟେଲ ଶିଳ୍ପକୁ ଅନୁମୋଦନ

ଭୁବନେଶ୍ୱର, ୨୪।୧୧ (ବ୍ୟୁରୋ)

ରାଜ୍ୟରେ ହୋଟେଲ ଶିଳ୍ପର ବିକାଶ ପାଇଁ ଓଡ଼ିଶା ପର୍ଯ୍ୟଟନ ନୀତି-୨୦୧୩ ଏବଂ ୨୦୧୬ ଅନୁଯାୟୀ ତ୍ରିସ୍ତରୀୟ ସିଙ୍ଗଲୱିଣ୍ଡୋ କମିଟି ଗଠନ କରାଯାଇଛି। ଏହା ମାଧ୍ୟମରେ ୩୬ଟି ହୋଟେଲ ସ୍ଥାପନ ପାଇଁ ଅନୁମୋଦନ ଦିଆଯାଇଛି। ହୋଟେଲ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ କାହାରିକୁ ଜମି ଦିଆଯାଇନାହିଁ। ହୋଟେଲ ଶିଳ୍ପ ପାଇଁ ସାଧାରଣ ପ୍ରଶାସନ ବିଭାଗ, ବିଡ଼ିଏ ଏବଂ ଜିଲାପାଳ ଜମି ଯୋଗାଉଛନ୍ତି। ଇଡ୍‌କୋ ବିଭିନ୍ନ ଶିଳ୍ପାଞ୍ଚଳରେ ୭୭ଟି ହୋଟେଲ ପାଇଁ ଜମି ପ୍ରଦାନ କରିଛି। ସେଥିରୁ ୧୪ଟି ସଂସ୍ଥା ହୋଟେଲ ପ୍ରତିଷ୍ଠା କରିନାହାନ୍ତି। ହୋଟେଲ ନିର୍ମାଣ ଶେଷ କରିବାକୁ ପର୍ଯ୍ୟଟନ ବିଭାଗ ସେମାନଙ୍କ ସହ ନିୟମିତ ଯୋଗାଯୋଗ କରୁଛି। ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କଂଗ୍ରେସ ସଭ୍ୟ ନବକିଶୋର ଦାସଙ୍କ ଏକ ପ୍ରଶ୍ନର ଉତ୍ତରରେ ଶନିବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।





ଧରିତ୍ରୀ କାଗଜର ମୁଁ ଜଣେ ନିୟମିତ ବିଜ୍ଞାପନଦାତା। ମୋ ତରଫରୁ ଧରିତ୍ରୀର ପାଠକ, ପାଠିକା ତଥା ବିଜ୍ଞାପନଦାତାଙ୍କୁ ଅନେକ ଅନେକ ଶୁଭେଚ୍ଛା। (ସମସ୍ତ ପ୍ରକାର ଗୁଡ଼ି ପାଇଁ ଯୋଗାଯୋଗ କରନ୍ତୁ)
ଜଗଦମ୍ବା ମେଟେଲ
ପ୍ରୋ: ଦୁର୍ଗାମାଧବ ପାଢ଼ୀ
ପଥରପୁଞ୍ଜି, ଶେରଗଡ଼ (ଗଞ୍ଜାମ)


















ଅତିମାନସ ଉପଲବ୍ଧି ହେଲା– ଯେଉଁ ସତ୍ୟ ଊର୍ଦ୍ଧ୍ୱ ଲୋକରୁ ଆସୁଛି– ତା'ସହିତ ନିମ୍ନଲୋକ ବା ଅଧୋଲୋକରୁ ଆସୁଥିବା ସତ୍ୟ ସହିତ ସଂପୂର୍ଣ୍ଣ ମିଳନର ଉପଲବ୍ଧି।
–ଶ୍ରୀମା



# ନକାରାତ୍ମକ ଚିନ୍ତା



ଆକାର ପଟେଲ

ଡିସେମ୍ବର ୬, ୧୯୯୨କୁ ମୋର ୨୩ତମ ଜନ୍ମଦିନ ମାତ୍ର ଅଳ୍ପ କେଇଦିନ ବାକି ଥିଲା। ସେଦିନ ସନ୍ଧ୍ୟାରେ ମୁଁ ମୋ ସାଙ୍ଗ ରାଜୀବ ଦେଶାଇଙ୍କ ଘରେ ଥିଲି ଏବଂ ସେ ମୋତେ କହିଲେ ଯେ ବାବ୍ରି ମସ୍‌ଜିଦକୁ ଭାଙ୍ଗି ଦିଆଗଲା। କିଛି ଗୋଟାଏ ନୂଆ ଓ ମୌଳିକ ଘଟଣା ଘଟିଲା ଭାବି ମୁଁ ଖୁବ୍ ଉତ୍ସାହିତ ଅନୁଭବ କଲି। ତା' ପରଦିନ ସକାଳେ ମୁଁ ସୁରତର ଟେକ୍ସଟାଇଲ ମାର୍କେଟରେ ଥିବା ଆମର ଦୋକାନ ଖୋଲିବାକୁ ଗଲାବେଳେ ଦେଖିଲି ବଜାର ବନ୍ଦ। ମୁଁ ଫୋନ୍ କରି ବାପାଙ୍କୁ ପଚାରିଲି, ଏବେ କ'ଣ କରିବାକୁ ହେବ। ସେ ମୋତେ କହିଲେ କିଛି ସମୟ ଅପେକ୍ଷା କରି ପରିସ୍ଥିତି ଦେଖି ତା'ପରେ ଘରକୁ ଫେରିଆସିବା ପାଇଁ। ଘରକୁ ଫେରିବା ବାଟରେ ଅଳ୍ପ ଦୂରରେ ମୋ ଗାଡ଼ିକୁ ଅଟକେଇ ମୋ ନାଁ ପଚରାଗଲା। ମୁଁ ନାଁ କହିବା ପରେ ଜଣେ ଲୋକ ମୋତେ କହିଲେ– ଦୟାକରି ଏଠାକୁ ଆଉ ଫେରିବେ ନାହିଁ। ଆମର ଅଷ୍ଟମ ମହଲାରେ ଥିବା ଫ୍ଲାଟ୍‌ରୁ ଦିନ ଗୋଟାଏ ବେଳେ ମୁଁ ଦେଖିପାରୁଥିଲି ସୁରତର ବିଭିନ୍ନ ଅଞ୍ଚଳରୁ ଧୂମକୁଣ୍ଡଳୀମାନ ଆକାଶକୁ ଉଠୁଥିବାର। ଏହା ପୂର୍ବରୁ ଏପରି ଗଣହିଂସା କେବେ ଦେଖି ନ ଥିଲି ଏବଂ ଅଳ୍ପ କିଛିଦିନ ଭିତରେ ସହରରେ ୫୦୦ରୁ ଅଧିକ ଲୋକଙ୍କର ମୁଣ୍ଡ ଗଡ଼ିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ମୁସଲମାନ। ଯେଉଁସବୁ ଘର ଓ ବ୍ୟବସାୟ ପ୍ରତିଷ୍ଠାନରୁ ଧୂଆଁ ଉଠୁଥିଲା, ସେଗୁଡ଼ିକ ପ୍ରାୟତଃ ମୁସଲମାନଙ୍କର ଥିଲା।

ସେତେବେଳକୁ ମୋର ଉତ୍ସାହରେ ପାଣି ପଡ଼ିଯାଇଥିଲା। ମୁଁ ଅନୁଭବ କରିପାରିଥିଲି ଯେ କିଛି ନୂଆ ଓ ମୌଳିକ ଘଟଣା ତ ଘଟିଛି, କିନ୍ତୁ ତାହା ସକାରାତ୍ମକ ଭାବରେ ଘଟିନାହିଁ। ଆମେ ମୁସଲମାନଙ୍କ ମସ୍‌ଜିଦକୁ ଭାଙ୍ଗିବା ପରେ ସେମାନଙ୍କୁ ଦଣ୍ଡ ଦେଉଛୁ। କିନ୍ତୁ କୌଣସି ଭାରତୀୟ ଭାଷା ଜାଣି ନ ଥିବା ଲେଖକ ଭି.ଏସ୍. ନୈପଲଙ୍କ ମତ ଥିଲା ମସଜିଦ ବିରୋଧରେ ଯେଉଁ ଅଭିଯାନ ଆରମ୍ଭ ହୋଇଛି, ତାହା ସକାରାତ୍ମକ। ଏହାଦ୍ୱାରା ହିନ୍ଦୁ ମାନଙ୍କ ଭିତରେ ଜାଗରଣ ଦେଖାଦେଇଛି।

ତେବେ ନୈପଲ ଯାହା କହିଲେ ତାହା ତାଙ୍କ ଧାରଣା ମାତ୍ର। ଯଦି ଜଣେ ଏ ବିଷୟରେ ଗଭୀର ଭାବେ ଚିନ୍ତାକରେ, ତାଙ୍କ ଯୁକ୍ତି ହାସ୍ୟକର ମନେହେବ। ଏଥିରେ ଧରିନିଆଯାଇଛି ଯେ, ଆଫଗାନ, ତୁର୍କ, ମୋଗଲ ଓ ପର୍ସିଆନ ପ୍ରଭୃତି ବିଭିନ୍ନ ରାଜବଂଶ ଦ୍ୱାରା ସମସ୍ତ ଶତାବ୍ଦୀର ଶାସନ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା। ଉପନିବେଶବାଦୀ ଶାସକ ଯେଉଁମାନେ ମୁସଲମାନ ନ ଥିଲେ, ଯଥା ବରୋଦାର ମରାଠା ଗାଏକୱାଡ଼ ବା ଗ୍ୱାଲିୟରର ସିନ୍ଧିଆ, ସେମାନେ ଅଲଗା ପ୍ରକାର ଥିଲେ। ସେମାନେ ଲୋକଙ୍କ ଉପରେ ଦମନମୂଳକ କର ବସାଉ ନ ଥିଲେ। ପୁଣି ଏଥିରେ ଧରିନିଆଯାଇଛି ଯେ, ଭାରତର ସବୁ ଅଞ୍ଚଳ ମୁସଲମାନ ଶାସିତ ଥିଲା। କିନ୍ତୁ ଏହା ସତ୍ୟ ନୁହେଁ।

ନୈପଲ କୌଣସି ଶିକ୍ଷାବିତ୍ ନ ଥିଲେ। ସେଥିପାଇଁ ତାଙ୍କର ଏହି ଥେସିସ୍‌କୁ ବିଧିବଦ୍ଧ ଭାବରେ ଚ୍ୟାଲେଞ୍ଜ କରାଯାଇ ନାହିଁ। କୌଣସି ପ୍ରକୃତ ବିଦ୍ୱାନ୍ ଏପରି ତ୍ରୁଟିପୂର୍ଣ୍ଣ ଯୁକ୍ତି କରିବ ନାହିଁ ଏବଂ କେହି ବି କରିନାହାନ୍ତି। ୧୯୯୨ ଡିସେମ୍ବର ୬ ଘଟଣା ପରେ କ'ଣ ହିନ୍ଦୁମାନଙ୍କ ଭିତରେ ଜାଗରଣ ସୃଷ୍ଟି ହୋଇଛି? କେବେ ନୁହେଁ। କୌଣସି ଦୃଷ୍ଟିରୁ ବି ଆମେ ଏକ ଭିନ୍ନ ଜାତି ନୋହୁଁ। ଆମର ସାମଗ୍ରିକ ଚିନ୍ତନରେ ପରିବର୍ତ୍ତନ ଆସିଛି ୧୯୯୧ରେ ମନମୋହନ ସିଂଙ୍କ ଉଦାରୀକରଣ ନୀତି ଯୋଗୁ, ୧୯୯୨ର ବର୍ବରତା ଯୋଗୁ ନୁହେଁ। ସମ୍ଭବତଃ ନୈପଲ ଦୀର୍ଘକାଳ ଅନ୍ତରରେ ପରିବର୍ତ୍ତନ ଆସିବ ବୋଲି ଭାବିଥିବେ। କିନ୍ତୁ ଏହା ଭିତରେ ପ୍ରାୟ ୨୫ ବର୍ଷ ବିତିଗଲାଣି ଓ କିଛି ପରିବର୍ତ୍ତନ ଘଟିନାହିଁ। ଏହି ୨୫ ବର୍ଷ ଭିତରେ ଅନେକ ପିଲା ଜନ୍ମ ହୋଇଛନ୍ତି। ବାବ୍ରି ଭଙ୍ଗା ଘଟଣା ସେମାନଙ୍କ ଜୀବନରେ କିଛି ପ୍ରଭାବ ପକାଇବ ବୋଲି ମନେହୁଏ ନାହିଁ। ମାନସିକ ମୁକ୍ତି ବା ଜାଗରଣର ପ୍ରଶ୍ନ ହିଁ ଉଠୁନାହିଁ। କେବଳ ଗୋଟିଏ ପରିବର୍ତ୍ତନ ଆସିଛି ଯେ ଏକ ଜାତି ହିସାବରେ କଥାବର୍ତ୍ତାରେ ଆମେ ଅତି ସହଜରେ ସାମ୍ପ୍ରଦାୟିକ ହୋଇଯାଉଛୁ। ଆଜିକାଲି ରାଜନୈତିକ ଦଳଗୁଡ଼ିକ ଓ ଗଣମାଧ୍ୟମ ଏପରି ସବୁ ଦାୟିତ୍ୱହୀନ ମନ୍ତବ୍ୟ ଦେଇପାରୁଛନ୍ତି, ଯାହା ସେମାନେ ୧୯୯୨ ପୂର୍ବରୁ ଦେଇପାରୁ ନ ଥିଲେ।

ଆମେ ଖବର ପାଇଛୁ ଯେ, ଅଯୋଧ୍ୟାରେ ବିଶ୍ୱ ହିନ୍ଦୁ ପରିଷଦ ଓ ସଂଘ ପରିବାରର ଦୁଇ ଲକ୍ଷ ସଦସ୍ୟ ଏକଜୁଟ ହେଉଛନ୍ତି। ସେଠାକୁ ଉଦ୍ଧବ ଠାକରେଙ୍କ ନେତୃତ୍ୱରେ ୫ ହଜାରରୁ ଅଧିକ ଶିବସୈନିକ ମଧ୍ୟ ଯୋଗଦେବାକୁ ଯାଉଛନ୍ତି। ସେମାନେ ଘୋଷଣା କରିଛନ୍ତି ଯେ, ଏହା ହେବ ଅଯୋଧ୍ୟାରେ ସେମାନଙ୍କର ଶେଷ ଧର୍ମସଭା। ନିର୍ବାଚନ ପୂର୍ବରୁ ରାମ ମନ୍ଦିର ଆରମ୍ଭ କରିବା ପାଇଁ ଭାଜପା ଉପରେ ଚାପ ପକାଇବାକୁ ସେମାନେ ଏହା କରୁଛନ୍ତି। ଯଦି ଭାଜପା ଆଜି କ୍ଷମତାରେ ଅଛି, ତେବେ ଏହା ୧୯୯୨ ଘଟଣାର ପରିଣତି। ସେତେବେଳେ ଯେଉଁ ମନୋଭାବ ଭାଜପାକୁ ଲୋକପ୍ରିୟ କରି ତୋଳିଥିଲା ତାହା ସାମ୍ପ୍ରଦାୟିକ ଓ ନକାରାତ୍ମକ ଥିଲା। ଏହା ମନ୍ଦିର ସପକ୍ଷରେ ନୁହେଁ ବରଂ ମସ୍‌ଜିଦ ବିରୋଧରେ ଥିଲା। ସେଥିପାଇଁ ରାମ ଜନ୍ମଭୂମି ଆନ୍ଦୋଳନ ବାବ୍ରି ମସ୍‌ଜିଦ ଭାଙ୍ଗିବା ସହ ଭୁଶୁଡ଼ି ପଡ଼ିଲା।

ଆଜି ମଧ୍ୟ ଏହା ନକାରାତ୍ମକ ହୋଇ ରହିଛି ଏବଂ ଏହାର ଉଦ୍ଦେଶ୍ୟ ହେଉଛି ଅନ୍ୟ ଭାରତୀୟଙ୍କୁ ଦଣ୍ଡିତ କରିବା। ଏଥିରେ ଭକ୍ତି ଭାବ ନାହିଁ। ଅଛି କେବଳ ଘୃଣା ଭାବ। ଏପରି ତିକ୍ତତା ଓ ଘୃଣାରୁ କିଛି ହେଲେ ସକାରାତ୍ମକ ଲାଭ ମିଳିବ ନାହିଁ। ନୈପଲ ଏହା ବୁଝିପାରି ନ ଥିଲେ। ସେ ତ ଏ ଦେଶର ଲୋକ ନୁହନ୍ତି, ସେ ମତ ଦେଇ ତାଙ୍କ ଦେଶକୁ ଚାଲିଗଲେ। କିନ୍ତୁ ଆମକୁ ଏଇ ଦେଶରେ ଅନ୍ୟ ଭାରତୀୟଙ୍କ ସହ ରହିବାକୁ ପଡ଼ିବ। ତେଣୁ ଆମକୁ ନକାରାତ୍ମକ ଚିନ୍ତାଧାରାରୁ ଦୂରରେ ରହିବାକୁ ପଡ଼ିବ।

Email: aakar.patel@gmail.com

# ବଡ଼ ଲୋକଙ୍କ ଛୋଟ କାମ



ପ୍ରକାଶ ତ୍ରିପାଠୀ

ବେଳେ ବେଳେ ଘରୁ ଜିନିଷଟିଏ ନ ମିଳିଲେ ଚୋରି ହୋଇଗଲା ବୋଲି ମନରେ ଆଶଙ୍କା ଉପୁଜେ। ମନରେ ଏ ଚୋରିର ଆଶଙ୍କା ହେବା ମାତ୍ରକେ ସନ୍ଦେହ ଘନୀଭୂତ ହୁଏ, ଘରେ କାମଦାମ କରୁଥିବା କାମବାଲି ବା ଘରକୁ ଯା'ଆସ କରୁଥିବା ସେହିଭଳି କିଛି ଲୋକଙ୍କ ଉପରେ। ଆମର ଧାରଣା ଥାଏ ଯେ, ଏମାନେ ଅଭାବ ଅସୁବିଧାରେ ଅଛନ୍ତି ତ ତେଣୁ ଚୋରି କରି ନେଇଯାଇଥିବେ। କିନ୍ତୁ ଅନେକ ସମୟରେ ଆମର ଏହି ସନ୍ଦେହ ଭୁଲ୍ ପ୍ରମାଣିତ ହୁଏ। ଏଭଳି ଏକ ଉପକ୍ରମଣିକା ଉଲ୍ଲେଖ କରିବାର କାରଣ ହେଉଛି, ନିକଟରେ ଏହିଭଳି ଏକ ଅବିଶ୍ୱାସଯୋଗ୍ୟ ଖବରଟିଏ ପ୍ରକାଶ ପାଇଛି, ଯାହାକି ଆମର ସ୍ୱଚ୍ଛଳ ତଥା ଧନିକ ଶ୍ରେଣୀର ଲୋକଙ୍କ ଚରିତ୍ର ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗଣମାଧ୍ୟମରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଥିବା ଏହି ଖବର ଅନୁଯାୟୀ ଗତ ୨୦୧୭–୧୮ ଆର୍ଥିକ ବର୍ଷରେ ଦେଶର ବିଭିନ୍ନ ରୁଟ୍‌ରେ ଚଳାଚଳ କରୁଥିବା ଟ୍ରେନ୍‌ର ଶୀତତାପ ନିୟନ୍ତ୍ରିତ ଅର୍ଥାତ୍ ଏସି କୋଚ୍‌ରୁ ପ୍ରାୟ ୧୪ କୋଟି ଟଙ୍କା ମୂଲ୍ୟର ଟାୱେଲ, ବେଡ୍‌ଶିଟ୍, କମ୍ବଳ ଆଦି ସାମଗ୍ରୀ ଚୋରି ହୋଇଛି। ଚୋରି ହୋଇଥିବା ମୋଟ ୨୧,୭୨,୨୪୭ଟି ସାମଗ୍ରୀ ମଧ୍ୟରୁ ୧୨,୮୩,୪୧୫ଟି ଟାୱେଲ, ୪,୭୧,୦୭୭ଟି ବେଡ୍‌ଶିଟ୍, ୩,୧୪,୯୫୨ଟି ତକିଆଖୋଳ, ୫୬,୨୮୭ଟି ତକିଆ ଓ ୪୬,୫୧୫ଟି ବ୍ଲାଙ୍କେଟ୍ ଅନ୍ତର୍ଭୁକ୍ତ। ଏସି କୋଚ୍‌ରେ ଯାତ୍ରା କରୁଥିବା କିଛି ସ୍ୱଚ୍ଛଳ ବର୍ଗର ଯାତ୍ରୀ ଏହି ଚୋରି କାର୍ଯ୍ୟରେ ସଂପୃକ୍ତ ରହିଥିବା ରେଲ୍‌ୱେ ପକ୍ଷରୁ ସନ୍ଦେହ ପ୍ରକାଶ ପାଇଛି।

ଟ୍ରେନ୍‌ର ଏସି କୋଚ୍‌ରେ ଯାତ୍ରୀମାନଙ୍କ ସୁଖଦ ଯାତ୍ରା ପାଇଁ ରେଲ୍‌ୱେ ପକ୍ଷରୁ ଟାୱେଲ, ବେଡ୍‌ଶିଟ୍, ବ୍ଲାଙ୍କେଟ୍ ଓ ତକିଆ ଆଦି ସାମଗ୍ରୀ ଯୋଗାଇ ଦିଆଯାଇଥାଏ। ଯାତ୍ରୀମାନେ ଏହାକୁ ବ୍ୟବହାର କରନ୍ତି ଓ ଗନ୍ତବ୍ୟ ସ୍ଥାନରେ ଓହ୍ଲାଇବା ପୂର୍ବରୁ ସେଗୁଡ଼ିକୁ ନିଜ ବର୍ଥରେ ରଖିଦେଇ ଯାଆନ୍ତି। କିଛି ମାସ ତଳେ ଟ୍ରେନ୍‌ରେ ବମ୍ବେ ଯାଉଥିଲା ବେଳେ କଥା ପ୍ରସଙ୍ଗରେ ଜଣେ ଆଟେଣ୍ଡାଣ୍ଟ ଦୁଃଖର ସହ କହିଥିଲେ ଯେ, ସେମାନଙ୍କୁ କମ୍ପାର୍ଟମେଣ୍ଟର ବର୍ଥ ସଂଖ୍ୟା ଅନୁଯାୟୀ ଆବଶ୍ୟକ ସାମଗ୍ରୀ ହିସାବ କରି ଦିଆଯାଏ ଓ ସମାନ ସଂଖ୍ୟକ ସାମଗ୍ରୀ ସେମାନଙ୍କୁ ଗଣିକରି ଫେରାଇବାକୁ ପଡ଼ିଥାଏ। ଯଦି କୌଣସି ସାମଗ୍ରୀ କମ୍ ଥାଏ ତେବେ ତାହାର ମୂଲ୍ୟ ସେମାନଙ୍କ ଦରମାରୁ କାଟି ଦିଆଯାଏ। ବିଭିନ୍ନ ସମୟରେ ଯାତ୍ରୀମାନଙ୍କୁ ଏ ବାବଦରେ ସଚେତନ କରାଯାଇଥିଲେ ମଧ୍ୟ ଏସି କୋଚ୍‌ରୁ ନିୟମିତ ଭାବେ ବେଡ୍‌ଶିଟ୍, ବ୍ଲାଙ୍କେଟ, ତକିଆଖୋଳ ଆଦି ସାମଗ୍ରୀ ଚୋରି ଅବ୍ୟାହତ ରହିଛି। କମ୍ ସ୍ୱଚ୍ଛଳ ବର୍ଗର ଲୋକମାନେ ସାଧାରଣତଃ ସ୍ଲିପର ଅବା ଜେନେରାଲ କମ୍ପାର୍ଟମେଣ୍ଟରେ ଯାତ୍ରା କରୁଥିଲା ବେଳେ ସ୍ୱଚ୍ଛଳ ତଥା ସମ୍ଭ୍ରାନ୍ତ ଶ୍ରେଣୀର ଯାତ୍ରୀମାନେ ଏସି କମ୍ପାର୍ଟମେଣ୍ଟରେ ଯାତ୍ରା କରିଥାନ୍ତି। ବେଡ୍‌ଶିଟ୍, ବ୍ଲାଙ୍କେଟ, ତକିଆ ଆଦି ସାମଗ୍ରୀ କେବଳ ଏସି କମ୍ପାର୍ଟମେଣ୍ଟରେ ଯୋଗାଇ ଦେବାର ବ୍ୟବସ୍ଥା ଥିବାରୁ ଚୋରିରେ ଏହି ବଡ଼ ଲୋକଙ୍କ ଭୂମିକା ରହୁଥିବା ସନ୍ଦେହ ଅମୂଳକ ନୁହେଁ। ବଡ଼ଲୋକମାନେ ଛୋଟ କାମ (ଚୋରି) କରନ୍ତି ନାହିଁ ବୋଲି ସାଧାରଣରେ ଧାରଣା ରହିଥିବାରୁ ସେମାନେ ଅନାୟାସରେ ଏହି କାମ କରିପାରୁଛନ୍ତି।

ଏହି ଖବର ପଢ଼ିବା ବେଳେ ମନେପଡ଼େ ଗତ ଜାନୁୟାରୀରେ କିଛି ଇଂଲିଶ୍ ପତ୍ରିକାରେ ପ୍ରକାଶ ପାଇଥିବା ଏଭଳି ଏକ ଲଜ୍ଜାଜନକ ଘଟଣା। ଘଟଣାଟି ଘଟିଥିଲା ଏକ ୟୁରୋପୀୟ ରାଷ୍ଟ୍ରରେ, ଯେତେବେଳେ କି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଠାକୁ ଏକ ସରକାରୀ ଗସ୍ତରେ ଯାଇଥିଲେ। ବିଦେଶୀ ପୁଞ୍ଜିନିବେଶକଙ୍କୁ ପଶ୍ଚିମବଙ୍ଗରେ ପୁଞ୍ଜି ଖଟାଇବା ପାଇଁ ଆକୃଷ୍ଟ କରିବା ଥିଲା ମୁଖ୍ୟମନ୍ତ୍ରୀଙ୍କ ସେହି ଗସ୍ତର ଉଦ୍ଦେଶ୍ୟ। ମିଡିଆ କଭରେଜ୍ ପାଇଁ ତାଙ୍କ ସହ ଯାଇଥିଲେ କିଛି ବଛା ବଛା ବରିଷ୍ଠ ସାମ୍ବାଦିକ। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନାର୍ଥେ ଏକ ବହୁତାରକା ହୋଟେଲରେ ଆୟୋଜିତ ହୋଇଥିଲା ନୈଶ ଭୋଜି। ଏହି ଭୋଜିରେ ଯୋଗ ଦେଇଥିଲେ ସେଠାକାର ବହୁ ପ୍ରଶାସକ, ଶିଳ୍ପପତି ଓ ମାନ୍ୟଗଣ୍ୟ ବ୍ୟକ୍ତି। ହୋଟେଲର ସୌନ୍ଦର୍ଯ୍ୟ, ଆତିଥେୟତା ଓ ସୁସ୍ୱାଦୁ ବ୍ୟଞ୍ଜନର ସ୍ୱାଦ ଅପେକ୍ଷା ଡାଇନିଂ ଟେବୁଲ ଉପରେ ରଖାଯାଇଥିବା ଆକର୍ଷଣୀୟ ଚାମଚ, କଣ୍ଟାଚାମଚ ଓ ଛୁରି ଭଳି କିଛି ସାମଗ୍ରୀ ଅଧିକ ଆକର୍ଷଣ କରିଥିଲା କିଛି ସାମ୍ବାଦିକଙ୍କୁ। ସେମାନେ ଭୁଲିଗଲେ ଯେ ସମ୍ପୂର୍ଣ୍ଣ ଡାଇନିଂ ହଲ୍‌ଟି ସିସି କ୍ୟାମେରା ଦ୍ୱାରା କବଳିତ। ଚାମଚ ଓ ଛୁରି କେତୋଟିକୁ ପକେଟ୍ ଓ ବ୍ୟାଗ୍‌ରେ ଭର୍ତ୍ତି କରିଥିଲେ କିଛି ସାମ୍ବାଦିକ। ଏସବୁ ଦୃଶ୍ୟ ସିସି ଟିଭିରେ ଦେଖି ହୋଟେଲର ସୁରକ୍ଷା କର୍ମଚାରୀମାନେ କେବଳ ଆଶ୍ଚର୍ଯ୍ୟ ହେଲେ ନାହିଁ, ଏ ସମ୍ପର୍କରେ ସମ୍ମାନିତ ଅତିଥିମାନଙ୍କୁ କିପରି କହିବେ ତାହା ଥିଲା ସେମାନଙ୍କ ପାଇଁ ବିରାଟ ଧର୍ମସଙ୍କଟ। ହୋଟେଲର ନିୟମ ଅନୁଯାୟୀ କୌଣସି ବସ୍ତୁ ଚୋରି ହେବା ଜଣାପଡ଼ିଲେ ତୁରନ୍ତ ଆଲାର୍ମ ବଜାଇବା ଆବଶ୍ୟକ। ମାତ୍ର ଏଭଳି କ୍ଷେତ୍ରରେ ଆଲାର୍ମ ବଜାଇ ଅତିଥିମାନଙ୍କୁ ଅପଦସ୍ଥ କରାଇବା ସୁରକ୍ଷାକର୍ମୀମାନେ ଉଚିତ ମନେକଲେ ନାହିଁ। ଶେଷରେ ଜଣେ ସୁରକ୍ଷା କର୍ମଚାରୀ ସାମ୍ବାଦିକମାନେ ବସିଥିବା ଟେବୁଲ ପାଖକୁ ଯାଇ ଚୋରି କରିଥିବା ଚାମଚ ଓ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକୁ ଟେବୁଲ ଉପରେ ରଖିଦେବାକୁ ନମ୍ରତାର ସହ ଅନୁରୋଧ କରିଥିଲେ। ସମସ୍ତ କାର୍ଯ୍ୟକଳାପ ସିସି ଟିଭିରୁ ଦେଖି ସୁରକ୍ଷା କର୍ମଚାରୀ କହୁଥିବା ଜାଣିବା ପରେ ସାମ୍ବାଦିକମାନେ ଚାମଚଗୁଡ଼ିକୁ ଟେବୁଲ ଉପରେ ରଖିଦେଇଥିଲେ। ଜଣେ ସାମ୍ବାଦିକ ଚୋରି କରିନାହାନ୍ତି ବୋଲି ସୁରକ୍ଷାକର୍ମଚାରୀଙ୍କ ସହ ଯୁକ୍ତି କରି ମିଥ୍ୟା ପ୍ରମାଣିତ ହୋଇଥିଲେ ଓ ପଚାଶ ପାଉଣ୍ଡ ଜରିମାନା ଦାଖଲ କରିଥିଲେ। ସେତେବେଳେ ଏହି ଘଟଣାଟି ୟୁରୋପୀୟ ଦେଶଗୁଡ଼ିକରେ ରହୁଥିବା ଭାରତୀୟ ସମୁଦାୟଙ୍କ ମଧ୍ୟରେ ଖୁବ୍ ଆଲୋଡନ ସୃଷ୍ଟି କରିଥିଲା।

ଆମ ସମାଜରେ ବଡ଼ ବଡ଼ ଲୋକଙ୍କ ଏହିଭଳି ଛୋଟ ଛୋଟ ପ୍ରକୃତିକୁ କିଛି ବିଶାରଦ ଏକ ମାନସିକ ରୋଗ ଭାବେ ଚିତ୍ରଣ କରନ୍ତି। ଏହି ରୋଗର ନାମ କ୍ଲେପ୍ଟୋମାନିଆ। ଏହି ରୋଗରେ ଆକ୍ରାନ୍ତ ମଣିଷମାନେ ଆବଶ୍ୟକ ଥାଉ ବା ନ ଥାଉ କିଛି ଜିନିଷ ଦେଖିଲେ ସେଗୁଡ଼ିକୁ ଚୋରି କରିବାକୁ ବ୍ୟଗ୍ର ହୋଇଉଠନ୍ତି। ଏଭଳି ଯୁକ୍ତି ଉପରୋକ୍ତ ଘଟଣାଗୁଡ଼ିକରେ ହାସ୍ୟାସ୍ପଦ ମନେହୁଏ। ଜଣେ ଦୁଇଜଣଙ୍କ କ୍ଷେତ୍ରରେ ଏହା ଘଟିପାରେ, ସମୂହ କ୍ଷେତ୍ରରେ ନୁହେଁ। ଆମ ସମାଜରେ କିଛି ସମ୍ଭ୍ରାନ୍ତ ତଥା ସ୍ୱଚ୍ଛଳ ଲୋକଙ୍କର ଏଭଳି ହୀନ ପ୍ରକୃତି ରହିଛି। ଟାୱେଲ, ତକିଆଖୋଳ, ଚାମଚ ଭଳି ସାମଗ୍ରୀର ଦାମ୍ କେତେ? ଏସବୁ କିଣିବା ସେମାନଙ୍କ ପାଇଁ ଅତି ସାଧାରଣ କଥା ହେଲେ ବି ଚୋରି କରି ଏହାକୁ ହାସଲ କରିବା ଭଳି ହୀନ ପ୍ରବୃତ୍ତି ସେମାନଙ୍କଠାରେ ଦେଖାଦେଇଥାଏ। ଦୁଇ ବର୍ଷ ତଳେ ଭୁବନେଶ୍ୱରରେ ଘଟିଥିବା ଏକ ଘଟଣାକୁ ଏଠାରେ ଉଲ୍ଲେଖ କରିବା ସମୀଚୀନ ହେବ, କାରଣ ଘଟଣାଟି ସ୍ୱଚ୍ଛଳ ବ୍ୟକ୍ତିଙ୍କ ଦୁର୍ବଳ ମାନସିକତାର ଆଉ ଏକ ଉଦାହରଣ। ପ୍ରତିଷ୍ଠିତ ଓ ସମ୍ଭ୍ରାନ୍ତ ଘରର ଦୁଇଜଣ ମହିଳା ଏକ ବୁଟିକ୍‌ରୁ କିଛି ସାମଗ୍ରୀ ଚୋରି କରିବାର ପ୍ରମାଣ ସିସି ଟିଭିରୁ ଜଣାପଡ଼ିବା ପରେ ପୋଲିସ ସେମାନଙ୍କ ଘରେ ପହଞ୍ଚିଥିଲା। ଘଟଣାର ସତ୍ୟାସତ୍ୟ ଜଣାପଡ଼ିବା ପରେ ପୋଲିସ ଉଭୟଙ୍କୁ ଗିରଫ କରିଥିଲା ଓ ସେମାନେ ଏହା ପୂର୍ବରୁ ଅନେକ ଦୋକାନରୁ ଚୋରି କରିବା ସ୍ୱୀକାର କରିଥିଲେ।

ଅନ୍ତର୍ଜାତୀୟ ସ୍ତରରେ ଦୁର୍ନୀତିକୁ ନେଇ ଭାରତର ଲଜ୍ଜାଜନକ ସ୍ଥିତିର ମୁଖ୍ୟ କାରଣ ହେଉଛି ଆମ ଦେଶର କିଛି ତଥାକଥିତ ସମ୍ଭ୍ରାନ୍ତ ଓ ସ୍ୱଚ୍ଛଳ ବର୍ଗର ଲୋକଙ୍କ ଛୋଟ ପ୍ରକୃତି। ଦୁର୍ନୀତି ହେଉଛି ଚୋରିର ଏକ ରୂପାନ୍ତରିତ ପ୍ରକ୍ରିୟା। ଏହା ଦେଶର ଦିନମଜୁରିଆ, ଶ୍ରମିକ, କୃଷକଙ୍କ ଭଳି ସାଧାରଣ ଲୋକଙ୍କ ଦ୍ୱାରା ହେଉନାହିଁ। ବିଭିନ୍ନ ପଦପଦବୀରେ ଥିବା ଦେଶର ସ୍ୱଚ୍ଛଳବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ଏହା ସାଧିତ ହେଉଛି। ସେମାନେ ଅଭାବରେ ପଡ଼ି ଦୁର୍ନୀତି କରନ୍ତି ନାହିଁ। ଆବଶ୍ୟକତା ନ ଥାଇ ମଧ୍ୟ ଅଧିକରୁ ଅଧିକ ସମ୍ପତ୍ତି ଠୁଳ କରିବା ଲୋଭର ବଶବର୍ତ୍ତୀ ହୋଇ କରନ୍ତି। ସ୍ୱଚ୍ଛଳ ହେଲେ ମଧ୍ୟ ନିଜ ଭିତରେ ଥିବା ଛୋଟ ପ୍ରକୃତିର ଆହ୍ୱାନରେ ଏଭଳି ହୀନ କାର୍ଯ୍ୟ କରିଥାନ୍ତି। ଯେଉଁଦିନ ବଡ଼ଲୋକମାନେ ଏହିସବୁ ଛୋଟ କାମ ପରିତ୍ୟାଗ କରିଦେବେ ସେହିଦିନ ହିଁ ଆମ ଦେଶରେ ସୁନାର ଭାରତ ହେବାର ପ୍ରକ୍ରିୟା ଆରମ୍ଭ ହୋଇଯିବ।

ଇମେଲ: prakas.tripathy09@gmail.com

# ଇଣ୍ଟରପୋଲ୍ ମୁଖ୍ୟ

## ବ୍ୟକ୍ତିତ୍ୱ



କିମ୍ ଜଙ୍ଗ୍–ୟାଙ୍ଗ୍

ଅନ୍ତର୍ଜାତୀୟ ପୋଲିସ ସଙ୍ଗଠନ ବା ଇଣ୍ଟରପୋଲ୍ ବିଶ୍ୱବ୍ୟାପୀ ପୋଲିସ କ୍ଷେତ୍ରରେ ସହଯୋଗ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଚାଲିଛି। ଫ୍ରାନ୍ସର ଲିଅନ୍‌ଠାରେ ଏହାର ମୁଖ୍ୟାଳୟ ରହିଛି। ୧୯୨୩ରେ ଏହା ଗଠିତ ହୋଇଥିବା ବେଳେ ୧୯୪ ରାଷ୍ଟ୍ର ଏହାର ସଦସ୍ୟ ଅଛନ୍ତି। ଅନ୍ତର୍ଜାତୀୟ ସ୍ତରର ଅପରାଧୀଙ୍କୁ ଧରିବାରେ ଏହା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିଭାଇ ଚାଲିଛି। ତେବେ ଏହାର ପୂର୍ବତନ ମୁଖ୍ୟ ମେଙ୍ଗ୍ ହଙ୍ଗ୍‌ୱେଇଙ୍କ ବିରୋଧରେ ୨୦୧୮ ସେପ୍ଟେମ୍ବରରେ ଲାଞ୍ଚ ଓ ଦୁର୍ନୀତି ଅଭିଯୋଗ ଆସିବାରୁ ସେ ବିବାଦୀୟ ହୋଇପଡ଼ିଥିଲେ। ମେଙ୍ଗ୍ ହେଉଛନ୍ତି ଚାଇନା ନାଗରିକ। ପୃଥିବୀର ସର୍ବବୃହତ୍ ଶକ୍ତିଶାଳୀ ପୋଲିସ ବାହିନୀ ଇଣ୍ଟରପୋଲର ମୁଖ୍ୟ ଏଭଳି ଗିରଫ ହେବା ସେତେବେଳେ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରିଥିଲା। ସେ ଅକ୍ଟୋବରରେ ପଦବୀରୁ ଇସ୍ତଫା ଦେଇଥିଲେ। ଫଳରେ ଦକ୍ଷିଣ କୋରିଆ ନାଗରିକ କିମ୍ ଜଙ୍ଗ୍–ୟାଙ୍ଗ୍‌ଙ୍କୁ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ଦିଆଯାଇଥିଲା। ନଭେମ୍ବର ୨୧ରେ ଦୁବାଇଠାରେ ଅନୁଷ୍ଠିତ ସଙ୍ଗଠନର ବାର୍ଷିକ କଂଗ୍ରେସରେ କିମ୍ ବିଧିବଦ୍ଧ ଭାବେ ଇଣ୍ଟରପୋଲ୍‌ର ମୁଖ୍ୟ ନିର୍ବାଚିତ ହେବା ପରେ ଏବେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି। ତାଙ୍କ ପୂର୍ବସୂରି ହଙ୍ଗ୍‌ୱେଇ ଇସ୍ତଫା ଦେବା ପରେ ବାକି ରହିଥିବା ଦୁଇବର୍ଷ ପାଇଁ ୟାଙ୍ଗ୍ କାର୍ଯ୍ୟକରିବେ ବୋଲି ଇଣ୍ଟପୋଲ୍ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

କିମ୍ ୧୯୬୧ ଅକ୍ଟୋବର ୩୦ରେ ଦକ୍ଷିଣ କୋରିଆର ଚାଙ୍ଗ୍‌ୱନ୍‌ଠାରେ ଜନ୍ମଗ୍ରହଣ କରିଥିଲେ। ସିଓଲ ନ୍ୟାଶନାଲ ୟୁନିଭର୍ସିଟିରୁ ଡିଗ୍ରୀ ହାସଲ କରିବା ପରେ ସେ ପୋଲିସ ବାହିନୀରେ ଯୋଗ ଦେଇଥିଲେ। କିମ୍ ତାଙ୍କ କ୍ୟାରିୟରରେ ଗ୍ୟେଓଙ୍ଗି ପ୍ରୋଭିନ୍‌ସିଆଲ୍ ପୋଲିସ ଏଜେନ୍ସିର ମୁଖ୍ୟ ପଦବୀକୁ ଉନ୍ନୀତ ହୋଇଥିଲେ। ସେହି ସମୟରେ ଦକ୍ଷିଣ କୋରିଆର ବିଭିନ୍ନ ପୋଲିସ ନୀତି ଫିଲିପାଇନ୍ସ ସମେତ ଅନ୍ୟ ରାଷ୍ଟ୍ରରେ ପ୍ରସାର କରିବାରେ ସେ ସତତ ପ୍ରୟାସ କରିଥିଲେ। ସେହିସବୁ ଦେଶଗୁଡ଼ିକ ସହ ଆର୍ଥିକ ସହାୟତା ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରି ଦକ୍ଷଣ କୋରିଆର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଫଳରେ ସେ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିଲେ। ଦକ୍ଷିଣ କୋରିଆରେ ପୋଲିସ ବ୍ୟବସ୍ଥା ତାଙ୍କ ନେତୃତ୍ୱରେ ଅତ୍ୟନ୍ତ ଶୃଙ୍ଖଳିତ ହେବା ସହ ସୁରକ୍ଷା ଦିଗରେ ଏକ ନବଦିଗନ୍ତ ସୃଷ୍ଟି କରିଥିଲା। କିମ୍‌ଙ୍କ ନେତୃତ୍ୱ ବିଷୟରେ ଅନ୍ତର୍ଜାତୀୟ ସ୍ତରରେ ଆଲୋଚନା ହୋଇଥିଲା। ୨୦୧୫ରେ ଏସିଆ ପାଇଁ ସେ ଇଣ୍ଟରପୋଲ୍ ଉପ–ସଭାପତି ଭାବେ ନିର୍ବାଚିତ ହେଇ ନିଜ ପୋଲିସ କ୍ୟାରିୟରରେ ଆଉ ଏକ ଫର୍ଦ୍ଦ ଯୋଡ଼ିଥିଲେ। ହଙ୍ଗ୍‌ୱେଇ ଇଣ୍ଟରପୋଲ୍ ମୁଖ୍ୟ ପଦବୀରୁ ବିଦା ହେବା ପରେ ତାଙ୍କ ସ୍ଥାନରେ କିଏ ଅବସ୍ଥାପିତ ହେବେ ସେ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। କିମ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ରୁଷିଆର ଆଲେକ୍‌ଜାଣ୍ଡର ପୋକୋପ୍‌ଚୁକ୍ ଉଭା ହୋଇଥିଲେ। ହେଲେ ଇଣ୍ଟରପୋଲ୍‌କୁ ରୁଷିଆ ସରକାରଙ୍କ କ୍ରମାଗତ ସମାଲୋଚନା ଆଲେକ୍‌ଜାଣ୍ଡରଙ୍କ ପ୍ରତି ନକାରାତ୍ମକ ଫଳ ଦେଇଥିଲା। ଅତଏବ କିମ୍‌ଙ୍କ ସଫଳତା ଦକ୍ଷିଣ କୋରିଆବାସୀଙ୍କୁ ଗର୍ବିତ କରିଛି। ରାଷ୍ଟ୍ରପତି ମୁନ୍ ଜାଏ–ଇନ୍ କହିଛନ୍ତି, କିମ୍ ପ୍ରଥମ କୋରିଆ ଅଧିବାସୀ ଭାବେ ଏଭଳି ଅନ୍ତର୍ଜାତୀୟ ସଙ୍ଗଠନର ମୁଖ୍ୟ ହୋଇପାରିଥିବାରୁ ତାଙ୍କ ପ୍ରତି ଦେଶବାସୀଙ୍କ ଶୁଭେଚ୍ଛା ରହିଛି।

କିମ୍ ଇଣ୍ଟରପୋଲ୍‌ର ମୁଖ୍ୟ ନିର୍ବାଚିତ ହେବା ପରେ ସଙ୍ଗଠନର ଟୁଇଟର ହ୍ୟାଣ୍ଡଲ୍‌ରେ ଉଲ୍ଲେଖ କରିଛନ୍ତି ଯେ, ପୃଥିବୀ ଏବେ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେଉଛି। ସେଥିମଧ୍ୟରୁ ଜନସାଧାରଣଙ୍କ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଗଭୀର ଭାବେ ପ୍ରଭାବିତ। ଏହାକୁ ଅତିକ୍ରମ କରିବାକୁ ହେଲେ ଏକ ବାସ୍ତବ ଦୃଷ୍ଟିଶକ୍ତିର ଆବଶ୍ୟକତା ରହିଛି। ସେଥିପାଇଁ ଭବିଷ୍ୟତ ଲାଗି ଆମକୁ ଏକ ସେତୁ ବାନ୍ଧିବାକୁ ପଡ଼ିବ ବୋଲି ସେ କହିଛନ୍ତି। ପୋଲିସ ବ୍ୟବସ୍ଥା ସହ ଦୀର୍ଘ ବର୍ଷର ଅଭିଜ୍ଞତା ଥିବାରୁ କିମ୍ ଇଣ୍ଟରପୋଲ୍ ମୁଖ୍ୟ ଭାବେ ସଙ୍ଗଠନକୁ ଏକ ନୂଆ ଦିଗ ଦେବେ ବୋଲି ଆଶା ରହିବା ସ୍ୱାଭାବିକ।

–ଜିତେନ୍ଦ୍ର

## ଏଇ ଭାରତରେ

କେତେକ କ୍ଷେତ୍ରରେ ଦେଖାଯାଏ ଯେ, କୌଣସି ବ୍ୟକ୍ତି ବଞ୍ଚି ଥାଉଥାଉ ତା'ର ମୃତ୍ୟୁ ଖବର ପ୍ରକାଶ ପାଏ। ଏଥିପାଇଁ ପରିବାର ଲୋକେ ମୃତ ଆତ୍ମୀୟଙ୍କ ବିରହରେ ଲୁହ ଝରାନ୍ତି। ନୋଏଡାରେ ଘରୋଇ ସହାୟିକା ଭାବରେ କାମ କରୁଥିବା ଜଣେ ତରୁଣୀଙ୍କ ମୃତ୍ୟୁଖବର କିଛିଦିନ ତଳେ ହିନ୍ଦୀ ଖବରକାଗଜରେ ପ୍ରକାଶ ପାଇଥିଲା। ଏହାକୁ ପାଠକରି ନିଜେ ତରୁଣୀ ମନଦୁଃଖ କରିବା ସହିତ ଗତ ନଭେମ୍ବର ୧୬ରେ ଝାଡଖଣ୍ଡସ୍ଥିତ ନିଜ ଘରେ ପହଞ୍ଚିଛନ୍ତି। ପ୍ରକାଶିତ ଖବର ଅନୁଯାୟୀ ଦିଲ୍ଲୀ ନେଇଥିବା ମାନବଚାଲାଣକାରୀଙ୍କଠାରୁ ସେ ଦରମା ଦାବି କରିବାରୁ ତାଙ୍କୁ ହତ୍ୟା କରାଯିବା ସହିତ ଖଣ୍ଡଖଣ୍ଡ କରି କାଟି ଡ୍ରେନ୍‌କୁ ପକାଇ ଦିଆଯାଇଥିଲା। ଏହି ଖବର ପଢ଼ିବା ପରେ ସମ୍ପୃକ୍ତା ତରୁଣୀ ତାଙ୍କ ଗାଁକୁ ତୁରନ୍ତ ଆସିବାକୁ ଉଚିତ ମଣିଥିଲେ। ଘରୋଇ ସେବିକାଙ୍କ ଭାଇ ମୃତଦେହ ଚିହ୍ନଟ କରିଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଏହାକୁ ପଢ଼ି ସେ ବିସ୍ମିତ ହୋଇଥିବା ପ୍ରକାଶ କରିଛନ୍ତି। ତେଣୁ ସେ ବଞ୍ଚିଥିବା ବିଷୟ ପରିବାରକୁ ଜଣାଇବାକୁ ବ୍ୟାକୁଳ ହୋଇଥିଲେ। ନଭେମ୍ବର ୧୬ରେ ଉକ୍ତ ସେବିକା ଝାଡଖଣ୍ଡସ୍ଥିତ ନିଜଘରେ ପହଞ୍ଚିବା ପରେ ସ୍ଥାନୀୟ ପୋଲିସକୁ ଏ ବିଷୟ ଜଣାଇଛନ୍ତି। ତେବେ ଏ ସଂକ୍ରାନ୍ତରେ କେଉଁଠି ଭୁଲ ରହିଲା ପୋଲିସ ତାହାର ଖୋଳତାଡ ଆରମ୍ଭ କରିଛି। ଏଥିସହିତ ମରିଥିବା ଝିଅର ପ୍ରକୃତ ପରିଚୟ କ'ଣ ତାହାର ମଧ୍ୟ ଅନୁସନ୍ଧାନ ଜାରି ରହିଛି।

## ଚିରନ୍ତନୀ

ସେ କାଳ ଏକାଳ ପୀରତିରେ ସିନା
ବଦଳି ଗଲାଣି ବାହାର ରୂପ
ସବୁରି ତଳରେ ସତ ଯାହା ଅଛି
କହିବାର ନୁହେଁ, ରହିବା ଚୁପ।
(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 7 | | | 1 | 4 | 5 | | 6 | | |
| | | | | | | | 3 | | 6 | 7 | | D | | |
| | 2 | 8 | | | | 4 | | | | | | 7 | | |
| 6 | | | E | 1 | | 9 | 5 | | | A | | | | 4 |
| | | 4 | | | | | | | | D | 1 | E | | A |
| | C | | | | 6 | | 4 | | | 8 | | | | |
| | | | | | | 1 | | D | C | | 9 | A | | |
| | | | | 3 | B | | 2 | 5 | | E | 0 | | 4 | |
| | | 7 | | D | A | B | | 9 | | | 5 | | | |
| 2 | 8 | | | | 1 | C | | | B | | | 3 | | |
| | | | | | | | D | | | 0 | | 9 | | |
| | | | | 2 | 5 | | | A | 1 | | 3 | 8 | 6 | |
| E | 7 | | B | | | 0 | 6 | | | | | | | 3 |
| | B | 9 | 0 | E | 4 | | | | | | 6 | C | | |
| | 3 | A | | 8 | | | B | | 9 | | E | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | A | 6 | 1 | 0 | 2 | B | 3 | D | E | 8 | 7 | C | 4 | 5 |
| 0 | C | 2 | 6 | 8 | 5 | 4 | 7 | E | B | 9 | A | D | 1 | 3 |
| D | E | 8 | 4 | C | B | 9 | A | 5 | 3 | 1 | 6 | 0 | 2 | 7 |
| 1 | 3 | 7 | 9 | D | E | 0 | 2 | 8 | 4 | 5 | C | A | B | 6 |
| 4 | 5 | B | A | 7 | 3 | 6 | C | 1 | 2 | D | 0 | E | 9 | 8 |
| B | D | C | E | 5 | 0 | 8 | 6 | 2 | 9 | A | 4 | 7 | 3 | 1 |
| A | 0 | 3 | 8 | 4 | 9 | C | D | 7 | 1 | 2 | 5 | 6 | E | B |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍ନଦାତାର ଦୁଃଖ

ମହାଶୟ,

ଅନ୍ନଦାତାର ଦୁଃଖ (୧୨।୧୧) ପ୍ରବନ୍ଧ ପାଇଁ ପ୍ରାବନ୍ଧିକ ପ୍ରକାଶବାବୁଙ୍କୁ ଅନ୍ତରର ସାଧୁବାଦ। 'ଅନନ୍ତ କୁମାର' ବାସ୍ତବରେ ପୂରା ଦେଶର ଚାଷୀକୁଳର ପ୍ରତିନିଧିତ୍ୱ କଲା ପରି ଲାଗୁଛି। ଭାତ ହାଣ୍ଡିରୁ ଗୋଟିଏ ଚିପିଲା ପରି କାଞ୍ଚନ ଦେବୀଙ୍କ ବେକର କଳାଫିତା ଦର୍ଶାଇଦିଏ– ଚାଷୀ ପରିବାରର ସ୍ୱଚ୍ଛଳତା। ଏବେ ଅନ୍ନଦାତା ପରିସ୍ଥିତିରେ ପଡ଼ି ହା ଅନ୍ନ ଚିତ୍କାର କରୁଛି। ଶିକ୍ଷା, ସ୍ୱାସ୍ଥ୍ୟ, ପରିବାରର ସ୍ଥିତି ବିପର୍ଯ୍ୟସ୍ତ। ହିଡମାଟି ହିଡରେ ଦେଇ, ମାଟି ସାଥିରେ ମାଟି ହୋଇ ଫସଲ ଉପୁଜାଇଲା ପରେ ଅସଲରେ ତା' ପାଟିରେ ତାଲା ପଡ଼େ। କେଉଟ ମାରେ ମାଛ ଖାଏ କଙ୍କଡ଼ା ପରି ଉତ୍ପାଦିତ ଶସ୍ୟକୁ ଟେକିଦିଏ ଶାଗମାଛ ଦରରେ ବ୍ୟବସାୟୀଙ୍କୁ। ବ୍ୟବସାୟ ବୁଦ୍ଧିରେ ଦ୍ରବ୍ୟ ପାଲଟେ ସୁନାମୁଣ୍ଡା। କେଜିଏ ଆଳୁ ବିକୁଥିବା ରାସ୍ତାକଡ଼ ହାଟର ଚାଷୀ ଆଉ ଆଳୁଚିପ୍ସ କରି ବିକୁଥିବା କମ୍ପାନୀ ଏବଂ ଟମାଟୋ ବିକୁଥିବା ଚାଷୀ ଆଉ ଟମାଟୋ କେଚପ ବିକୁଥିବା ବହୁରାଷ୍ଟ୍ରୀୟ କମ୍ପାନୀ ଭିତରେ ପ୍ରଭେଦ ଦେଖନ୍ତୁ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

### ଶ୍ୱାନମାନଙ୍କ ପାଇଁ ବ୍ୟବସ୍ଥା

ବିଏମ୍‌ସି ତରଫରୁ ହକି ପାଇଁ ସମସ୍ତ ପ୍ରକାର ଗମନାଗମନ ବ୍ୟବସ୍ଥା ସରିଥିବା ବେଳେ ବୁଲୁଥିବା ପଶୁଙ୍କ ନିମନ୍ତେ ବିଶେଷ ବ୍ୟବସ୍ଥା କରାଯାଇଛି। ମାତ୍ର ଶ୍ୱାନମାନଙ୍କ ନିମନ୍ତେ କି କି ବ୍ୟବସ୍ଥା ହୋଇଛି ତାହା ପ୍ରକାଶ କରାଯାଇ ନାହିଁ। ଶ୍ୱାନ ଏକମାତ୍ର ଜୀବ ଯେ କି ମନୁଷ୍ୟ ସମାଜ ସହ ସଂଘର୍ଷ କରି ବଞ୍ଚି ରହିଥାଏ। ଏଣୁ ଭୁବନେଶ୍ୱର ଜୟଦେବ ବିହାରଠାରୁ ଏରୋଡ୍ରମ ପର୍ଯ୍ୟନ୍ତ ଶ୍ୱାନମାନଙ୍କ ନିମନ୍ତେ ସରକାର କି ବ୍ୟବସ୍ଥା କରିଛନ୍ତି ଜଣାଇବାକୁ ଅନୁରୋଧ।

ଡ. ଦିଲୀପ ମିଶ୍ର, ଭୁବନେଶ୍ୱର

### ଗୋଦରା କୋଡ଼େ ଯେତେ ମାଡ଼େ ସେତେ

ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ରରେ ପରିଣତ ହୋଇଛି। ଏହା ଏବେ ବିଶ୍ୱର ୬ଷ୍ଠ ବୃହତ୍ତମ ଅର୍ଥନୀତି ଓ ଭବିଷ୍ୟତରେ ୫ମ ବୃହତ୍ତମ ରାଷ୍ଟ୍ର ହେବା ପାଇଁ ଉଦ୍ୟମରତ। ଏହା ଯେତିକି ସୁଖର ବିଷୟ, ଗତ ୪ ବର୍ଷ ଧରି ଭାରତ ବିଶ୍ୱର କ୍ଷୁଧା ସୂଚକାଙ୍କରେ କ୍ରମାଗତ ନିମ୍ନଗାମୀ ହେବା ସେତିକି ଦୁର୍ଭାଗ୍ୟପୂର୍ଣ୍ଣ। ୨୦୧୫ରେ ଦେଶରେ କ୍ଷୁଧାର୍ତ୍ତଙ୍କ ସଂଖ୍ୟା ୮ କୋଟି ଥିବାବେଳେ ୨୦୧୬ରେ ୧୦ କୋଟି ଓ ୨୦୧୭ରେ ୧୨ କୋଟିରେ ପହଞ୍ଚିଛି। ଗୋଦରା କୋଡେ ଯେତେ ମାଡେ ସେତେ ପରି ଅର୍ଥନୈତିକ ଅଭିବୃଦ୍ଧି ସହିତ ତାଳଦେଇ ଯଦି ଦାରିଦ୍ର୍ୟ, କ୍ଷୁଧା ଓ ଅପପୁଷ୍ଟିର ଦ୍ରୁତ ଅଭିବୃଦ୍ଧି ଘଟିଚାଲେ ତେବେ ସେ ବିକାଶ ମୂଲ୍ୟହୀନ। କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏଥିପ୍ରତି ସାବଧାନ ହେବା ଉଚିତ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଅନ୍ଧବିଶ୍ୱାସକୁ ପ୍ରୋତ୍ସାହନ

ବର୍ତ୍ତମାନ ଆମ ଓଡିଆ ଚ୍ୟାନେଲରେ ପ୍ରସାରିତ ଧାରାବାହିକଗୁଡିକରେ ନକାରାତ୍ମକ ତଥା ଅନ୍ଧବିଶ୍ୱାସ (ଭୂତ, ପ୍ରେତ, ଭଣ୍ଡ ବାବା) ଚରିତ୍ର ପ୍ରଦର୍ଶନ କରାଯାଉଛି, ଯାହା ଆଜିର ଯୁଗରେ ଅବିଶ୍ୱସନୀୟ । ଏମିତିରେ ବର୍ତ୍ତମାନ ବିଜ୍ଞାନ ଯୁଗରେ ଅନ୍ଧବିଶ୍ୱାସକୁ ମାନୁଥିବା ଲୋକଙ୍କର ଅଭାବ ନାହିଁ। ଏସବୁ ଦୃଷ୍ଟିରୁ ଦେଖିଲେ ଏହା ଗୋଟିଏ ପ୍ରକାର ଅନ୍ଧବିଶ୍ୱାସକୁ ପ୍ରୋତ୍ସାହିତ କରୁଛି, ଯାହା ଦୁର୍ଭାଗ୍ୟଜନକ। ଧାରାବାହିକଗୁଡିକ ସକାରାତ୍ମକ ତଥା ସାମାଜିକ କାହାଣୀ ଉପରେ ପର୍ଯ୍ୟବସିତ ହେବା ଉଚିତ। ଏଥିପ୍ରତି କାହାଣୀ ଲେଖକ ଓ ନିର୍ଦ୍ଦେଶକ ଧ୍ୟାନ ଦେବା ଆବଶ୍ୟକ।

ସନ୍ନ୍ୟାସୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯେଉଁ ଲୋକ ସତ୍ୟର ଅନୁସନ୍ଧାନୀ, ସେ କୌଣସି ନିର୍ଦ୍ଦିଷ୍ଟ ଦେଶର ନାଗରିକ ବୋଲି ବିଚାରେ ନାହିଁ।
- ଭଲଟାୟାର



# ଏଇ ସପ୍ତାହର କାର୍ଯ୍ୟକ୍ରମ

## ୨୫।୧୧।୨୦୧୮ (ରବିବାର)

### ଭୁବନେଶ୍ୱର

- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ-୨୦୧୮ର ତୃତୀୟ ଦିନ ସଭାକାର୍ଯ୍ୟ, ବାଲିଯାତ୍ରା ପଡ଼ିଆ, ଐତିହାସିକ ପଟିଆ ବନ୍ଧର କୁଆଖାଇ ନଦୀପଠା, ସକାଳ ୬ଟା ୩୦। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାଣିଜ୍ୟ ମେଳା, ରାତି ୭ଟା ୩୦।
- ଜୟ ମା' ଭବାନୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ପ୍ରେରଣା ପ୍ରଦାନ କାର୍ଯ୍ୟକ୍ରମ, ନିକୋପାର୍କ ଗେଟ୍ ନଂ.୭, ସକାଳ ୯ଟାରୁ ୧୨ଟା।
- ଟ୍ରେଡର୍ସ ସିଣ୍ଡିକେଟ ପକ୍ଷରୁ ଫ୍ୟାନ୍ସି ମାର୍କେଟରେ ସଫେଇ କାର୍ଯ୍ୟକ୍ରମ (ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମ୍ମୁଖ), ସକାଳ ୯ଟା।
- ସତ୍ୟନଗର ଲେଡିଜ୍ ଫୋରମ୍ ତରଫରୁ ଶିଶୁ ପ୍ରତିଭା ସମ୍ମାନ-୨୦୧୮, ଭାରତ ସ୍କାଉଟ୍ ଆଣ୍ଡ୍ ଗାଇଡ୍ କାର୍ଯ୍ୟାଳୟ ପରିସର, ୟୁନିଟ୍-୩, ପୂର୍ବାହ୍ନ ୧୦ଟା।
- ଜାହ୍ନବୀ ସାହିତ୍ୟ ସଂସଦ ପକ୍ଷରୁ କବିତା ସଂକଳନ 'ଅତୃପ୍ତ ଅଭିଳାଷ' ଓ ସାମୟିକ ସାହିତ୍ୟ ପତ୍ରିକା 'ମାଟିର ମହକ'ର ଲୋକାର୍ପଣ ଉତ୍ସବ, କର୍ମଚାରୀ ଭବନ (ନ ତାଲା ନିକଟ), ପୂର୍ବାହ୍ନ ୧୦ଟା।
- ହକି ବିଶ୍ୱକପ୍ ଉପଲକ୍ଷେ ଦଳଗତ ଚିତ୍ରକଳା ପ୍ରଦର୍ଶନୀ, ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୦ଟାରୁ ରାତି ୭ଟା ୩୦।
- ନିର୍ମାଣ ପକ୍ଷରୁ ସୁରକ୍ଷିତ ଓ ପୁଷ୍ଟିକର ଖାଦ୍ୟ ଉପରେ କର୍ମଶାଳା ସହ ପ୍ରଦର୍ଶନୀ, ଓଡ଼ିଶା ପରିବେଶ ସମିତି ପରିସର, ଏନ୍‌ଡି-୪, ଆଇଆର୍‌ସି ଭିଲେଜ, ଭିଆଇପି ଏରିଆ, ପୂର୍ବାହ୍ନ ୧୦ଟା।
- ସର୍ବଧର୍ମ ସମନ୍ୱୟ ସତ୍ୟ ଧର୍ମ ବାଣୀର ପ୍ରତିଷ୍ଠାତା ପ୍ରେମାଚାର୍ଯ୍ୟ ଶ୍ରୀଶ୍ରୀ ମଧୁସୂଦନଙ୍କର ଜନ୍ମ ଶତବାର୍ଷିକୀ ମହୋତ୍ସବ, କସ୍ତୁରବା ନାରୀ ମହଲ, ୟୁନିଟ୍-୧, ପୂର୍ବାହ୍ନ ୧୦ଟା ୩୦। ବିଶ୍ୱଶାନ୍ତି ପ୍ରାର୍ଥନା ଓ ଆଶୀର୍ବଚନ ପ୍ରଦାନ, ସନ୍ଧ୍ୟା ୬ଟା ୩୦।
- ଆର୍ଟିଷ୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ କଳା ପ୍ରଦର୍ଶନୀ 'ଚାରୁଚିତ୍ର', ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର, ଖାରବେଳନଗର, ପୂର୍ବାହ୍ନ ୧୧ଟାରୁ ରାତି ୭ଟା।
- ହେଲୋ କିଡ୍‌ସ ଏସ୍‌ପିଏସ୍ ସ୍କୁଲ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍କୁଲ୍ ପରିସର, ଲିଙ୍ଗରାଜ ବିହାର, ପୋଖରୀପୁଟ, ପୂର୍ବାହ୍ନ ୧୧ଟା।
- ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଫିଲ୍ମ ସୋସାଇଟି ଅଫ୍ ଭୁବନେଶ୍ୱର ଓ ସର୍ବୋଦୟ ଇଣ୍ଟରନ୍ୟାଶନାଲ ଟ୍ରଷ୍ଟ ଓଡ଼ିଶା ଚାପ୍ଟର ପକ୍ଷରୁ ଗାନ୍ଧିଜୀଙ୍କ ଉପରେ ପ୍ରସ୍ତୁତ ଦୁଇଟି ଚଳଚ୍ଚିତ୍ର 'ଗାନ୍ଧୀ' ଓ 'ମେକିଙ୍ଗ୍ ଅଫ୍ ଗାନ୍ଧୀ'ର ସ୍କ୍ରିନିଂ ସହ ଦର୍ଶକଙ୍କ ସହ ଆଲୋଚନା, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ପୂର୍ବାହ୍ନ ୧୧ଟା।
- ମୟୂରଭଞ୍ଜ କଲ୍‌ଚରାଲ ଆସୋସିଏଶନର ବାର୍ଷିକ ସାଧାରଣ ବୈଠକ ଓ ବନ୍ଧୁ ମିଳନ, ମୟୂରଭଞ୍ଜ ଭବନ, ପ୍ଲଟ୍ ନଂ.ଏନ୍/ଇ, ଭିଆଇପି କଲୋନୀ, ଆଇଆର୍‌ସି ଭିଲେଜ, ପୂର୍ବାହ୍ନ ୧୧ଟା।
- ଭୃଗୁ ଜ୍ୟୋତିଷ ଟ୍ରଷ୍ଟ ପକ୍ଷରୁ ଶ୍ରୀଜଗନ୍ନାଥ ଏସୀୟ ଜ୍ୟୋତିଷ ସମ୍ମିଳନୀ-୨୦୧୮, ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ, ପୂର୍ବାହ୍ନ ୧୧ଟା। ପ୍ରତିଯୋଗିତା, ଅପରାହ୍ନ ୫ଟା।
- ଆଇଏସ୍‌ଡି ପକ୍ଷରୁ ରାଜ୍ୟ ସ୍ତରୀୟ ଯୁବ ସମ୍ମିଳନୀ 'ଆୱାଜ୍ ଦୋ', ଉତ୍କଳ ଅଡିଟୋରିୟମ, ମଧ୍ୟାହ୍ନ ୧୨ଟା ୩୦।
- ଜାତୀୟ ଜନଜାତି କଳା ସାମଗ୍ରୀ ପ୍ରଦର୍ଶନୀର ଦ୍ୱିତୀୟ ଦିବସ, ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସର, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ, ସିଆର୍‌ପି ଛକ, ଅପରାହ୍ନ ୨ଟାରୁ ରାତି ୮ଟା।
- ବଚ୍‌ପନ ପକ୍ଷରୁ 'ଶିଶୁର ସ୍ମୃତିରେ ଗୁରୁଙ୍କ ଅବଦାନ'କୁ ନେଇ ବିଭିନ୍ନ ପ୍ରତିଯୋଗିତା ଓ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୫ଟା।
- ପାଠାଗାର କ୍ଲବ୍ ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା ମହୋତ୍ସବର ଭସାଣି ଉତ୍ସବ, କ୍ଲବ ପରିସର, ରୋଡ୍ ନଂ. ୬, ୟୁନିଟ୍-୯, ଅପରାହ୍ନ ୫ଟା।
- ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା 'ସମର୍ପଣ', ସୂଚନା ଭବନ, ସନ୍ଧ୍ୟା ୬ଟା।
- ସଞ୍ଜୀବନୀ ମେଡିକେୟାର ହସ୍ପିଟାଲର ରୌପ୍ୟ ଜୟନ୍ତୀ ପାଳନ, ହସ୍ପିଟାଲ ପରିସର, ସାମନ୍ତରାପୁର, ଲୁଇସ୍‌ରୋଡ୍, ସନ୍ଧ୍ୟା ୬ଟା।

### ପୁରୀ

- ହରିହର ମହାପାତ୍ର ଫାଉଣ୍ଡେଶନ ପକ୍ଷରୁ ଶବ୍ଦ ରାଗ, ସଂସ୍କୃତି ଭବନ, ଅପରାହ୍ନ ୨ଟା।
- ଆୟୁର୍ବେଦ ପର୍ବ ଉଦ୍‌ଯାପନ, ଗୋପବନ୍ଧୁ ଆୟୁର୍ବେଦ କଲେଜ ସମ୍ମିଳନୀ କକ୍ଷ, ଅପରାହ୍ନ ୪ଟା।
- ପୁରୀ ଆର୍ଟିଷ୍ଟ ଆସୋସିଏଶନର ମାସିକ ନାଟକ ପରିବେଷଣ କାର୍ଯ୍ୟକ୍ରମ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ରାତି ୭ଟା।

### କଟକ

- ବସୁଧୈବ କୁଟୁମ୍ବକମ୍ ମିଶନର ୩୧ତମ ଅଧିବେଶନ, ଶ୍ରୀରାମଚନ୍ଦ୍ର ଭବନ, ଅପରାହ୍ନ ୪ଟା ୩୦।
- ଐତିହାସିକ କଟକ ବାଲିଯାତ୍ରାର ତୃତୀୟ ସନ୍ଧ୍ୟା, ବାଲିଯାତ୍ରା ପଡ଼ିଆ, ଅପରାହ୍ନ ୫ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କଥାଶିଳ୍ପୀ ରାଜକିଶୋର ପଟ୍ଟନାୟକଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ଶତାବ୍ଦୀ ଭବନ, ଅପରାହ୍ନ ୫ଟା ୩୦।
- ନବମ କନକଲତା ସ୍ମୃତି ସମ୍ମାନ ପ୍ରଦାନ, ଚିତ୍ରକଳା ପ୍ରଦର୍ଶନୀ ଓ ଆଲୋଚନାଚକ୍ର, ଗାନ୍ଧୀଭବନ, ବାଖରାବାଦ, ସନ୍ଧ୍ୟା ୬ଟା।

### ଖୋର୍ଦ୍ଧା

- ମିନି ମାରଥାନ ଉଦ୍‌ଘାଟନ, ଜିଲାପାଳଙ୍କ କାର୍ଯ୍ୟାଳୟ, ସକାଳ ୯ଟା। ଉଦ୍‌ଯାପନୀ କାର୍ଯ୍ୟକ୍ରମ, ଜିଲା ସଂସ୍କୃତି ଭବନ, ପୂର୍ବାହ୍ନ ୧୦ଟା ୩୦।

### ଜଟଣୀ

- ଜଟଣୀ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ, ଉତ୍ତରାୟଣୀ କ୍ଲବ ପରିସର, ପୂର୍ବାହ୍ନ ୧୦ଟା ୩୦।

## ୨୬।୧୧।୨୦୧୮ (ସୋମବାର)

### ଭୁବନେଶ୍ୱର

- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ-୨୦୧୮ର ଚତୁର୍ଥ ଦିନ ସଭାକାର୍ଯ୍ୟ, ବାଲିଯାତ୍ରା ପଡ଼ିଆ, ଐତିହାସିକ ପଟିଆ ବନ୍ଧର କୁଆଖାଇ ନଦୀପଠା, ସକାଳ ୬ଟା ୩୦। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାଣିଜ୍ୟ ମେଳା, ରାତି ୭ଟା ୩୦।
- 'ରନ୍ ଫର୍ ହକି', ଜନତା ମଇଦାନ, ସକାଳ ୭ଟା।
- ହକି ବିଶ୍ୱକପ୍ ଉପଲକ୍ଷେ ଦଳଗତ ଚିତ୍ରକଳା ପ୍ରଦର୍ଶନୀ, ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୦ଟାରୁ ରାତି ୭ଟା ୩୦।
- ଆର୍ଟିଷ୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ କଳା ପ୍ରଦର୍ଶନୀ 'ଚାରୁଚିତ୍ର', ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର, ଖାରବେଳନଗର, ପୂର୍ବାହ୍ନ ୧୧ଟାରୁ ରାତି ୭ଟା।
- ଜାତୀୟ ଜନଜାତି କଳା ସାମଗ୍ରୀ ପ୍ରଦର୍ଶନୀର ତୃତୀୟ ଦିବସ, ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସର, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ, ସିଆର୍‌ପି ଛକ, ଅପରାହ୍ନ ୨ଟାରୁ ରାତି ୮ଟା।

### ଖୋର୍ଦ୍ଧା

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ଜଟଣୀ ବ୍ଲକ, ପୂର୍ବାହ୍ନ ୧୦ଟା ୩୦।
- ପଲ୍ଲିଶ୍ରୀ ମେଳା ଓ ଜିଲା ସଂସ୍କୃତି ମହୋତ୍ସବ ଉଦ୍‌ଘାଟନ, ହାବେଳି ପଡିଆ, ସନ୍ଧ୍ୟା ୬ଟା।

## ୨୭।୧୧।୨୦୧୮ (ମଙ୍ଗଳବାର)

### ଭୁବନେଶ୍ୱର

- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ-୨୦୧୮ର ପଞ୍ଚମ ଦିନ ସଭାକାର୍ଯ୍ୟ, ବାଲିଯାତ୍ରା ପଡ଼ିଆ, ଐତିହାସିକ ପଟିଆ ବନ୍ଧର କୁଆଖାଇ ନଦୀପଠା, ସକାଳ ୬ଟା ୩୦। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାଣିଜ୍ୟ ମେଳା, ରାତି ୭ଟା ୩୦।
- ଭୁବନେଶ୍ୱର ମହାନଗର ନିଗମ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ୟୁନିଟ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସକାଳ ୯ଟାରୁ ଅପରାହ୍ନ ୪ଟା ୩୦।
- ହକି ବିଶ୍ୱକପ୍ ଉପଲକ୍ଷେ ଦଳଗତ ଚିତ୍ରକଳା ପ୍ରଦର୍ଶନୀ, ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୦ଟାରୁ ରାତି ୭ଟା ୩୦।
- ମଦର ପକ୍ଷରୁ ଭାରତୀୟ ଅଙ୍ଗଦାନ ଦିବସ ଓ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ, ରେଡ୍‌କ୍ରସ୍ ଭବନ, ପୂର୍ବାହ୍ନ ୧୦ଟା ୩୦।
- ଆର୍ଟିଷ୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ କଳା ପ୍ରଦର୍ଶନୀ 'ଚାରୁଚିତ୍ର'ର ଶେଷ ଦିବସ, ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର, ଖାରବେଳନଗର, ପୂର୍ବାହ୍ନ ୧୧ଟାରୁ ରାତି ୭ଟା।
- ଜାତୀୟ ଜନଜାତି କଳା ସାମଗ୍ରୀ ପ୍ରଦର୍ଶନୀର ଚତୁର୍ଥ ଦିବସ, ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସର, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ, ସିଆର୍‌ପି ଛକ, ଅପରାହ୍ନ ୨ଟାରୁ ରାତି ୮ଟା।

### ଖୋର୍ଦ୍ଧା

- ପଲ୍ଲିଶ୍ରୀ ମେଳା ଓ ଜିଲା ସଂସ୍କୃତି ମହୋତ୍ସବର ୨ୟ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ହାବେଳି ପଡିଆ, ସନ୍ଧ୍ୟା ୬ଟା।

### ବାଲିଅନ୍ତା

- ବ୍ଲକ ସ୍ତରୀୟ ବିଜ୍ଞାନମେଳା, ସତ୍ୟଭାମାପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ସକାଳ ୯ଟା ୩୦।

## ୨୮।୧୧।୨୦୧୮ (ବୁଧବାର)

### ଭୁବନେଶ୍ୱର

- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ-୨୦୧୮ର ଷଷ୍ଠ ଦିନ ସଭାକାର୍ଯ୍ୟ, ବାଲିଯାତ୍ରା ପଡ଼ିଆ, ଐତିହାସିକ ପଟିଆ ବନ୍ଧର କୁଆଖାଇ ନଦୀପଠା, ସକାଳ ୬ଟା ୩୦। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାଣିଜ୍ୟ ମେଳା, ରାତି ୭ଟା ୩୦।
- ହକି ବିଶ୍ୱକପ୍ ଉପଲକ୍ଷେ ଦଳଗତ ଚିତ୍ରକଳା ପ୍ରଦର୍ଶନୀ, ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୦ଟାରୁ ରାତି ୭ଟା ୩୦।
- ଜାତୀୟ ଜନଜାତି କଳା ସାମଗ୍ରୀ ପ୍ରଦର୍ଶନୀର ପଞ୍ଚମ ଦିବସ, ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସର, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ, ସିଆର୍‌ପି ଛକ, ଅପରାହ୍ନ ୨ଟାରୁ ରାତି ୮ଟା।

### ଖୋର୍ଦ୍ଧା

- ପଲ୍ଲିଶ୍ରୀ ମେଳା ଓ ଜିଲା ସଂସ୍କୃତି ମହୋତ୍ସବର ୩ୟ ଦିବସ ସାଂସ୍କୃତିକ କାର୍ଯ୍ୟକ୍ରମ, ହାବେଳି ପଡିଆ, ସନ୍ଧ୍ୟା ୬ଟା।

## ୨୯।୧୧।୨୦୧୮ (ଗୁରୁବାର)

### ଭୁବନେଶ୍ୱର

- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ-୨୦୧୮ର ସପ୍ତମ ଦିନ ସଭାକାର୍ଯ୍ୟ, ବାଲିଯାତ୍ରା ପଡ଼ିଆ, ଐତିହାସିକ ପଟିଆ ବନ୍ଧର କୁଆଖାଇ ନଦୀପଠା, ସକାଳ ୬ଟା ୩୦। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାଣିଜ୍ୟ ମେଳା, ରାତି ୭ଟା ୩୦।
- ହକି ବିଶ୍ୱକପ୍ ଉପଲକ୍ଷେ ଦଳଗତ ଚିତ୍ରକଳା ପ୍ରଦର୍ଶନୀ, ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୦ଟାରୁ ରାତି ୭ଟା ୩୦।
- ଜାତୀୟ ଜନଜାତି କଳା ସାମଗ୍ରୀ ପ୍ରଦର୍ଶନୀର ଷଷ୍ଠ ଦିବସ, ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସର, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ, ସିଆର୍‌ପି ଛକ, ଅପରାହ୍ନ ୨ଟାରୁ ରାତି ୮ଟା।

### ଖୋର୍ଦ୍ଧା

- ପଲ୍ଲିଶ୍ରୀ ମେଳା ଓ ଜିଲା ସଂସ୍କୃତି ମହୋତ୍ସବର ଚତୁର୍ଥ ଦିବସ ସାଂସ୍କୃତିକ କାର୍ଯ୍ୟକ୍ରମ, ହାବେଳି ପଡିଆ, ସନ୍ଧ୍ୟା ୬ଟା।

## ୩୦।୧୧।୨୦୧୮ (ଶୁକ୍ରବାର)

### ଭୁବନେଶ୍ୱର

- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ-୨୦୧୮ର ଶେଷ ଦିନ ସଭାକାର୍ଯ୍ୟ, ବାଲିଯାତ୍ରା ପଡ଼ିଆ, ଐତିହାସିକ ପଟିଆ ବନ୍ଧର କୁଆଖାଇ ନଦୀପଠା, ସକାଳ ୬ଟା ୩୦। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାଣିଜ୍ୟ ମେଳା ଓ ଉଦ୍‌ଯାପନ ଉତ୍ସବ, ରାତି ୭ଟା ୩୦।
- ଜାତୀୟ ଜନଜାତି କଳା ସାମଗ୍ରୀ ପ୍ରଦର୍ଶନୀର ଶେଷ ଦିବସ, ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସର, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ, ସିଆର୍‌ପି ଛକ, ଅପରାହ୍ନ ୨ଟାରୁ ରାତି ୮ଟା।କ

### ଖୋର୍ଦ୍ଧା

- ପଲ୍ଲିଶ୍ରୀ ମେଳା ଓ ଜିଲା ସଂସ୍କୃତି ମହୋତ୍ସବର ୫ମ ଦିବସ ସାଂସ୍କୃତିକ କାର୍ଯ୍ୟକ୍ରମ, ହାବେଳି ପଡିଆ, ସନ୍ଧ୍ୟା ୬ଟା।

## ୧।୧୨।୨୦୧୮ (ଶନିବାର)

### ଖୋର୍ଦ୍ଧା

- ପଲ୍ଲିଶ୍ରୀ ମେଳା ଓ ଜିଲା ସଂସ୍କୃତି ମହୋତ୍ସବର ଷଷ୍ଠ ଦିବସ ସାଂସ୍କୃତିକ କାର୍ଯ୍ୟକ୍ରମ, ହାବେଳି ପଡିଆ, ସନ୍ଧ୍ୟା ୬ଟା।



ହକି ବିଶ୍ୱକପ୍ ପାଇଁ ନିଓନ ଲାଇଟ୍‌ରେ ସଜାଯାଇଥିବା ଆଚାର୍ଯ୍ୟ ବିହାର ଫ୍ଲାଏଓଭର ବ୍ରିଜ୍। (ଫଟୋ: ବିକାଶ ନାୟକ)

# ୧୧ କୁଇଣ୍ଟାଲ ଗଞ୍ଜେଇ ଜବତ

**ଭୁବନେଶ୍ୱର, ୨୪।୧୧ (ବ୍ୟୁରୋ):** ମଞ୍ଜେଶ୍ୱର ଶିଳ୍ପାଞ୍ଚଳରୁ ୧୧ କୁଇଣ୍ଟାଲ ଗଞ୍ଜେଇ ଭର୍ତ୍ତି ଏକ କଣ୍ଟେନରକୁ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ(ଡିଆରଆଇ) ଜବତ କରିଛି। ଗାଡି ଡ୍ରାଇଭରଙ୍କୁ ଗୋଇନ୍ଦା ଅଧିକାରୀମାନେ ଅଟକ ରଖି ପଚରାଉଚରା କରୁଛନ୍ତି। ଗାଡ଼ିଟି ହରିୟାଣାର ଅମିତ କୁମାର ନାମକ ବ୍ୟକ୍ତିଙ୍କର। ଜବତ ଗଞ୍ଜେଇ ସ୍ୱତନ୍ତ୍ରଭାବେ ପ୍ୟାକିଂ କରାଯାଇ ବ୍ରହ୍ମପୁରରୁ ମଧ୍ୟପ୍ରଦେଶ ଯାଉଥିଲା। ଗାଡି ଡ୍ରାଇଭର ଜଣକ କୌଣସି କାର୍ଯ୍ୟରେ ମଞ୍ଜେଶ୍ୱର ଶିଳ୍ପାଞ୍ଚଳ ଯାଇଥିଲେ। ହେଲେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଡିଆରଆଇର ଅଧିକାରୀମାନେ ସେଠାରେ ଅତର୍କିତ ଚଢାଉ କରି ଗାଡିକୁ ଜବତ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ
ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3
BALASORE 9437147000
BBSR 0674- 2354320, 9437143000, 9437138000
ANGUL 9437146000
ସୂଚନା: ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ୍ ନାହିଁ ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

ଭାରତର ନଂ.୧
MUDRA Finance Group
ପିଏମ୍ ଏବଂ ବିତ୍ତ ମନ୍ତ୍ରଣାଳୟ ଦ୍ୱାରା ଜନକଲ୍ୟାଣ ଆବାସ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ, ବ୍ୟବସାୟ,ଇଟାଭାଟି ଏବଂ ସବୁପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ପାଆନ୍ତୁ। 1% ସୁଧ 40% ସରକାରୀ ସବ୍‌ସିଡି।
Shaldoha, Mahushmuriya, East Singhbhum, Bharagora, Jharkhand - 832301
Helpline Numbers:
7409203163

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

(ବିଶେଷ ଋଣ ଅଫର୍)
KUBER FINANCE
ତରଫରୁ ପି.ଏମ୍. ଜନଧନ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ ଇତ୍ୟାଦି 50000ରୁ 1 କୋଟି ପର୍ଯ୍ୟନ୍ତ ପାଆନ୍ତୁ । 1% ସୁଧ 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
Call Now:
8295564405
7496890187

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଅଗରୱାଲ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625285496
Add : - 41/14, Sec-1 Pushp Vihar, Delhi

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCIAL SERVICES
(Govt. Registered)
(Registration No.- U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୨ରୁ ୩ ଦିନରେ ପାଆନ୍ତୁ
Call Now
8859690149
7830746256
T-51, Gali No.-8, Gautampuri, Delhi-110053

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odis77407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପ୍‌ଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8670077673
310, Gram-Mohammadapur, Village- Mahammadpur, Tehsil- Gogawa, Dist- Khargone, MP - 451335

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



ଯାହାର ପୁତ୍ର, ଭୃତ୍ୟ, ସ୍ତ୍ରୀ ବଶୀଭୂତ ଥାଆନ୍ତି, ଧନହୀନ ହୋଇ ମଧ୍ୟ ସେ ସନ୍ତୋଷରେ ଥାଏ। ଏ ସଂସାରରେ ତା'ର ଗୃହକୁ ସ୍ୱର୍ଗ ସହିତ ତୁଳନା କରାଯାଏ ଏବଂ ସେ ଏହି ପୃଥିବୀରେ ଥିଲେ ମଧ୍ୟ ସ୍ୱର୍ଗ ସୁଖ ଲାଭ କରିଥାଏ।
- ଚାଣକ୍ୟ

# ହକି ବିଶ୍ୱକପ ପାଇଁ ଟ୍ରାଫିକ କଟକଣା

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)

ପୁରୁଷ ହକି ବିଶ୍ୱକପ ପାଇଁ କମିଶନରେଟ ପୋଲିସ ପକ୍ଷରୁ ଟ୍ରାଫିକ କଟକଣା ଜାରି କରାଯାଇଛି। ଉଦ୍‌ଘାଟନୀ ଉତ୍ସବ ସମେତ ବିଭିନ୍ନ ମ୍ୟାଚ୍ ଦେଖିବା ଲାଗି ଆସିବାକୁ ଥିବା ଦର୍ଶକଙ୍କ ପାଇଁ ସହରରେ ୭ଟି ପାର୍କିଂ ସ୍ଥାନ ଚିହ୍ନଟ କରାଯାଇଛି। ଚାରିଚକିଆ ଯାନ ନିମନ୍ତେ ୫୦ଟଙ୍କା ଏବଂ ଦୁଇ ଚକିଆ ଯାନ ନିମନ୍ତେ ୨୫ଟଙ୍କା ପାର୍କିଂ ଫି ନିର୍ଦ୍ଧାରଣ କରାଯାଇଛି। ଶାସ୍ତ୍ରିନଗରସ୍ଥିତ ପୁରୁଣା ଏଜି କଲୋନୀ ପଡିଆରେ ଚାରିଚକିଆ ଯାନ ଓ ଏହାର ନିକଟରେ ଥିବା ପଡିଆ, ଗେଟ ନମ୍ବର ୧ ନିକଟ ବେହେରାସାହି ପଡିଆ, ନୟାପଲ୍ଲୀ ରାବଣ ପୋଡି ପଡିଆ, ନୟାପଲ୍ଲୀ ଦୁର୍ଗାପୂଜା ପଡିଆରେ ଦୁଇ ଚକିଆ ଯାନ ପାର୍କିଂ କରାଯିବ। ସେହିପରି ହୋଟେଲ କ୍ରାଉନ ନିକଟ ଇଡ୍‌କଲ୍ ପଡିଆରେ ଚାରିଚକିଆ ଯାନ ଏବଂ ନିକୋ ପାର୍କ ରୋଡ୍ ଓ ଜନତା ମଇଦାନରେ ଉଭୟ ପ୍ରକାର ଯାନ ପାର୍କିଂ କରିବା ବ୍ୟବସ୍ଥା ହୋଇଛି।

ଖଣ୍ଡଗିରି ପଟୁ ଆସିବାକୁ ଥିବା ଦର୍ଶକ ନୟାପଲ୍ଲୀ ଦୁର୍ଗାପୂଜା ପଡିଆ ଚାରି ଚକିଆ ଏବଂ ଦକ୍ଷିଣପାର୍ଶ୍ୱସ୍ଥ ରାବଣ ପୋଡି ପଡିଆରେ ଦୁଇ ଚକିଆ ଯାନ ପାର୍କିଂ କରିବେ। ନନ୍ଦନକାନନ ପଟୁ ଆସିବାକୁ ଥିବା ବ୍ୟକ୍ତି ଜନତା ମଇଦାନରେ ଗାଡି ପାର୍କିଂ କରିବେ। ସେହିପରି କଟକ ପଟୁ ଆସୁଥିବା ବ୍ୟକ୍ତି ଆଚାର୍ଯ୍ୟ ବିହାର ଡାହାଣ ପାର୍ଶ୍ୱ ସର୍ଭିସ ରୋଡ୍ ଦେଇ ସୈନିକ ସ୍କୁଲ ଦେଇ ଜନତା ମଇଦାନରେ ଗାଡି ରଖିବେ। ରାଜଭବନ, ସଚିବାଳୟ ମାର୍ଗ ପଟୁ ଆସିବାକୁ ଥିବା ବ୍ୟକ୍ତି ପୁରୁଣା ଏଜି କଲୋନୀ ଏବଂ ଗେଟ ନମ୍ବର ୧ ନିକଟ ବେହେରାସାହି ପଡିଆରେ ଗାଡ଼ି ରଖିବେ। ବେହେରାସାହି ଛକଠାରୁ ଜୟଦେବ ବିହାର ପର୍ଯ୍ୟନ୍ତ ରାସ୍ତା ବନ୍ଦ କରାଯିବ। ନିକୋପାର୍କ ଏବଂ ଶାସ୍ତ୍ରିନଗର ଛକଠାରେ ଚେକ ପୋଷ୍ଟ କରାଯିବ ବୋଲି ପୋଲିସ କମିଶନର ସତ୍ୟଜିତ ମହାନ୍ତି ସୂଚନା ଦେଇଛନ୍ତି।




ପାର୍କିଂ ପାଇଁ ଚିହ୍ନିତ ସ୍ଥାନ(ସବୁଜ ରଙ୍ଗ)।

## ସାମାଜିକ କର୍ମୀଙ୍କୁ ଆକ୍ରମଣ, ବନ୍ଧୁକ ଲଗାଇ ହତ୍ୟା ଧମକ

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)
ରାଜମହଲ ଓଭର ବ୍ରିଜ ନିକଟରେ ଶନିବାର ଦୁର୍ବୃତ୍ତମାନେ ଓଡ଼ିଶା ଲୋକ ଦଳର ସଭାପତି ଦୀପ୍ତିରଞ୍ଜନ ମହାନ୍ତିଙ୍କୁ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଆକ୍ରମଣ କରିବା ସହ ମୁଣ୍ଡରେ ବନ୍ଧୁକ ଲଗାଇ ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଦୀପ୍ତିରଞ୍ଜନ ଶନିବାର ତାଙ୍କ ପୁଅକୁ ସାଙ୍ଗରେ ଧରି କଳ୍ପନା ଯାଇଥିଲେ। କାମ ସାରି ଏଜି ଛକ ରାସ୍ତାରେ ଫେରିବା ବେଳେ ରାଜମହଲ ଛକ ନିକଟରେ ଦୁଇ ଯୁବକ ଏକ ନମ୍ବରବିହୀନ ପଲସର ବାଇକରେ ଆସି ତାଙ୍କୁ ଅଟକାଇଥିଲେ। ଜଣେ ହେଲମେଟ ପିନ୍ଧିଥିବା ବେଳେ ଅନ୍ୟ ଜଣେ ମଙ୍କି କ୍ୟାପ ପିନ୍ଧିଥିଲେ। ହଠାତ ସେମାନେ ବାଇକ୍‌ରୁ ଓହ୍ଲାଇ ତାଙ୍କ ପୁଅର କଲର ଧରିବା ସହ ଅନ୍ୟ ଜଣେ ଦୀପ୍ତିଙ୍କ ହାତକୁ ଧରି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ହେଲମେଟ ପିନ୍ଧିଥିବା ଯୁବକ ଜଣଙ୍କ ଏକ ବନ୍ଧୁକ କାଢି ଦୀପ୍ତିଙ୍କ ମୁଣ୍ଡରେ ଲଗାଇ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ସହ ମୁହଁକୁ ଏକ ଶକ୍ତ ଚାପୁଡା ମାରିଥିଲେ। ଏ ନେଇ କାହାକୁ ନ ଜଣାଇବା ପାଇଁ ଧମକ ଦେଇ ଫେରାର ହୋଇଯାଇଥିଲେ। ପରେ ଦୀପ୍ତିରଞ୍ଜନ ଏ ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପ୍ରତାରଣା କରି ଯୁବକ ଗିରଫ

ବାଲିପାଟଣା, ୨୪।୧୧(ଡି.ଏନ୍.ଏ.): ବାଲିପାଟଣା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରତରଣା କରିବା ଅଭିଯୋଗରେ ପୋଲିସ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଜଗା ମଲ୍ଲିକ। ଅଭିଯୋଗ ଅନୁଯାୟୀ, ଉକ୍ତ ଯୁବତୀଙ୍କ ସହ ଜଗାଙ୍କ ଶାରୀରିକ ସମ୍ପର୍କ ଥିଲା। ପରେ ଯୁବତୀଙ୍କ ଏକ ସନ୍ତାନ ଜନ୍ମ ହୋଇଥିଲା। କିନ୍ତୁ ସେ ସନ୍ତାନ ତାଙ୍କର ନୁହେଁ ବୋଲି ଜଗା କହିଛନ୍ତି। ଏନେଇ ଯୁବତୀଙ୍କ ବାପା ଅଭିଯୋଗକ୍ରମେ ପୋଲିସ ୨୧୯/୧୮ରେ ମାମଲା ରୁଜୁ କରି ଜଗାକୁ ଗିରଫ କରିଛି। ଡିଏନ୍ଏ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ଜଗା କହିଛନ୍ତି।

## ପାନ ଛେପ ପକାଇ ଲୁଟିନେଲେ ସୁନାଚେନ୍

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ): ମହିଳାଙ୍କ ନିକଟକୁ ପାନ ଛେପ ପକାଇ ସୁନାଚେନ୍ ଲୁଟି ନେଇଛନ୍ତି ଲୁଟେରା। ଏଭଳି ଲୁଟ ହୋଇଛି ନୟାପଲ୍ଲୀ ଥାନା ଫାୟାର ଷ୍ଟେଶନ ନିକଟରେ। ଲୁଟର ଶିକାର ହୋଇଥିବା ମହିଳା ପ୍ରଜ୍ଞା ପ୍ରିୟଦର୍ଶିନୀ ପାଇକରାୟ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅପରାହ୍ନ ପ୍ରାୟ ୪ଟାରେ ପ୍ରଜ୍ଞା କଟକ ଯିବା ପାଇଁ ଫାୟାରଷ୍ଟେଶନ ନିକଟରେ ଛିଡା ହୋଇ ବସ୍‌କୁ ଅପେକ୍ଷା କରିଥିଲେ। ୨ ଯୁବକ ଏକ କଳା ପଲ୍‌ସର ବାଇକ୍‌ରେ ଆସି ତାଙ୍କ ନିକଟରେ ଛିଡାହୋଇ ତାଙ୍କ ପାଖକୁ ପାନ ଛେପ ପକାଇଥିଲେ। ପ୍ରଜ୍ଞାଙ୍କ ଉପରେ ପାନଛେପ ପଡିବାରୁ ସେ ସେମାନଙ୍କୁ ପାଟି କରିଥିଲେ। ଏତିକି ବେଳେ ଯୁବକଦ୍ୱୟ କେଉଁଠି ତୁମ ଉପରେ ପାନ ଛେପ ପଡିଲା ବୋଲି ପଚାରି ତାଙ୍କ ବେକରୁ ସୁନା ଚେନ ଝାମ୍ପିନେଇ ଚମ୍ପଟ ମାରିଥିଲେ।

## ଯୁବକଙ୍କୁ ଗୋଡ଼ାଇ ହାଣିଲେ

ପୁରୁଣା ଭୁବନେଶ୍ୱର,୨୪।୧୧(ଡି.ଏନ.ଏ.): ଧଉଳି ଥାନା ଶିଶୁପାଳଗଡ ଗ୍ରାମର ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଏଥିରେ ଗ୍ରାମର କୈଳାସ ଜେନା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବରନେବାରେ ଜଣାପଡିଛି ଶନିବାର ପୂର୍ବାହ୍ନରେ କୈଳାସ ବାଇକ୍‌ରେ ଯାଉଥିବାବେଳେ ଅନ୍ୟ ବାଇକ୍‌ରେ ୩ ଜଣ ଯୁବକ ତାଙ୍କୁ ପିଛା କରିଥିଲେ। କିଛି କହିବା ପୂର୍ବରୁ ସେମାନେ ତାଙ୍କୁ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଖବରପାଇ ଧଉଳି ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅନୁସନ୍ଧାନ ଚାଳଉଛି। ତେବେ ରିପୋର୍ଟ ଲେଖା ହେବାବେଳକୁ କୌଣସି ଥାନାରେ ମାମଲା ରୁଜୁ ହୋଇ ନ ଥିବା ପୋଲିସ ସୂଚନା ଦେଇଛି।

## ପ୍ରତି ଘରେ ପହଞ୍ଚିବ ବିଶୁଦ୍ଧ ପାଣି: ମୁଖ୍ୟମନ୍ତ୍ରୀ

ଜଟଣୀ, ୨୪।୧୧(ଡି.ଏନ.ଏ.)

ନିରୋଗ ତଥା ସୁସ୍ଥ ରହିବା ପାଇଁ ବିଶୁଦ୍ଧ ଜଳ ଆବଶ୍ୟକ। ମଣିଷ ସୁସ୍ଥ ରହିଲେ ଅର୍ଥନୀତି ସୁସ୍ଥ ରହିବ। ତେଣୁ ରାଜ୍ୟର ସବୁ ଲୋକଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେବା ସରକାରଙ୍କ ଲକ୍ଷ୍ୟ। ୨୦୧୯ ସୁଦ୍ଧା ସହରାଞ୍ଚଳର ପ୍ରତି ଘରେ ବିଶୁଦ୍ଧ ପାଣି ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।




ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

ଶନିବାର ଜଟଣୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବସୁଧା ଯୋଜନାରେ ରାଜ୍ୟର ୯୫ଟି ପୌରାଞ୍ଚଳ ପାଇଁ ୫ଶହଟି ପାନୀୟ ଜଳ ପ୍ରକଳ୍ପର ଲୋକାର୍ପଣ ଏବଂ ଆଇଆଇଟି, ନାଇଜର, ଇଡ୍‌କୋ ସହ ଖୋର୍ଦ୍ଧା ଓ ଜଟଣୀ ମ୍ୟୁନିସିପାଲିଟି ନିମନ୍ତେ ବୃହତ୍ ଜଳ ଯୋଗାଣ ପ୍ରକଳ୍ପକୁ ଉଦ୍‌ଘାଟନ କରିବା ଅବସରରେ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ନଗର ଉନ୍ନୟନ ଓ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ, ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ବିଧାୟକ ତଥା ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ନଗର ଉନ୍ନୟନ ବିଭାଗ କମିଶନର ତଥା ଶାସନ ସଚିବ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୧୪ କୋଟି ଠକେଇ: ସ୍ୱର୍ନଯୁଗ୍ ଏମ୍‌ଡି ଗିରଫ

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ): ବେକାର ଯୁବତୀଯୁବକଙ୍କୁ ଦକ୍ଷତା ବିକାଶ ତାଲିମ ପ୍ରଦାନ ଆଳରେ ୧୪ କୋଟି ଟଙ୍କା ଠକେଇ କରିଥିବା ସ୍ୱର୍ନଯୁଗ୍ ହ୍ୟୁମାନ ରିସୋର୍ସ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି)ଙ୍କୁ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ଶନିବାର ରାୟପୁରରୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ଆସ୍କା ଥାନା ଅଧୀନ ବଡଗଡ ଗ୍ରାମର ଜଗନ୍ନାଥ ଦାସ(୩୪)। ଜଗନ୍ନାଥ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍କିଲ୍‌ସ ଅଫ କମ୍ପ୍ୟୁଟର ସିଷ୍ଟମ ନାମରେ ଭୁବନେଶ୍ୱର ରସୁଲଗଡଠାରେ ଶାଖା ଖୋଲି ଯୁବକ ଯୁବତୀଙ୍କୁ କମ୍ପ୍ୟୁଟର, ଟେଲରିଂ ଶିକ୍ଷା ଦେଉଥିଲେ। ତାଙ୍କଠାରୁ ଅନେକ ଲୋକ ଫ୍ରାଞ୍ଚାଇଜ ନେଇ ନିଜ ଅଞ୍ଚଳରେ କେନ୍ଦ୍ର ଖୋଲି ତାଲିମ ଦେଉଥିଲେ। ଜଗନ୍ନାଥ ଫ୍ରାଞ୍ଚାଇଜ୍‌ମାନଙ୍କଠାରୁ ପ୍ରାୟ ୧୪ କୋଟି ଟଙ୍କା ଠକେଇ କରିଥିବା ନେଇ ଅଭିଯୋଗ ହୋଇଥିଲା।

## ପୋଲିସ ଏସ୍‌ଆଇଙ୍କ ପାସିଂଆଉଟ୍ ପରେଡ୍
## ୩୫ଟି ମଡେଲ ଥାନା କରାଯିବ: ଡିଜିପି

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)

ବିଜୁ ପଟ୍ଟନାୟକ ଷ୍ଟେଟ ପୋଲିସ ଏକାଡେମୀଠାରେ ପୋଲିସ ଏସ୍‌ଆଇଙ୍କ ପାସିଂ ଆଉଟ୍ ପରେଡ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ଗଣେଶୀ ଲାଲ ଯୋଗଦେଇ କହିଥିଲେ, ପୋଲିସ ଚାକିରି ପ୍ରଶଂସାର ଯୋଗ୍ୟ। ପାସିଂଆଉଟ ହୋଇଥିବା ଏସ୍‌ଆଇମାନେ ସତ୍ୟନିଷ୍ଠ ହୋଇ କାର୍ଯ୍ୟ କରନ୍ତୁ। ସାଧାରଣ ଲୋକଙ୍କ ପ୍ରତି ଦୟାଳୁ ହୁଅନ୍ତୁ। ପୋଲିସ ଡିଜି ଡା.ରାଜେନ୍ଦ୍ର ପ୍ରସାଦ ଶର୍ମା କହିଥିଲେ, ପାସିଂ ଆଉଟ୍ ହୋଇଥିବା ଏସ୍‌ଆଇମାନେ ଓଡ଼ିଶା ପୋଲିସର ଭବିଷ୍ୟତ। ଖୁବ୍‌ଶୀଘ୍ର ରାଜ୍ୟରେ ୩୫ଟି ମଡେଲ ଥାନା ଖୋଲାଯିବ। ପରେଡ୍‌ରେ ବିପିଏସ୍‌ପିଏର ନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୬୦୬ ଏସ୍‌ଆଇ ପାସ୍ ଆଉଟ୍ ହୋଇଛନ୍ତି।

## 'ବଣିକ୍'ର ୫ମ ପ୍ରତିଷ୍ଠା ଦିବସ ପାଳିତ



ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ର୍‍ୟାମ୍ପ ଶୋ'।

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)

'ବଣିକ୍'ର ୫ମ ପ୍ରତିଷ୍ଠା ଦିବସ ଓ ସମ୍ମାନ ପର୍ବ ଶନିବାର ଉତ୍କଳ ମଣ୍ଡପଠାରେ ପାଳିତ ହୋଇଯାଇଛି। ଅର୍ଥାଭାବ ଯୋଗୁ କେହି ବି ଶିକ୍ଷାଦାନରୁ ବଞ୍ଚିତ ନ ହୁଅନ୍ତୁ। ଏହି ଲକ୍ଷ୍ୟ ନେଇ 'ବଣିକ୍' ପକ୍ଷରୁ 'ବଣିକ୍ ଫର୍ ପିପୁଲ୍' ମାଧ୍ୟମରେ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ମାଗଣା କୋଚିଂ ଏବଂ ହଷ୍ଟେଲରେ ମାଗଣା ରହିବାର ବନ୍ଦୋବସ୍ତ କରାଯାଇଛି। ବଣିକ ଏହାର ମେଧାବୃତ୍ତି ପରୀକ୍ଷା ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଚୟନ କରି ଶିକ୍ଷାଦାନର ବ୍ୟବସ୍ଥା କରିଛି। ଏହି ସଫଳତାକୁ ପାଳନ କରିବା ସହିତ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଉତ୍କଳ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ମୁଖ୍ୟବକ୍ତା ଭାବେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କମ୍ପ୍ୟୁଟର ମ୍ୟାନେଜମେଣ୍ଟ ବିଶେଷଜ୍ଞ ଭରଦ୍ୱାଜ ମିଶ୍ର ଓ ସମ୍ମାନିତ ଅତିଥିଭାବେ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଉତ୍ସବରେ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ପକ୍ଷରୁ ସ୍ମୃତି ରଞ୍ଜନ ଛଟୋଇ, ପ୍ରମୋଦ ପାଢ଼ୀ, ଗଣେଶ ଖଟୁଆ ଓ ଅନ୍ୟ ବରିଷ୍ଠ ଶିକ୍ଷକମାନେ ପରିଚାଳନା କରିଥିଲେ। ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ କୁମାର ଛାଟୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ର୍‍ୟାମ୍ପ ଶୋ' ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।






ଜନ୍ମେଜୟ



ଆଶୁତୋଷ



କ୍ରିଷ୍ଣା



ଫୟାଜ୍



ପପୁନ



ବିଦ୍ୟୁତ୍



ଦୀପକ



ସୌମ୍ୟରଞ୍ଜନ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୫ ନଭେମ୍ବର, ୨୦୧୮



"ପାର୍ଲାମେଣ୍ଟ ଅଧିବେଶନରେ ବାରମ୍ବାର ସୃଷ୍ଟି ହେଉଥିବା ବ୍ୟାଘାତକୁ ନେଇ ରାଜନୈତିକ ଦଳ ଏବଂ ଏମ୍‌ପିମାନେ ଆତ୍ମସମୀକ୍ଷା କରନ୍ତୁ। ସେମାନେ ସଂସଦୀୟ ଗଣତନ୍ତ୍ରର ପରମ୍ପରା ଓ ମୂଲ୍ୟବୋଧକୁ ସମ୍ମାନ ଦିଅନ୍ତୁ।"
–ଏମ୍‌.ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି



## ସଂକ୍ଷେପରେ

### ଭାରତ-ଚାଇନା ସୀମା ଆଲୋଚନାରେ ଡୋଭାଲ, ୱାଙ୍ଗ୍‌



ବେଜିଂ,୨୪।୧୧(ପି.ଟି.): ଡୋକ୍‌ଲାମ୍ ଝଡ଼ ସାମାନ୍ୟ ଥମିବା ପରେ ଏବେ ଭାରତ ଏବଂ ଚାଇନା ସମ୍ପର୍କ ଏକ ନୂଆ ମୋଡ଼ ନେଇଛି। ଗୋଟିଏ ପଟେ ସୀମା ବିବାଦର ସମ୍ପୂର୍ଣ୍ଣ ସମାଧାନ ହୋଇ ନ ଥିବାବେଳେ ଅନ୍ୟପଟେ କୂଟନୈତିକ ସ୍ତରରେ ନୂଆଦିଲ୍ଲୀକୁ ଚ୍ୟାଲେଞ୍ଜ କରୁଛି ବେଜିଂ। ଈର୍ଷାନ୍ୱିତ କରାଇବା ପାଇଁ ଏହା ପାକିସ୍ତାନ ସହ ବନ୍ଧୁତା ବଢ଼ାଉଛି। ଏସବୁ ଘଟଣାକ୍ରମ ସତ୍ତ୍ୱେ ଶନିବାର ଚାଇନାର ସିଚୁଆନ୍ ପ୍ରଦେଶସ୍ଥିତ ଦୁଜିଆଙ୍ଗ୍‌ୟାନ୍ ସହରରେ ଦୁଇଦେଶ ମଧ୍ୟରେ ବୈଠକ ହୋଇଛି। ଜାତୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଏବଂ ଚାଇନା ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟି ଆଲୋଚନା ଟେବୁଲରେ ବସି ସୀମା ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଛନ୍ତି।

### ଇତିହାସର ଆଇନାରେ
### ନଭେମ୍ବର ୨୫ର ପ୍ରମୁଖ ଘଟଣା

୧୮୩୯ ନଭେମ୍ବର ୨୫ରେ ଆନ୍ଧ୍ରପ୍ରଦେଶର ଗୋଦାବରୀ ନଦୀ କୂଳରେ ଥିବା ବନ୍ଦରନଗରୀ କୋରିଙ୍ଗାଠାରେ ଭୟଙ୍କର ବାତ୍ୟା ମାଡ଼ ହୋଇଥିଲା। ଭାରତର ଦକ୍ଷିଣ-ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳରେ ଏହା ଧ୍ୱଂସର ଲୀଳା ରଚିଥିଲା। ବାତ୍ୟା ପ୍ରଭାବରେ ୩ ଲକ୍ଷ ଲୋକ ପ୍ରାଣ ହରାଇଥିବାବେଳେ କୋରିଙ୍ଗା ପ୍ରାୟ ଜନଶୂନ୍ୟ ହୋଇଯାଇଥିଲା।

୧୯୬୭ ନଭେମ୍ବର ୨୫ରେ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ମଧ୍ୟରେ ପ୍ରଥମ ଐତିହାସିକ ସାଟେଲାଇଟ୍ ଟିଭି ପ୍ରସାରଣ ଆରମ୍ଭ ହୋଇଥିଲା। ବିବିସି ସହ ଏବିସି ଚୁକ୍ତିକରିବା ପରେ ୟୁକେ ବ୍ୟବସାୟିକ ଷ୍ଟେଶନ 'ଆଇଟିଏନ୍' ଏବଂ 'ଟିଭିଡବ୍ଲ୍ୟୁ ଚ୍ୟାନେଲ୍ ୭' ପରେ ପ୍ରସାରଣ ନେଇ ବୁଝାମଣା ହୋଇଥିଲା।

## ■ ରାମମନ୍ଦିର ନିର୍ମାଣ ନେଇ ଚାପ: ଅଯୋଧ୍ୟାରେ ଉଦ୍ଧବ

# ଭୋଟ ଛଡ଼ାଇବାକୁ ଉଦ୍ୟମ

ଅଯୋଧ୍ୟା,୨୪।୧୧(ପି.ଟି.)



'କୁମ୍ଭକର୍ଣ୍ଣ ନିଦରୁ ଉଠ, ମନ୍ଦିର ନିର୍ମାଣ ତାରିଖ ଘୋଷଣା କର'

ଉତ୍ତରପ୍ରଦେଶର ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଲାଗି ଜୋର୍ ଧରୁଛି ଦାବି। ଏନେଇ ଅଧ୍ୟାଦେଶ ଆଣିବାକୁ ଦାବି ହେଉଥିଲେ ମଧ୍ୟ କର୍ଣ୍ଣପାତ କରୁନାହିଁ ଭାରତୀୟ ଜନତା ପାର୍ଟି (ଭାଜପା)। ଏତିକିବେଳେ ଏହାର ତଥାକଥିତ ସହଯୋଗୀ ଦଳ ଶିବସେନା ଚଳାଇଛି ଗୋଟି। ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ହଜାର ହଜାର ଦଳୀୟ ସମର୍ଥକଙ୍କ ସହ ଶନିବାର ଅଯୋଧ୍ୟା ଗସ୍ତ କରିଛନ୍ତି। ନରେନ୍ଦ୍ର ମୋଦି ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇ ସେ କହିଛନ୍ତି, କୁମ୍ଭକର୍ଣ୍ଣ ନିଦରୁ ଉଠି କେନ୍ଦ୍ର ରାମ ମନ୍ଦିର ନିର୍ମାଣ ତାରିଖ ଘୋଷଣା କରୁ। ପରିବାର ସହ ଉଦ୍ଧବଙ୍କ ଏହି ଦୁଇ ଦିନିଆ ଅଯୋଧ୍ୟା ଯାତ୍ରା ଭାଜପା ପାଇଁ ସୃଷ୍ଟି କରିଛି ଅଡୁଆ। ଆଗାମୀ ନିର୍ବାଚନରେ ଭୋଟ ଛଡ଼ାଇନେବା ପାଇଁ ଶିବସେନା ମୁଖ୍ୟ ବଡ଼ ଖେଳ ଖେଳୁଥିବା କୁହାଯାଉଛି।

ନିର୍ବାଚନ ପାଖେଇ ଆସିଲେ ସବୁଥର ଆଗ ଉଠେ ଅଯୋଧ୍ୟା ପ୍ରସଙ୍ଗ। ରାମ ମନ୍ଦିର ନିର୍ମାଣ ଲାଗି ବଡ଼ ବଡ଼ ପ୍ରତିଶ୍ରୁତି ଦିଏ ଭାଜପା। ନିର୍ବାଚନ ଶେଷ ହେବା ପରେ ସେ କଥା ପାଣିର ଗାର ଭଳି ହୋଇଯାଏ। ଏଥର ସଂଯୋଗବଶତଃ ଉଭୟ ଉତ୍ତରପ୍ରଦେଶ ଏବଂ କେନ୍ଦ୍ରରେ କ୍ଷମତାସୀନ ରହିଛି ଭାଜପା। ତଥାପି ରାମ ମନ୍ଦିର ନିର୍ମାଣ ପାଇଁ କିଛି ସିଦ୍ଧାନ୍ତ କରିପାରୁ ନାହିଁ ଗୈରିକ ଦଳ। ତେଣୁ କେନ୍ଦ୍ରକୁ ତୁରନ୍ତ ନିଷ୍ପତ୍ତି ନେବା ଏକପ୍ରକାର ବାଧ କରିଦେବାକୁ ହିନ୍ଦୁତ୍ୱବାଦୀ ସଙ୍ଗଠନ ଅଣ୍ଟା ଭିଡ଼ିଛନ୍ତି। ରବିବାର ଭିଏଚ୍‌ପି ପକ୍ଷରୁ ବଡ଼ ର୍‍ୟାଲି ହେବାକୁ ଯାଉଛି। ଏହାର ଦିନକ ପୂର୍ବରୁ ଶିବସେନା ସୁପ୍ରିମୋ ଉଦ୍ଧବ ଅଯୋଧ୍ୟାରେ ନିଜ ଉପସ୍ଥିତି ଜାହିର କରିଛନ୍ତି। ସ୍ତ୍ରୀ ରଶ୍ମି ଏବଂ ପୁଅ ଆଦିତ୍ୟଙ୍କ ସହ ଅଯୋଧ୍ୟାରେ ପହଞ୍ଚିବା ପରେ ସେ ମୋଦି ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଦିନ, ମାସ ଏବଂ ପଡି ପରେ ପିଢି ଗଡ଼ିଚାଲିଛି। କିନ୍ତୁ ରାମ ମନ୍ଦିର ନିର୍ମାଣ ହୋଇପାରିଲା ନାହିଁ। ଏହାକୁ ସାକାର କରିବା ପାଇଁ ସରକାର ଯଥାଶୀଘ୍ର ଅଧ୍ୟାଦେଶ ଆଣନ୍ତୁ ବୋଲି ସେ କହିଛନ୍ତି।

ମୋଦି ଓ ତାଙ୍କ ସରକାରକୁ ଉଦ୍ଧବ ରାମାୟଣ ଚରିତ୍ର କୁମ୍ଭକର୍ଣ୍ଣ ସହିତ ତୁଳନା କରିଛନ୍ତି, ଯିଏକି ମାସ ମାସ କାଳ ଶୋଇରହନ୍ତି। ଏହି ପରିପ୍ରେକ୍ଷୀରେ ଉଦ୍ଧବ କହିଛନ୍ତି, କୁମ୍ଭକର୍ଣ୍ଣଙ୍କୁ ନିଦରୁ ଉଠାଇବାକୁ ସେ ଅଯୋଧ୍ୟା ଯାଇଛନ୍ତି। ତେବେ ରାମ ମନ୍ଦିର ଏକ ବିଶ୍ୱାସର ବିଷୟବସ୍ତୁ ହୋଇଥିବାରୁ ସୁପ୍ରିମକୋର୍ଟଙ୍କ ରାୟ ଆସିବା ପୂର୍ବରୁ କେନ୍ଦ୍ର ଆଇନ ଆଣିବା ଜରୁରୀ ବୋଲି ଶିବସେନା ମୁଖ୍ୟ ମତବ୍ୟକ୍ତ କରିଛନ୍ତି। ଲକ୍ଷ୍ମଣ କିଲ୍ଲାରେ ବିସ୍ଫୋରକ କଥା କହିବା ପରେ ସନ୍ଧ୍ୟାରେ ସେ ସରଯୂ ନଦୀକୂଳରେ ପୂଜାର୍ଚ୍ଚନା କରିଥିଲେ। ମହାରାଷ୍ଟ୍ରରୁ ଦୁଇଟି ଟ୍ରେନ୍‌ରେ ପ୍ରାୟ ୩,୦୦୦ ଶିବସେନା କର୍ମୀ ଅଯୋଧ୍ୟା ଯାଇଥିବା ଜଣାପଡ଼ିଛି। ପୁଣେରେ ଶିବନେରି ଦୁର୍ଗରୁ ଉଦ୍ଧବ ଏକ ପାତ୍ର ସାଙ୍ଗରେ ନେଇଯାଇଛନ୍ତି। ସେଥିରେ ମାଟି ରହିଛି। ରାମଲାଲ୍ଲା ମନ୍ଦିର ପୂଜକଙ୍କୁ ଭେଟିବା ପରେ ସେ ଏହାକୁ ହସ୍ତାନ୍ତର କରିବେ ବୋଲି ଜଣାପଡ଼ିଛି।

ରାଜନୈତିକ ଉଦ୍ଦେଶ୍ୟ ରଖି ଉଦ୍ଧବ ଅଯୋଧ୍ୟା ଗସ୍ତ କରିଥିବା କୁହାଯାଉଛି। କିନ୍ତୁ ଏହାକୁ ସେ ଖଣ୍ଡନ କରିଛନ୍ତି। ତେବେ ସେ ଯେତେ ଯାହା କହିଲେ ସୁଦ୍ଧା, ଏସବୁ ପଛରେ ଏକ ବୃହତ୍ ରାଜନୈତିକ ସମୀକରଣ ପରିଲକ୍ଷିତ ହେଉଛି। ମହାରାଷ୍ଟ୍ର ଏବଂ କେନ୍ଦ୍ରରେ ଭାଜପା ସହ ମେଣ୍ଟରେ ଥିଲେ ସୁଦ୍ଧା ଶିବସେନାର ପ୍ରଭାବ ସେତେଟା ନାହିଁ। ତେଣୁ ଉତ୍ତରପ୍ରଦେଶରେ ହିନ୍ଦୁ ଭୋଟରଙ୍କୁ ନିଜ ସପକ୍ଷକୁ ନେଇ ମହାରାଷ୍ଟ୍ରରେ ଭାଜପା ସହ ମୂଲଚାଲ କରିବା ଉଦ୍ଧବଙ୍କ ଲକ୍ଷ୍ୟ। ତାଙ୍କ ଯୋଜନା ଫଳବତୀ ହେଲେ ଭାଜପା ବାଧହୋଇ ମୁଣ୍ଡ ନୁଆଁଇବ। କାହିଁକିନା ୨୦୧୯ ନିର୍ବାଚନ ଜିତିବାକୁ ହେଲେ ଉତ୍ତରପ୍ରଦେଶ ଦୁର୍ଗରେ ଅଧିକ ଆସନ ହାତେଇବା ଏହା ପାଇଁ ନିତାନ୍ତ ଆବଶ୍ୟକ। ଯଦି ଉଦ୍ଧବଙ୍କୁ ଏହା ରୋକି ନ ପାରିବ, ତା'ହେଲେ ଭାଜପା ସପକ୍ଷରେ ଥିବା ହିନ୍ଦୁ ଭୋଟ ବିଭାଜନ ହେବ। ଏସବୁର ଫାଇଦା ନେବେ ଏସ୍‌ପି, ବିଏସ୍‌ପି ଓ କଂଗ୍ରେସ। ତେଣୁ ଉଦ୍ଧବଙ୍କ ସଦ୍ୟ ଗୋଟିଚାଳନାର ପ୍ରଭାବ ସୁଦୂରପ୍ରସାରୀ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ।

## 'ଧର୍ମସଭା' ପାଇଁ ପୋଲିସ ଛାଉଣୀ

ଅଯୋଧ୍ୟା,୨୪।୧୧(ପି.ଟି.): ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଦାବିନେଇ ରବିବାର ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ 'ଧର୍ମସଭା ଅନୁଷ୍ଠିତ ହେବ। ଏଥିପାଇଁ ଦିନକ ପୂର୍ବରୁ ଅଯୋଧ୍ୟା ପାଲଟିଛି ଲୋକାରଣ୍ୟ। ଗଣ୍ଡଗୋଳ ହେବା ଆଶଙ୍କା କରି ସମଗ୍ର ଅଞ୍ଚଳରେ ସୁରକ୍ଷା ଛାଉଣୀ କରାଯାଇଛି। ତେବେ ସହରରେ ଏତେବଡ଼ ରାଲି ଆୟୋଜନ କରିବାର କ'ଣ ଆବଶ୍ୟକ ବୋଲି ଅଯୋଧ୍ୟା ମାମଲାର ଆବେଦନକାରୀ ଇକବାଲ ଅନ୍‌ସାରୀ ପ୍ରଶ୍ନ କରିଛନ୍ତି।

"ଭିଏଚ୍‌ପିର 'ଧର୍ମସଭା'ରେ ଯୋଗଦେବା ଲାଗି ହଜାର ହଜାର ଲୋକ ଅଯୋଧ୍ୟାକୁ ଛୁଟିଆସିଲେଣି। ସୁରକ୍ଷା କଡ଼ାକଡ଼ି କରିବା ପାଇଁ ଆବଶ୍ୟକ ପଡ଼ିଲେ ସେନା ମଧ୍ୟ ମୁତୟନ କରାଯାଉ।"
-ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ



## ସନାତନ ସଂସ୍ଥାର ସଦସ୍ୟ ଗୌରୀଙ୍କ ହତ୍ୟାକାରୀ

ବେଙ୍ଗାଲୁରୁ,୨୪।୧୧(ପି.ଟି.)

**ଏସଆଇଟିର ଚାର୍ଜଶିଟ ଦାଖଲ**



ହିନ୍ଦୁ ସଂଗଠନ ସନାତନ ସଂସ୍ଥାର ସଦସ୍ୟମାନେ ସାମ୍ବାଦିକା ତଥା ସମାଜକର୍ମୀ ଗୌରୀ ଲଙ୍କେଶଙ୍କୁ ଗୁଳିକରି ହତ୍ୟା କରିଥିଲେ। ଉକ୍ତ ଘଟଣାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) କୋର୍ଟରେ ଦାଖଲ କରିଥିବା ୯୨୩୫ ପୃଷ୍ଠାର ଅତିରିକ୍ତ ଚାର୍ଜଶିଟରେ ଏହା ଉଲ୍ଲେଖ କରାଯାଇଛି। ହତ୍ୟାକାଣ୍ଡ ପଛରେ କୌଣସି ବ୍ୟକ୍ତିଗତ କାରଣ କିମ୍ବା ଶତ୍ରୁତା ନଥିଲା। ସେ ଭିନ୍ନ ମତବାଦରେ ବିଶ୍ୱାସ କରୁଥିବାରୁ ଏବଂ ତାହା ଉପରେ ଲେଖାଲେଖି କରୁଥିବାରୁ ତାଙ୍କୁ ହତ୍ୟା ଯୋଜନା କରାଯାଇଥିଲା। ଏଥିପାଇଁ ୫ ବର୍ଷ ପୂର୍ବରୁ ସନାତନ ସଂସ୍ଥାର ଏକ ନେଟୱାର୍କ ଯୋଜନା ପ୍ରସ୍ତୁତ କରିଥିଲା ବୋଲି ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଏସ. ବାଲାନ କହିଛନ୍ତି। ଏଥିସହିତ ଉକ୍ତ ମାମଲାର ଅଧିକ ତଦନ୍ତ ଲାଗି ଏସଆଇଟି କୋର୍ଟଙ୍କ ଅନୁମତି ଚାହିଁଛି। ଏହି ମାମଲାର ପ୍ରଥମ ଚାର୍ଜଶିଟ ଗତ ମେ' ମାସରେ ଦାଖଲ ହୋଇଥିଲା।

## ପଠାନକୋଟରେ ୬ ସନ୍ଦିଗ୍ଧ

ଚଣ୍ଡିଗଡ,୨୪।୧୧(ପି.ଟି.)

ପଞ୍ଜାବର ସୀମାନ୍ତ ଜିଲା ପଠାନ୍‌କୋଟରେ ୬ ଜଣ ଲୋକ ସନ୍ଦେହଜନକ ଭାବେ ବିଚରଣ କରୁଥିବା ଜଣେ କୃଷକ ଖବର ଦେବା ପରେ ପୋଲିସ ପକ୍ଷରୁ ଜୋରଦାର ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଛି। ଗତ ୧୩ ତାରିଖରେ ଜମ୍ମୁରୁ ଆସିଥିବା ୪ ଜଣ ଲୋକ ପଠାନ୍‌କୋଟର ମାଧୋପୁର ଅଞ୍ଚଳରେ ଡ୍ରାଇଭରକୁ ବନ୍ଧୁକ ଦେଖାଇ କାର ଅପହରଣ କରିନେଇଥିଲେ। ଏହା ପରଠାରୁ ଉକ୍ତ ଅଞ୍ଚଳରେ ସୁରକ୍ଷା ବାହିନୀ ସଜାଗ ରହିଛି। ଶନିବାର କୃଷକଙ୍କଠାରୁ ୬ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କ ସମ୍ପର୍କରେ ଖବର ପାଇବା ପରେ ପୋଲିସ ସେମାନଙ୍କୁ ଠାବ କରିବା ଲାଗି ବିଭିନ୍ନ ଏଜେନ୍ସିଠାରୁ ତଥ୍ୟ ସଂଗ୍ରହ କରୁଛି। ଶାଦିପୁର ଗ୍ରାମର ବଲବୀର ସିଂ ଶୁକ୍ରବାର ସଂଧ୍ୟାରେ ତାଙ୍କ କୃଷିକ୍ଷେତ୍ରରୁ ଫେରୁଥିଲା ବେଳେ ୬ଜଣ ଅପରିଚିତ ଡେଙ୍ଗା ଲୋକ ସନ୍ଦେହଜନକ ଭାବେ ଚାଲବୁଲ କରୁଥିବା ଦେଖିଥିଲେ। ଏ ସମ୍ପର୍କରେ ସେ ଗାଁର ସରପଞ୍ଚଙ୍କୁ ଜଣାଇବା ପରେ ସେ ପୋଲିସକୁ ଖବର ଦେଇଥିଲେ।

## ସି.ପି. ଜୋଷୀଙ୍କୁ ଇସି ନୋଟିସ

ଜୟପୁର,୨୪।୧୧(ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟମାନଙ୍କ ବିରୋଧରେ ଜାତିଆଣ ମନ୍ତବ୍ୟ ଦେଇ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ କଂଗ୍ରେସ ନେତା ସି.ପି. ଜୋଷୀଙ୍କୁ ନିର୍ବାଚନ କମିଶନ ନୋଟିସ ଜାରି କରିଛନ୍ତି। ଭାଜପା ପକ୍ଷରୁ ଅଭିଯୋଗ କ୍ରମେ ରାଜସମନ୍ଦ୍ ଜିଲାର ରିଟର୍ନିଂ ଅଫିସର ଏହି ନୋଟିସ ପଠାଇଛନ୍ତି। ଡିସେମ୍ବର ୭ ନିର୍ବାଚନ ଲାଗି ନାଥଦ୍ୱାର ଆସନରୁ ପ୍ରାର୍ଥୀ ହୋଇଥିବା ଜୋଷୀ ଗୁରୁବାର ଏକ ନିର୍ବାଚନୀ ସଭାରେ ଭାଷଣ ଦେଲା ବେଳେ ପ୍ରଧାନମନ୍ତ୍ରୀ ମୋଦି, ଭାଜପା ଏମ୍‌ପି ଉମା ଭାରତୀ ଏବଂ ସାଧ୍ୱୀ ଋତୁମ୍ଭରା ହିନ୍ଦୁତ୍ୱ ବିଷୟରେ କିଛି ଜାଣନ୍ତି ନାହିଁ ବୋଲି କହିଥିଲେ। ହିନ୍ଦୁତ୍ୱ ସମ୍ପର୍କିତ ଜ୍ଞାନ କେବଳ ବ୍ରାହ୍ମଣମାନଙ୍କର ରହିଛି ବୋଲି ସେ କହିଥିଲେ। ରବିବାର ପୂର୍ବାହ୍ନ ୧୧ଟା ସୁଦ୍ଧା ନୋଟିସର ଉତ୍ତର ଦେବାକୁ ଜୋଷୀଙ୍କୁ କୁହାଯାଇଛି।


### GOVERNMENT OF ODISHA
### e-Procurement Notice
**ANGUL (R&B) DIVISIOIN**
**Bid Identification No. - 35 of 2018 - 19**
e-mail ID: angulrbdivision@yahoo.co.in

No.879-B

1. Number of Works : 3 (Three) numbers of Building works, 2 (Two) number of Road works
2. Approximate estimated cost : Varies from Rs.8.00 lakh to Rs.62.00 lakh
3. Period of completion : Varies from 02 (Two) to 06 (Six) Calendar months
4. Date & Time of availability of bid document in the portal : Dt. 28.11.2018 at 10.00 A.M.
5. Last date / Time for receipt of bid in the portal : Dt. 12.12.2018 up to 5.00 P.M.
6. Date of opening of Bid : Dt. 13.12.2018 at 11.00 A.M.
7. Name and address of the Office Inviting Bid : Executive Engineer, Angul (R&B) Division, Angul
8. The bidders have to participate in ONLINE bidding only.

Further details can be seen from the e-procurement portal **https:/tendersodisha.gov.in**.

**Sd./- Er. S. N. Acharya**
**Executive Engineer,**
**Angul (R&B) Division**

34074/11/0029/1819

### ତହସିଲଦାରଙ୍କ କାର୍ଯ୍ୟାଳୟ, ଓଡ଼ଗାଁ, ଜିଲ୍ଲା-ନୟାଗଡ଼
**ବିଜ୍ଞାପନ ସଂଖ୍ୟା: ୪୩୯୯** **ତା.୧୯।୧୧।୧୮**

**ଲଘୁ ଖଣିଜ ସମ୍ପଦ ଲିଜ୍ ନିମନ୍ତେ ବିଜ୍ଞାପନ**

**No.75-F:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଓଡ଼ଗାଁ ତହସିଲ୍ ଅଧୀନସ୍ଥ ନିମ୍ନଲିଖିତ ସୂଚୀ ବର୍ଣ୍ଣିତ ଲଘୁ ଖଣିଜ ଖାଦାନଗୁଡ଼ିକ ୨୦୧୮-୧୯ ଆର୍ଥିକ ବର୍ଷ ଠାରୁ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ଦୀର୍ଘ ମିଆଦି ସୂତ୍ରେ ଅନ୍ୟୁନ ୫(ପାଞ୍ଚ) ବର୍ଷ ପାଇଁ ଲିଜ୍ ଆକାରରେ ତହସିଲଦାରଙ୍କ ଦ୍ୱାରା ବନ୍ଦୋବସ୍ତ କରାଯିବା ପାଇଁ ସ୍ଥିର କରାଯାଇଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ O.M.M.C. (Amendment) Rules-2016, Form-M ପୂରଣ କରି ତିନି କପି ସହ ନିମ୍ନଲିଖିତ ଦଲିଲ/ କାଗଜାତ ସଂଲଗ୍ନ କରି ଜଉମୁଦ ଦିଆ ଲଫାପାରେ ତା.୦୭।୧୨।୨୦୧୮ରିଖ ଅପରାହ୍ଣ ୦୪ ଘଟିକା ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ଟେଣ୍ଡର ବାକ୍ସରେ ଦାଖଲ କରିବେ। ଉକ୍ତ ଦରଖାସ୍ତଗୁଡ଼ିକୁ ତା୧୦।୧୨।୨୦୧୮ରିଖ ଦିନ ୧୧ ଘଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ। ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ କରାଯାଇ ନଥାଏ ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି ତା'ହେଲେ ୨ୟ ଥର ପାଇଁ ତା୨୬।୧୨।୨୦୧୮ରିଖ ଅପରାହ୍ଣ ୦୨ ଘଟିକା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ଦରଖାସ୍ତ କରିପାରିବେ ଏବଂ ସେଗୁଡ଼ିକ ଉକ୍ତ ଦିନ ୦୪ ଘଟିକା ସମୟରେ ସମସ୍ତ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ। ସେହିପରି ଯଦି ୨ୟ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ କରାଯାଇନଥାଏ ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି ତା'ହେଲେ ୩ୟ ଥର ପାଇଁ ତା.୧୬।୦୧।୨୦୧୮ ରିଖ ଦିନ ୦୨ ଘଟିକା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ଦରଖାସ୍ତ କରିପାରିବେ ଏବଂ ସେଗୁଡ଼ିକ ଉକ୍ତ ଦିନ ୦୪ ଘଟିକା ସମୟରେ ସମସ୍ତ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। ଅସଂପୂର୍ଣ୍ଣ ଦରଖାସ୍ତଗୁଡ଼ିକ ବାତିଲ କରାଯିବ। ପୂର୍ବ ନିଲାମମାନଙ୍କରେ ନିଲାମ ଦେୟ ବକେୟା ରଖିଥିବା ବ୍ୟକ୍ତି ନିଲାମରେ ଅଂଶଗ୍ରହଣ କରିପାରିବେ ନାହିଁ। କର୍ତ୍ତୃପକ୍ଷଙ୍କର କୌଣସି କାରଣ ନ ଦର୍ଶାଇ ନିଲାମ ଖାରଜ କିମ୍ବା ସ୍ଥଗିତ କରିବାର ଅଧିକାର ରହିଛି।

ନିଲାମ ସଂକ୍ରାନ୍ତୀୟ ସବିଶେଷ ବିବରଣୀ ତହସିଲ୍ କାର୍ଯ୍ୟାଳୟ, ଓଡଗାଁ ତଥା ଜିଲ୍ଲାପାଳ, ନୟାଗଡଙ୍କ website: www.Nayagarh.nic.in ରେ ଉପଲବ୍ଧ ଅଟେ।

**24036/11/0001/1819** **ସ୍ୱା./- ତହସିଲଦାର, ଓଡ଼ଗାଁ**

### OFFICE OF THE BARIPADA MUNICIPAL COUNCIL, BARIPADA
Phone:-06792-252703, Fax:-06792-252703
Email:-baripadam.hud@nic.in, Website- www.baripadamunicipality.in
No: 9697 Date: 22.11.2018

**DTCN PART-I (TECHNICAL BID) SECTION-II**
**COMPETITIVE BIDDING THROUGH 'e' Procurement**

No.355-C: The Executive Officer on behalf of Baripada Municipality, Baripada invites percentage rate bids in single cover system in ONLINE MODE only in conformity with Detailed Tender Call Notice (DTCN).
Bid Documents consisting of Work, Estimated Cost, Cost of Tender Paper, EMD and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.
Tender Reference No: BPDM- 05 of 2018-2019 Tender I.D No :

| Sl. No. | Description | Critical Dates |
|---|---|---|
| 1 | Procurement Officer - Publisher / Tender Inviting Authority / Bids | Executive Officer, Baripada Municipality, Baripada. |
| 2 | Name of the Work | Construction of Civil Work (As per DTCN) |
| 3 | Nos. of Work | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders on-line for bidding | From Dt. 26.11.2018 (11.00 A.M.) to Dt. 10.12.2018 (5.00 P.M.) |
| (ii) | Last date & time of bidding on-line (Submission of Bids) | Dt. 10.12.2018 (5.00 P.M.) |
| (iii) | Date & time of opening of the Bids received on-line | Dt. 12.12.2018 (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received on-line. | |

5. Detail Tender Call Notice (DTCN) may also be seen from the Baripada Municipality Website i.e. **www.baripadamunicipality.in**.

Further details can be seen from the procurement portal i.e. **www.tendersorissa.gov.in**.

**Sd./- Executive Officer,**
**Baripada Municipality**

13078/11/0031/1819

### GOVERNMENT OF ODISHA
No.849-A
**DEPARTMENT OF WATER RESOURCES,**
**OFFICE OF THE EXECUTIVE ENGINEER,**
**KALAHANDI IRRIGATION DIVISION, BHAWANIPATNA**
e-mail address: - eekldbpt2008@hotmail.com
**e-PROCUREMENT NOTICE No- 04 (KID) / 2018-19**

**PERCENTAGE RATE e-TENDER**

1. The Executive Engineer, Kalahandi Irrigation Division, Bhawanipatna, Dist-Kalahandi, PIN-766001, (Odisha) on behalf of governor of Odisha invites **"PERCENTAGE RATE Bids" IN DOUBLE COVER SYSTEM**, in electronic tendering system for the construction works detailed in the table below.
2.

| | |
|---|---|
| Package No. | BID ID No. 01 (KID) / 2018-19 |
| Name of Work | Improvement to Service Road of R.F.B. of River Tel near village Mankarsoal from RD. 00mtr. to 2700mtr. |
| Approximate value of work | Rs.95.49 Lakhs (Excluding GST) |
| Period of Completion | 03, (Three) calendar Months. |
| Classification of Bidder | 'B' & 'A' class Contractor only |
| Tender documents available on website | Can be downloaded from Website (http://www.tendersodisha.gov.in) |
| Bid documents available Date and Time | 26.11.2018 at11.00Hrs |
| Bid clarification start date & Closing date | 26.11.2018 to 30.11.2018 during office hours |
| On Line Bid submission closing date and time | 10.12.2018 at17.00 Hrs |
| Last date and time of Receipt of relevant document in hard copy | 10.12.2018 during office hours |
| Date, Time and Venue of opening of bid online | 11.12.2018 at 11.30Hrs office of the Executive Engineer, Kalahandi Irrigation Division, Bhawanipatna |
| Date / Time of Opening of Financial Bid | To be intimated after evaluation of Technical Bid |

Further details can be seen from Govt. website. Any addendum / corrigendum / cancellation to the above notice will be published in the Govt. website **www.tendersodisha.gov.in** only.

**Sd./- (P.K.Das)**
**Executive Engineer,**
**Kalahandi Irrigation Division, Bhawanipatna**

32007/11/0006/1819

### GOVERNMENT OF ODISHA
### DEPARTMENT OF HIGHER EDUCATION

**ACTIVATION OF MEDHABRUTI PORTAL FOR ONLINE VALIDATION OF FRESH "E-MEDHABRUTI" APPLICATIONS PERTAINING TO THE YEAR 2016-17 & 2017-18 IN RESPECT OF TECHNICAL & PROFESSIONAL MERIT ONLY**

**No.N:-** It is hereby informed to all Principals / Heads of Technical and Professional Colleges/ Institutions in the State of Odisha and outside Odisha that there are certain un-validated data of students who have applied for e-medhabruti for the year 2016-17 and 2017-18 under the above Fresh category and due to non-validation by the concerned authorities of the Colleges, Institutions etc. some students are deprived of getting scholarship for whole duration of the course.

Now, Government have been pleased to activate the window for online validation of un-validated date of students pertaining to the year 2016-17 & 2017-18 who are continuing in the study as per the guidelines of the concerned years as a one-time measure.

The Principal's validation window for 2016-17 (Fresh) & 2017-18 (Fresh) shall remain open from 26.11.2018 to 26.12.2018.

All Principals/ Heads of Technical and Professional Colleges/ Institutions in the State of Odisha and outside Odisha are hereby advised to validate the records of students within the above stipulated period. Otherwise, they will be personally held responsible in case they failed to validate the student records following which the student looses out the scholarship benefits. Further, it is requested to ensure disposal of all left out online applications displayed in their log in either by validating the eligible applicants or by rejecting the ineligible applicants mentioning the reason thereof in the appropriate column.

In case of any problem faced by the Institutes at the time of online validation, they may take the help of Sanjog Helpline (Toll Free) No. 155335 / 18003456770/ 0674-2396550 or e-mail on emedhabruti1819@gmail.com.

**Sd./-**
11001/11/0049/1819 **Additional Secretary to Government**



ତେଲୁଗୁ ଦେଶମ୍ ପାର୍ଟି ଏମ୍‌ପି ୱାଇ.ଏସ୍. ଚୌଧୁରୀଙ୍କ ଅଧୀନରେ ରହିଥିବା ୬ଟି ମୂଲ୍ୟବାନ୍ କାର୍‌କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜବତ କରିବା ସହିତ ଆସନ୍ତା ସପ୍ତାହରେ ହାଜର ହେବାକୁ ସମନ ଜାରି କରିଛି।

# ଆକର୍ଷଣ ସାଜିଛି ୧୪ ରାଜ୍ୟର ସାମଗ୍ରୀ



ମେଳାକୁ ବିଭିନ୍ନ ରାଜ୍ୟରୁ ଆସିଥିବା ଜନଜାତି କଳାକାରମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)

ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ସଂଗ୍ରହାଳୟ ପରିସରରେ ଶନିବାରଠାରୁ ଆରମ୍ଭ ହୋଇଛି ଜାତୀୟ କଳାବସ୍ତୁ ମେଳା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଆମ ଜନଜାତି ସଂଗ୍ରହାଳୟ ସାରା ଦେଶରେ ସର୍ବୋତ୍ତମ ଓ ଅତ୍ୟାଧୁନିକ ସଂଗ୍ରହାଳୟ ଭାବେ ଖ୍ୟାତି ଲାଭ କରିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଏହି ସଂଗ୍ରହାଳୟର ନୂତନ ନାମକରଣ କରାଯାଇ 'ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ' ନାମରେ ନାମିତ କରାଗଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦ୍ୱାରା ପ୍ରସ୍ତୁତ ୨୧ଟି ଜନଜାତି ଭାଷାରେ ମାତୃଭାଷାଭିତ୍ତିକ ଶିକ୍ଷା ନିମିତ୍ତ ଦ୍ୱିଭାଷୀ ଓ ତ୍ରିଭାଷୀ ଶବ୍ଦକୋଷ ଏବଂ ଶିକ୍ଷଣ ପୁସ୍ତିକା ଉନ୍ମୋଚନ କରିଥିଲେ। ଏହି ଶବ୍ଦକୋଷ ଜନଜାତି ଭାଷାର ସଫଳ ପ୍ରସାରରେ

## ଜାତୀୟ କଳାବସ୍ତୁ ମେଳା ଉଦ୍‌ଘାଟିତ

ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ଉନ୍ନୟନ କମିଶନର ଆର୍. ବାଲକ୍ରିଷ୍ଣନ, ଏସ୍‌ସିଏସ୍‌ଟି ଆର୍‌ଟିଆଇର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ଡ. ଅଖିଳ ବିହାରୀ ଓତା ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏସ୍‌ସି, ଏସ୍‌ଟି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ଏହି ମେଳାରେ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ମଣିପୁର, ମହାରାଷ୍ଟ୍ର, ସିକ୍କିମ୍, ମିଜୋରାମ, ତେଲେଙ୍ଗାନା, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ଗୁଜରାଟ ଓ ହିମାଚଳ ପ୍ରଦେଶ ପ୍ରଭୃତି ୧୪ ରାଜ୍ୟର ୧୫୦ରୁ ଅଧିକ ଅଭିଜ୍ଞ ଜନଜାତି କଳାକାର ଅଂଶଗ୍ରହଣ କରିଛନ୍ତି। ମେଳାରେ ହସ୍ତଶିଳ୍ପ, ହସ୍ତତନ୍ତ ସାମଗ୍ରୀ, ଡୋକରା ଶିଳ୍ପ, ଜନଜାତିବସ୍ତ୍ର ଓ ଚିତ୍ରକଳା ସହିତ, ବିଭିନ୍ନ କଳାବସ୍ତୁ ସାମଗ୍ରୀର ପ୍ରଦର୍ଶନ ଓ ବିପଣନ ହେଉଛି। ସାନ୍ତାଳ, ବାଥୁଡ଼ିମାନଙ୍କ ଲାଖଶିଳ୍ପ, ମାଙ୍କିଡ଼ିଆମାନଙ୍କ ଶିଆଳି ଶିଳ୍ପ, ଭୋତଡ଼ାମାନଙ୍କ ଧାନ୍ୟକଳା, ଡଙ୍ଗରିଆ କନ୍ଧଙ୍କ ସୂଚିକର୍ମ, କନ୍ଧ ଓ ବାଥୁଡ଼ିମାନଙ୍କ ଡୋକରା ଶିଳ୍ପ ଆଦି ମେଳାର ମୁଖ୍ୟ ଆକର୍ଷଣ ରହିଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ।

# ୨କୋଟି ଟଙ୍କାର ଗଞ୍ଜେଇ ଗଛ ନଷ୍ଟ

ମାଲକାନଗିରି,୨୪।୧୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଅବକାରୀ ବିଭାଗ ଦ୍ୱାରା ଶନିବାର ୨କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛ କାଟି ପୋଡି ନଷ୍ଟ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠଙ୍କ ତତ୍ତ୍ୱାବଧାନରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଓର୍କେଲ ଥାନା ପର୍କନମାଲା ପଞ୍ଚାୟତ ମଙ୍ଗରାଯୋଡି ଗ୍ରାମ ନିକଟ ଜଙ୍ଗଲରେ ୨୨ ଏକର ଜମିରେ ହୋଇଥିବା ଏହି ଗଞ୍ଜେଇ ଗଛ ନଷ୍ଟ କରିଛନ୍ତି।

# ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ଦାବି

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ଅଙ୍ଗନୱାଡି କର୍ମୀ, ମିନି ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ଦରମା ବୃଦ୍ଧି ପାଇଁ ଅଲ୍ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମ୍ମୁଖ୍ୟ ପକ୍ଷରୁ ଦାବି କରାଯାଇଛି। ଏସଂକ୍ରାନ୍ତ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଶନିବାର ପ୍ରଦାନ କରାଯାଇଛି।

---

OFFICE OF THE SUPERINTENDING ENGINEER
BALANGIR (R&B) CIRCLE, BALANGIR

Email: sepwdbalangir@gmail.com, Phone No.: (06652) 231866

**OFFICE ORDER**

**Bid Identification No. SE (R&B) BGR / 07 / 2018-19**
**Ref id: 2018_EICCL_50055_2**

No. 2337 Date: 17.11.2018

(1)The work at Sl. No. 02 i.e. "Widening and strengthening from double lane to 4-lane standard of Bhawanipatna - Khariar road from 0/00 to 2/00 km in the district of Kalahandi under State Plan (Normal) for the year 2018-19" in above Bid Identification No. is hereby cancelled due to qualification of single response bidder.

**Sd./- Superintending Engineer,**
**Balangir (R&B) Circle, Balangir**

34131/11/0035/18/19

---

No. DADLS-199

## ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା

**ତା. ୨୫.୧୧.୨୦୧୮** **ସ୍ଥାନ : ଗୀତଗୋବିନ୍ଦ ସଦନ**

**ପ୍ରବନ୍ଧ ପ୍ରତିଯୋଗିତା :** **ସମୟ : ମଧ୍ୟାହ୍ନ ୧୨ ଘଟିକା**

ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା** **ସମୟ : ଅପରାହ୍ନ ୨ ଘଟିକା**

ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ, ସେମାନେ ନିର୍ଦ୍ଧାରିତ ସମୟର ୧ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ୧ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତରଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ / ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା. ୨୬.୧୧.୨୦୧୮, ସନ୍ଧ୍ୟା ୫.୩୦ ମିନିଟ୍ ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

**ନିର୍ଦ୍ଦେଶକ**
**ସୂଚନା ଲୋକସମ୍ପର୍କ ବିଭାଗ**

15001/13/0442/1819

---

## GOVERNMENT OF ODISHA
## DEPARTMENT OF TOURISM

No.11887/TSM, Bhubaneswar Dt.22.11.18
TCT-COOD-MISC-22/2018

### Expression of Interest for operation of Jet Skies, Speed Boats & other water sports equipment at Barkul, Tampara & Gopalpur

ଅନ୍ୟସବୁ ବିଦେଶୀ ଦଳ ଆସିବା ସମ୍ପର୍କରେ ଯେପରି ପ୍ରଚାର ହୋଇଥିଲା ପାକିସ୍ତାନ କ୍ଷେତ୍ରରେ ତାହା ହୋଇ ନ ଥିଲା। ଏପରି କି ହକି ଇଣ୍ଡିଆ ପକ୍ଷରୁ ମଧ୍ୟ ପାକିସ୍ତାନ ଆସିବା ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରାଯାଇ ନ ଥିଲା। ବିମାନବନ୍ଦରରେ ସୁରକ୍ଷାକୁ କଡ଼ାକଡ଼ି କରାଯାଇଥିଲା। ପୂର୍ବରୁ ପାକିସ୍ତାନ କଳିଙ୍ଗ ଷ୍ଟାଡିୟମରେ ୨୦୧୪ ଚାମ୍ପିୟନ୍ସ ଟ୍ରଫି ଖେଳିଥିଲା। ଏହି ପ୍ରତିଯୋଗିତାରେ ଦଳ ଭାରତକୁ ହରାଇବା ସହ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଥିଲା। ସେଠାରେ ଜର୍ମାନୀଠାରୁ ହାରି ରନର୍ସଅପ୍ ହୋଇଥିଲା। ''ଆମେ ପୂର୍ବରୁ ଏଠାକୁ ଆସିଛୁ ଏବଂ କଳିଙ୍ଗ ଷ୍ଟାଡିୟମରେ ହକିକୁ ଉପଭୋଗ କରିଛୁ। ଏହା ଆମ ପାଇଁ ଲକି ଗ୍ରାଉଣ୍ଡ ହୋଇଥିବାରୁ ଏଠାରେ ଖେଳିବାକୁ ଆମେ ବ୍ୟଗ୍ର'' ବୋଲି ରିଜୱାନ କହିଛନ୍ତି। ପାକିସ୍ତାନ ପୁଲ୍'ଡି'ରେ ନେଦରଲାଣ୍ଡ୍ସ, ଜର୍ମାନୀ ଓ ମାଲେସିଆ ସହିତ ସ୍ଥାନ ପାଇଛି। ଏହାକୁ 'ପୁଲ୍ ଅଫ୍ ଡେଥ୍'ର ଆଖ୍ୟା ଦେଇଛନ୍ତି କିମ୍ବଦନ୍ତୀ ସେଣ୍ଟର ଫରୱାର୍ଡ ତଥା ପାକିସ୍ତାନ ଟିମ୍ ମ୍ୟାନେଜର ହାସନ ସର୍ଦ୍ଦାର। ''ପୁଲ୍ ଅଫ୍ ଡେଥ୍‌ରେ ସ୍ଥାନ ପାଇଥିବାରୁ ପ୍ରତ୍ୟେକ ମ୍ୟାଚ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସବୁ ମ୍ୟାଚକୁ ଆମେ ନକ୍‌ଆଉଟ୍ ଭାବି ଖେଳିବୁ। ପ୍ରଥମ ମ୍ୟାଚ ଜର୍ମାନୀ ସହିତ ଅଛି। ଆମେ ଏହି ମ୍ୟାଚ ଜିତି ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛୁ। ଅଂଶଗ୍ରହଣକାରୀ ସମସ୍ତ ଦଳକୁ ମୋର ଶୁଭେଚ୍ଛା। ୧୬ଟି ଯାକ ଦଳ ସକାରାତ୍ମକ ଖେଳ ପ୍ରଦର୍ଶନ କରି ବିଶ୍ୱକପକୁ ଭାରତ ଏବଂ ବିଶ୍ୱର ସମସ୍ତ ଦର୍ଶକଙ୍କ ପାଇଁ ସ୍ମରଣୀୟ କରନ୍ତୁ'' ବୋଲି ହାସନ ପ୍ରକାଶ କରିଛନ୍ତି। ଡିସେମ୍ବର ୧ରେ ଜର୍ମାନୀ ବିପକ୍ଷରେ ମ୍ୟାଚ ଖେଳି ପାକିସ୍ତାନ ଏହାର ଅଭିଯାନ ଆରମ୍ଭ କରିବ।

ପାକିସ୍ତାନ ପୂର୍ବରୁ ନେଦରଲାଣ୍ଡ୍ସ ଓ ବେଲଜିୟମ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ''ଭୁବନେଶ୍ୱରରେ ଦର୍ଶକ କୋଳାହଳ ମଧ୍ୟରେ ଖେଳିବାର ମଜା ଭିନ୍ନ। ଆମର ପ୍ରଥମ ମ୍ୟାଚ ମାଲେସିଆ ବିପକ୍ଷରେ ଖେଳିବାକୁ ଥିବାରୁ ପ୍ରତି ଖେଳାଳିଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ। ପ୍ରତି ମ୍ୟାଚ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ '' ବୋଲି କହିଛନ୍ତି ନେଦରଲାଣ୍ଡ୍ସ ମୁଖ୍ୟ କୋଚ୍ ମ୍ୟାକ୍ସ କାଲ୍‌ଡାସ। ଦଳର ଅଭିଜ୍ଞ ଖେଳାଳି ବିଲି ବାକରଙ୍କ କହିବା ଅନୁସାରେ, ''ଚଳିତ ସିଜନରେ ଖେଳିଥିବା ଅଧିକାଂଶ ମ୍ୟାଚ ଆମେ ଜିତିଛୁ। ବିଶ୍ୱକପ ପାଇଁ ଆମେ କଡ଼ା ଅଭ୍ୟାସ କରିଛୁ। ଏଠାରେ ଷ୍ଟାଡିୟମରେ ଦର୍ଶକ ଭରପୂର ରହିବେ ବୋଲି ଆଶା। ଷ୍ଟାଡିୟମ ଦର୍ଶକରେ ଭରା ରହିଲେ ଖେଳିବାକୁ ଅଧିକ ଉତ୍ସାହ ମିଳିଥାଏ'' ।

''ଦୀର୍ଘ ୩ ମାସର ଟ୍ରେନିଂ ପରେ ଆମେ ଏଠାକୁ ଆସିଛୁ। ଏହି ସମୟରେ ଆମେ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି କଠିନ ପରିଶ୍ରମ କରିଛୁ। ଦଳର ସମସ୍ତ ଖେଳାଳି ଫିଟ୍ ଅଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଖେଳିବାକୁ ଆମେ ବ୍ୟଗ୍ର'' ବୋଲି କହିଛନ୍ତି ବେଲଜିୟମ ଅଧିନାୟକ ଥୋମାସ ବ୍ରିଏଲ୍ସ।

## କଳିଙ୍ଗ ଷ୍ଟାଡିୟମ ଆମ ପାଇଁ ଲକି: ରିଜୱାନ



ଶନିବାର ରାତିରେ ଭୁବନେଶ୍ୱରରେ ପହଞ୍ଚିଥିବା ପାକିସ୍ତାନ ଦଳର ଖେଳାଳିମାନେ।



ପାକିସ୍ତାନ ଦଳ ପାଇଁ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ କଡ଼ା ସୁରକ୍ଷା ବ୍ୟବସ୍ଥା।

# ଶ୍ରେଷ୍ଠ ବିପକ୍ଷରେ ନିଜକୁ ପରଖିବା ସୁଯୋଗ

**ଭୁବନେଶ୍ୱର, ୨୪।୧୧(କ୍ରୀଡ଼ା ପ୍ରତିନିଧି)**

ହକି ବିଶ୍ୱକପ ଖେଳିବା ପାଇଁ ବିଭିନ୍ନ ବିଦେଶୀ ଦଳର ଆଗମନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି କ୍ରମରେ ଶନିବାର ଭୁବନେଶ୍ୱରରେ ପହଞ୍ଚିଛି ବିଶ୍ୱର ନମ୍ବର ୱାନ ଦଳ ତଥା ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ। ''ଏଥରର ବିଶ୍ୱକପ ପୂର୍ବ ସଂସ୍କରଣଠାରୁ ନିଆରା ହେବ ଏବଂ ଅଷ୍ଟ୍ରେଲିଆ ବିଶ୍ୱର ଅନ୍ୟ ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ଲଢ଼େଇ କରି ଟାଇଟଲ ବଜାୟ ରଖିବାକୁ ଚେଷ୍ଟା କରିବ'' ବୋଲି ଅଧିନାୟକ ଆରନ ଜେଲସ୍କି ପ୍ରକାଶ କରିଛନ୍ତି। ଚାମ୍ପିୟନ ଦଳ ହୋଇଥିଲେ ହେଁ ଆମ ଉପରେ କୌଣସି ଚାପ ନାହିଁ, ମନ୍ଦିରମାଳିନୀ ସହର ଭୁବନେଶ୍ୱରକୁ ପୁଣିଥରେ ଆସିଥିବାରୁ ମୁଁ ବହୁତ ଖୁସି। ବିଶ୍ୱସ୍ତରରେ ହକି ଏବେ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଯାଇଛି। ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ପ୍ରତି ଦଳ ପାଇଁ ସୁଯୋଗ ରହିଛି। ଘରୋଇ ପରିବେଶରେ ଖେଳୁଥିବାରୁ ଭାରତକୁ ହରାଇବା ସହଜ ହେବନି'' ବୋଲି ସେ କହିଛନ୍ତି। ବିଶ୍ୱର ଶ୍ରେଷ୍ଠ ଦଳ ଗୁଡ଼ିକ ବିପକ୍ଷରେ ନିଜକୁ ପରଖିବା ସୁଯୋଗ ଆସିଛି। ୨୦୧୬ ରିଓ ଅଲିମ୍ପିକ୍ସ ପରେ ଏପରି ଏକ ପ୍ଲାଟ୍‌ଫର୍ମ ମିଳିଛି। ତେଣୁ ଟାଇଟଲ ବଜାୟ ରଖିବାକୁ ହେଲେ ଆମକୁ ଏଠାରେ ଦକ୍ଷତା ଅନୁସାରେ ପ୍ରଦର୍ଶନ ଦେବାକୁ ପଡ଼ିବ ବୋଲି ସେ ମତ ଦେଇଛନ୍ତି। ଅଷ୍ଟ୍ରେଲିଆ କଳିଙ୍ଗ ଷ୍ଟାଡିୟମରେ ୨୦୧୪ ଚାମ୍ପିୟନ୍ସ ଟ୍ରଫିରେ ବ୍ରୋଞ୍ଜ ପଦକ ଜିତିଥିବାବେଳେ ୨୦୧୭ ହକି ୱାର୍ଲ୍ଡ ଲିଗ୍ ଫାଇନାଲରେ ଟାଇଟଲ ହାସଲ କରିଥିଲା। ତେଣୁ ଦଳପାଇଁ ଏହି ଗ୍ରାଉଣ୍ଡ ଲକି ସାବ୍ୟସ୍ତ ହୋଇଆସିଛି। ଅଷ୍ଟ୍ରେଲିଆ ପୁଲ୍ 'ବି'ରେ ଆୟର୍ଲାଣ୍ଡ, ଇଂଲଣ୍ଡ, ଓ ଚାଇନା ସହିତ ସ୍ଥାନ ପାଇଛି। ତେଣୁ ପୁଲ୍ ପର୍ଯ୍ୟାୟରେ ମଧ୍ୟ ଦଳକୁ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ମୁଖ୍ୟ କୋଚ୍ କଲିନ ବ୍ୟାଚ୍ ପ୍ରକାଶ କରିଛନ୍ତି। ''ଆମେ ଚାମ୍ପିୟନ ଦଳ ସତ, ମାତ୍ର ଏହା ମଧ୍ୟରେ ଦୀର୍ଘଦିନ ବିତି ଯାଇଛି। ଟ୍ରେନିଂ ସମୟରେ ଆମେ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ଅଭ୍ୟାସ କରିଛୁ। ମହିଳା ହକି ବିଶ୍ୱକପରେ ବିସ୍ମିତ ହେବାଭଳି ଅନେକ ଘଟଣା ଘଟିଥିଲା। ତେଣୁ ଆମେ ଆୟର୍ଲାଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ ଉପରେ ଫୋକସ କରୁଛୁ। ତା' ପରେ ପରବର୍ତ୍ତୀ ମ୍ୟାଚ ପାଇଁ ରଣନୀତି ପ୍ରସ୍ତୁତ କରିବୁ'' ବୋଲି ୧୯୮୬ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ବ୍ୟାଚ୍ କହିଛନ୍ତି। ଆୟର୍ଲାଣ୍ଡ ଦଳର ଶକ୍ତି ସମ୍ପର୍କରେ ବିଶେଷ ଅବଗତ ନାହୁଁ, ଇଂଲଣ୍ଡ ସହିତ କେତେକ ମ୍ୟାଚ ଖେଳିଛୁ, ମାତ୍ର ଚାଇନା ନୂଆ ଦଳ ହୋଇଥିବାରୁ ଗ୍ରୁପ ପର୍ଯ୍ୟାୟରେ ଆମକୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି। ନଭେମ୍ବର ୩୦ରେ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ ସହ ଅଷ୍ଟ୍ରେଲିଆ ଏହାର ଅଭିଯାନ ଆରମ୍ଭ କରିବ।

**ଆଉ ୨ ଦିନ**

## ଆଜି ଆସିବେ ଜର୍ମାନୀ, ଆୟର୍ଲାଣ୍ଡ, ମାଲେସିଆ

**ଭୁବନେଶ୍ୱର, ୨୪।୧୧(କ୍ରୀଡ଼ା ପ୍ରତିନିଧି):** ହକି ବିଶ୍ୱକପ ଖେଳିବା ପାଇଁ ରବିବାର ଭୁବନେଶ୍ୱରରେ ପହଞ୍ଚିବେ ଜର୍ମାନୀ, ଆୟର୍ଲାଣ୍ଡ ଓ ମାଲେସିଆ। ବିଶ୍ୱ ର୍‌ୟାଙ୍କିଙ୍ଗରେ ଜର୍ମାନୀ ସମ୍ପ୍ରତି ୬ ନମ୍ବରରେ ଥିବାବେଳେ ଆୟର୍ଲାଣ୍ଡ ୧୦ ଓ ମାଲେସିଆ ୧୨ ନମ୍ବର ସ୍ଥାନରେ ରହିଛି। ଜର୍ମାନୀ ଓ ଆୟର୍ଲାଣ୍ଡ ଅପରାହ୍ନ ୧ଟା ୧୦ ଏବଂ ମାଲେସିଆ ରାତି ୧୧ଟା ୨୫ରେ ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ବିଦେଶୀ ଦଳ ଗୁଡ଼ିକ ମଧ୍ୟରେ ପୂର୍ବରୁ ଆର୍ଜେଣ୍ଟିନା, ଦକ୍ଷିଣ ଆଫ୍ରିକା, ଫ୍ରାନ୍ସ, ଚାଇନା, ସ୍ପେନ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ପାକିସ୍ତାନ, ନେଦରଲାଣ୍ଡ୍ସ, ବେଲଜିୟମ, କାନାଡ଼ା ଏଠାରେ ପହଞ୍ଚି ସାରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ୱାର୍ମଅପ୍ ମ୍ୟାଚରେ ଭାରତ ୫-୦ ଗୋଲରେ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନାକୁ ପରାସ୍ତ କରିଛି।












## ସଂକ୍ଷେପରେ

### ରାଜ୍ୟଗୋଷ୍ଠୀ ଫେନ୍‌ସିଂ ଭବାନୀ ଦେବୀଙ୍କୁ ସ୍ୱର୍ଣ୍ଣ

**ମାଡ୍ରାସ, ୨୪।୧୧ (ପି.ଟି.):** ଅଷ୍ଟ୍ରେଲିଆର କାନବେରାଠାରେ ଚାଲିଥିବା ସିନିୟର ରାଜ୍ୟଗୋଷ୍ଠୀ ଫେନ୍‌ସିଂ ଚାମ୍ପିୟନଶିପ୍ ୨୦୧୮ରେ ଭାରତର ସି.ଏ. ଭବାନୀ ଦେବୀ ସାବ୍ରେ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାରେ ଭବାନୀ ଦେବୀ ହେଉଛନ୍ତି ପ୍ରଥମ ଭାରତୀୟ। ଖବର ଅନୁସାରେ, ଫାଇନାଲରେ ସେ ଇଂଲଣ୍ଡର ଏମିଲି ରକ୍ସଙ୍କୁ ୧୫-୧୨ରେ ହରାଇ ଦେଇଥିଲେ। ଚେନ୍ନାଇରେ ଜନ୍ମଗ୍ରହଣ କରିଥିବା ଭବାନୀ ଦେବୀ ସେମିଫାଇନାଲରେ କ୍ୟାଟ୍ରିଓନା ଥମସନ (ସ୍କଟ୍‌ଲାଣ୍ଡ)ଙ୍କୁ ହରାଇ ଦେଇଥିଲେ।

### ଟେବୁଲ ଶୀର୍ଷକୁ ଫେରିଲା ୟୁ ମୁମ୍ବା

**ପୁଣେ, ୨୪।୧୧ (ପି.ଟି.):** ପ୍ରୋ କବାଡ଼ି ଲିଗ୍ ସିଜନ ୬ର ଏଠାରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ୟୁ ମୁମ୍ବା ୩୯-୨୩ରେ ଦବଙ୍ଗ ଦିଲ୍ଲୀକୁ ପରାସ୍ତ କରିଛି। ସିଦ୍ଧାର୍ଥ ଦେଶାଇ ଏବଂ ରୋହିତ ବଲିୟାନ ମିଳିତ ଭାବେ ୧୭ ରେଡ୍ ପଏଣ୍ଟ ସ୍କୋର କରିଥିବାବେଳେ ଫାଜେଲ ଅତ୍ରାଚାଲି ଓ ସୁରେନ୍ଦର ୮ ଟାକଲ ପଏଣ୍ଟ ସ୍କୋର କରି ଦଳକୁ ଜିତାଇବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ଦବଙ୍ଗ ଦିଲ୍ଲୀ ତରଫରୁ ଚନ୍ଦ୍ରନ ରଣଜିତ ଏକମାତ୍ର ଖେଳାଳି ଭାବେ ଆଖିଦୃଶିଆ ପ୍ରଦର୍ଶନ କରିଥିଲେ। ସେ ୭ ରେଡ୍ ପଏଣ୍ଟ ସ୍କୋର କରିଥିଲେ। ନବୀନ କୁମାର ୪ପଏଣ୍ଟ ସ୍କୋର କରିଥିଲେ। ୟୁ ମୁମ୍ବା ବର୍ତ୍ତମାନ ୧୬ ମ୍ୟାଚରୁ ୬୨ପଏଣ୍ଟ ସ୍କୋର କରି ଜୋନ୍ ଏ' ଟେବୁଲର ଶୀର୍ଷ ସ୍ଥାନକୁ ଫେରିଛି। ଅନ୍ୟପକ୍ଷରେ ଦବଙ୍ଗ ଦିଲ୍ଲୀ ୧୨ଟି ମ୍ୟାଚରୁ ୩୩ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି।

### ଚିଟ୍ଟାଗଙ୍ଗ ଟେଷ୍ଟ ଜିତିଲା ବାଂଲାଦେଶ

**ଚିଟ୍ଟାଗଙ୍ଗ,୨୪।୧୧:** ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଟେଷ୍ଟକୁ ସ୍ପିନରଙ୍କ ଦମ୍‌ରେ ବାଂଲାଦେଶ ଦଳ ୬୪ ରନ୍‌ରେ ଜିତି ନେଇଛି। ୨୦୪ ରନ୍‌ର ବିଜୟ ଲକ୍ଷ୍ୟ ପିଛାକରି ୱେଷ୍ଟଇଣ୍ଡିଜ୍ ୧୩୯ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ପୂର୍ବରୁ ପ୍ରଥମ ଇନିଂସରେ ବାଂଲାଦେଶ ଦଳ ୩୨୪ ରନ୍ କରିଥିବାବେଳେ ଇଣ୍ଡିଜ୍ ଦଳ ୨୪୬ ରନ୍ କରିଥିଲା। ଏହାପରେ ୭୮ ରନ୍‌ରେ ଆଗୁଆ ଥିବା ଘରୋଇ ଦଳ ତା'ର ଦ୍ୱିତୀୟ ଇନିଂସରେ ୧୨୫ ରନ୍ କରିଥିଲା। ମ୍ୟାଚ୍‌ରେ ଏକମାତ୍ର ଶତକ ହାସଲ କରିଥିବା ମୋମିନୁଲ ହକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଛି। ବାଂଲାଦେଶ ୧-୦ ବ୍ୟବଧାନରେ ଆଗୁଆ ରହିଛି।

# ସିରିଜ ନିର୍ଣ୍ଣାୟକ ଟି୨୦ ଆଜି

**ସିଡ୍‌ନୀ, ୨୪।୧୧(ପି.ଟି.)**

ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ଟି୨୦ ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ରବିବାର ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ୍ ଅଷ୍ଟ୍ରେଲିଆ ଜିତିବା ପରେ ଶୁକ୍ରବାର ଖେଳାଯାଇଥିବା ୨ୟ ଟି୨୦ ବର୍ଷା ଯୋଗୁ ବାତିଲ ହୋଇଥିଲା। ଫଳରେ ନିର୍ଣ୍ଣାୟକ ୩ୟ ମ୍ୟାଚ୍ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଘରୋଇ ଅଷ୍ଟ୍ରେଲିଆ ଏହି ମ୍ୟାଚ୍ ଜିତି ସିରିଜ କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ବିରାଟ

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୧:୨୦ ମିନିଟ୍**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱାର୍କ**

କୋହଲିଙ୍କ ଦଳ ପାଇଁ କିନ୍ତୁ ଏହି ମ୍ୟାଚ 'କର ବା ମର' ସଦୃଶ ହୋଇଛି। ଦ୍ୱିତୀୟ ମ୍ୟାଚ୍ ଭଳି ଆଉ ଏକ ଶୃଙ୍ଖଳିତ ବୋଲିଂ କରି ଭାରତୀୟ ଦଳ ଏହି ମ୍ୟାଚ୍ ଜିତି ସିରିଜ ଭାଗ କରିବା ଲକ୍ଷ୍ୟରେ ରହିଛି।

ଚଳିତ ସିରିଜର ପ୍ରଥମ ମ୍ୟାଚ୍‌କୁ ଆରୋନ ଫିଞ୍ଚଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଦଳ ଡିଏଲ୍ ପଦ୍ଧତିରେ ୪ ରନରେ ଜିତି ନେଇ ୧-୦ରେ ଅଗ୍ରଣୀ ରହିଥିଲା। ଏହାପରେ ୨ୟ ମ୍ୟାଚ୍‌ରେ କିନ୍ତୁ ଭାରତୀୟ ବୋଲିଂ ବାହିନୀ ଅଷ୍ଟ୍ରେଲିଆକୁ ୧୯ ଓଭରରେ ୭ ଉଇକେଟ୍‌ରେ ୧୩୨ ରନରେ ଅଟକାଇ ଦେଇଥିଲା। ପରେ ବର୍ଷା ହେବାରୁ ଡିଏଲ୍ ପଦ୍ଧତିରେ ଭାରତ ଆଗରେ ୧୧ ଓଭରରେ ୯୦ ରନର ଟାର୍ଗେଟ୍ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ପୁନର୍ବାର ବର୍ଷା ହେବାରୁ ମ୍ୟାଚ୍‌କୁ ବାତିଲ କରାଯାଇଥିଲା। ଫଳରେ ବର୍ତ୍ତମାନ ତୃତୀୟ ମ୍ୟାଚ୍ ଉପରେ ଦୁଇ ଦଳର ନଜର। ବିରାଟ ବାହିନୀ ଏହି ମ୍ୟାଚ୍ ଜିତି ସିରିଜ ଡ୍ର କରିବା ସହ ଡିସେମ୍ବର ୬ରୁ ଆଡିଲେଡ୍‌ରେ ଆରମ୍ଭ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିରିଜ ପୂର୍ବରୁ ମନୋବଳ ଦୃଢ଼ କରିବା ଲକ୍ଷ୍ୟରେ ରହିଛି। ଭାରତୀୟ ଦଳ ୨୦୧୭ ଅଗଷ୍ଟ ପରଠାରୁ ଟି୨୦ ସିରିଜ କେବେ ହାରିନାହିଁ। ଏହି ସମୟ ମଧ୍ୟରେ ଭାରତ କ୍ରମାଗତ ୭ଟି ଟି୨୦ ସିରିଜ ବିଜୟୀ ହୋଇଛି। ଯେଉଁଥିରେ ନିଦାହାସ ଟ୍ରଫି (ତ୍ରିରାଷ୍ଟ୍ରୀୟ), ଇଂଲଣ୍ଡ (୨-୧) ଓ ବାଂଲାଦେଶ ବିପକ୍ଷ ସିରିଜ ପ୍ରମୁଖ ରହିଛି। ଶେଷଥର ୨୦୧୬ରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ସିରିଜକୁ ଭାରତ ୩-୦ରେ ଏକପାଖିଆ ଭାବେ ଜିତିଥିଲା।



ବିରାଟ କୋହଲି ଓ ଋଷଭ ପନ୍ତ।

■ ଆନ୍ତଃ ଜିଲା ସାହାଣୀ କପ୍ ଚାମ୍ପିୟନଶିପ୍

# ଫାଇନାଲ୍‌ରେ କଟକ, ସେମିରେ ସମ୍ବଲପୁର, ସୁନ୍ଦରଗଡ଼

**ସମ୍ବଲପୁର/ହୀରାକୁଦ, ନାକଟିଦେଉଳ, ୨୪।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ ମିନି ଷ୍ଟାଡ଼ିୟମଠାରେ ରାଜ୍ୟ ଫୁଟବଲ ଆସୋସିଏସନ୍ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃଜିଲା ଗୌରୀଶଙ୍କର ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟର ଶନିବାର ମ୍ୟାଚରେ ଢେଙ୍କାନାଳକୁ ୪-୨ ଗୋଲରେ ହରାଇ କଟକ ଫାଇନାଲକୁ ଉନ୍ନୀତ ହୋଇଛି। ମ୍ୟାଚରେ ଢେଙ୍କାନାଳର ବିଶାଲ ଟିଗାଙ୍କୁ ବେଷ୍ଟ ପ୍ଲେୟାର ଟ୍ରଫି ପ୍ରଦାନ କରାଯାଇଛି।

ଅନ୍ୟପଟେ, ରେଲୱେ ଜୋନରୁ ସମ୍ବଲପୁର ଓ ହୀରାକୁଦ ଜୋନ୍‌ରୁ ସୁନ୍ଦରଗଡ଼ ଦଳ ଚାମ୍ପିୟନ ହୋଇଛି। ଏଥିସହ ଏହି ଦୁଇ ଦଳ କୁଚିଣ୍ଡାରେ ହେବାକୁ ଥିବା ସେମିଫାଇନାଲ ମ୍ୟାଚ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସମ୍ବଲପୁର ଦଳ ବାଲେଶ୍ୱରକୁ ୫-୧ ଗୋଲରେ ଏବଂ ସୁନ୍ଦରଗଡ଼ ଦଳ ରାଉରକେଲା ଷ୍ଟିଲ ପ୍ଲାଣ୍ଟକୁ ୪-୨ ଗୋଲରେ ହରାଇଛି। ବିଜେତା ସମ୍ବଲପୁର ଦଳକୁ ଟ୍ରଫି ପ୍ରଦାନ କରାଯିବା ସହ ପ୍ରଶାନ୍ତ ଓରାମଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଛି।

ହୀରାକୁଦ ଜୋନସ୍ତରୀୟ ମ୍ୟାଚ୍‌ରେ ସୁନ୍ଦରଗଡ଼ ୪-୨ ଗୋଲ୍‌ରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟକୁ ହରାଇ ଦେଇଛି। ସୁନ୍ଦରଗଡର ମହେଶ ପ୍ରଧାନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଛି।

## ସିଙ୍ଗଲ୍ସ, ଡବଲ୍ସ ଫାଇନାଲରେ ପ୍ରମୋଦ

**ଭୁବନେଶ୍ୱର, ୨୪।୧୧(ସ୍ପୋର୍ଟ୍ସ ବ୍ୟୁରୋ)** ଅଷ୍ଟ୍ରେଲିଆର ଭିକ୍ଟୋରିଆ ସହରରେ ଚାଲିଥିବା ଅଷ୍ଟ୍ରେଲିଆ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ପ୍ରମୋଦ ଭଗତ ଦୁଇଟି ବର୍ଗର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଖେଳାଯାଇଥିବା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରମୋଦ ୨୧-୧୧, ୨୧-୧୮ ସିଧାସଳଖ ଗେମ୍‌ରେ ଜାପାନର ହିରୋଇ ଟାକୁଙ୍କୁ ପରାସ୍ତ କରିଛନ୍ତି। ରବିବାର ଫାଇନାଲରେ ପ୍ରମୋଦଙ୍କ ମୁକାବିଲା ଉକୁନ ରୁକାଣ୍ଡିଙ୍କ ସହ ହେବ। ସେହିଭଳି ଡବଲ୍ସରେ ପ୍ରମୋଦ ଓ ସୁକାନ୍ତ କଦମ ଯୋଡ଼ି ୨୧-୮, ୨୧-୧୭ ଗେମ୍‌ରେ ଜାପାନ ଯୋଡ଼ି ହିରୋଇ ଟାକୁ ଓ ୟମାମଟୋଙ୍କୁ ପରାସ୍ତ କରିଛନ୍ତି। ଫାଇନାଲରେ ପ୍ରମୋଦ-ସୁକାନ୍ତ ଯୋଡ଼ି ଇଣ୍ଡୋନେସିଆର ଫେଡ୍ରି ସତ୍ୟବାନ ଓ ଡୁୟୋକୋଙ୍କୁ ଭେଟିବେ।

# ଉତ୍କଳ ବିଶ୍ୱବିଦ୍ୟାଳୟ ଚାମ୍ପିୟନ

**ଭୁବନେଶ୍ୱର, ୨୪।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଖୋ ଖୋ (ପୁରୁଷ) ପ୍ରତିଯୋଗିତାରେ ଆୟୋଜକ ଉତ୍କଳ ଚାମ୍ପିୟନ ହୋଇଛି। ଶନିବାର ଖେଳାଯାଇଥିବା ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଉତ୍କଳ ୫ ପଏଣ୍ଟ ଓ ଗୋଟିଏ ପାଳିରେ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିବା ସହ ସର୍ବାଧିକ ୬ ପଏଣ୍ଟ ପାଇ ଚାମ୍ପିୟନ ହୋଇଛି। ସେହିଭଳି ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟ ୫ ପଏଣ୍ଟ ଓ ଗୋଟିଏ ପାଳିରେ କିଟ୍ ବିଶ୍ୱବିଦ୍ୟାଳୟକୁ ହରାଇ ସର୍ବମୋଟ୍ ୪ ପଏଣ୍ଟ ସହ ରନର୍ସଅପ୍ ହୋଇଛି। ଫକୀର ମୋହନ ୨ ପଏଣ୍ଟ ସହ ୩ୟ ଏବଂ କିଟ୍ ୪ର୍ଥ ସ୍ଥାନ ହାସଲ କରିଛନ୍ତି। ଫଳରେ ଏହି ୪ଟି ଦଳ ପୂର୍ବାଞ୍ଚଳ ପକ୍ଷରୁ ସର୍ବଭାରତୀୟ ସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଖୋ ଖୋ (ପୁରୁଷ)ରେ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତା ଡିସେମ୍ବର ୨୭ରୁ ମୁମ୍ବାଇ ବିଶ୍ୱବିଦ୍ୟାଳୟଠାରେ ଆରମ୍ଭ ହେବ।

କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର କବୀର ମୋହନ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା ଓଡ଼ିଶା ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବାଲିଆପାଳ ଶାରୀରିକ ମହାବିଦ୍ୟାଳୟର ମେମ୍ବର ସେକ୍ରେଟାରୀ ପ୍ରଫେସର ଶ୍ରୀକାନ୍ତ ମିଶ୍ର, ମନମୋହନ ରାଉତ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାରୀରିକ ଅଧିକରୀ ଅମ୍ବିକା ପ୍ରସାଦ ରାୟ, ପ୍ରମୋଦ କୁମାର ନାୟକ, ଅଧ୍ୟାପକ ନୀଳକଣ୍ଠ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।



ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଉତ୍କଳ ବିଶ୍ୱବିଦ୍ୟାଳୟ ଦଳ।

# ଭଲ୍ଟ ଇଭେଣ୍ଟରେ ଦୀପାଙ୍କୁ ବ୍ରୋଞ୍ଜ

**ନୂଆଦିଲ୍ଲୀ, ୨୪।୧୧ (ପି.ଟି.):** ଜର୍ମାନୀର କଟବସ୍‌ଠାରେ ଚାଲିଥିବା ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ ବିଶ୍ୱ କପ୍‌ର ତୃତୀୟ ଦିବସରେ ଅନୁଷ୍ଠିତ ଭଲ୍ଟ ଇଭେଣ୍ଟରେ ଭାରତୀୟ ଜିମ୍ନାଷ୍ଟ ଦୀପା କର୍ମାକାର ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ତ୍ରିପୁରାର ଏହି ୨୫ବର୍ଷୀୟା ଜିମ୍ନାଷ୍ଟ ୧୪.୩୧୬ ଅଙ୍କ ସ୍କୋର କରିଥିଲେ। ବ୍ରାଜିଲର ରେବିକା ଅନ୍ଦ୍ରେଡ୍ ୧୪.୭୨୮ ସ୍କୋର ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ଯୁକ୍ତରାଷ୍ଟ୍ର ଆମେରିକାର (ୟୁଏସଏ)ର ଜେଡ୍ କ୍ୟାରେ (୧୪.୫୧୬) ରୌପ୍ୟ ଜିତିଥିଲେ। ଗତ ଏସିଆନ ଗେମ୍ସ ବେଳେ ଦୀପାଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ଫଳରେ ସେ ଭଲ୍ଟ ଫାଇନାଲରେ ଅଂଶଗ୍ରହଣ କରିପାରି ନ ଥିଲେ। ଏହାଛଡ଼ା ସେ ଟିମ୍ ଇଭେଣ୍ଟରୁ ଓହରିଯିବା ଲାଗି ବାଧ୍ୟ ହୋଇଥିଲେ। ଶନିବାରର ପ୍ରଦର୍ଶନ ଦ୍ୱାରା ଭାରତୀୟ ଜିମ୍ନାଷ୍ଟ ୨୦୨୦ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ନିକଟତର ହୋଇପାରିଛନ୍ତି।




# ମହିଳାରେ କିଟ୍, ପୁରୁଷରେ ଯାଦବପୁର ଚାମ୍ପିୟନ

**ଭୁବନେଶ୍ୱର, ୨୪।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟରେ ୨୧ ତାରିଖରୁ ଆରମ୍ଭ ହୋଇଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାୟ ପୁରୁଷ ଓ ମହିଳା ଚେସ୍ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଛି। ମହିଳା ବର୍ଗରେ ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟ ୧୨ ପଏଣ୍ଟ ପାଇ ଚାମ୍ପିୟନ ହୋଇଛି। ତେବେ ସାମାନ ୧୨ ପଏଣ୍ଟ ପାଇଥିଲେ ମଧ୍ୟ ବାରାଣସୀର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ରନର୍ସଅପ୍ ହୋଇଛି। ଆକାଂକ୍ଷା କବି, ସୌମ୍ୟଶ୍ରୀ ସାହୁ, ନବନୀତା ପଟ୍ଟନାୟକ, ଶ୍ରୀବିଦ୍ୟା ରାଉତ ଓ କଳ୍ପନା ଧାରୁଆଙ୍କୁ

**ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍**

ନେଇ ଗଠିତ କିଟ୍ ଦଳ ବେଶ୍ ଚମତ୍କାର ପ୍ରଦର୍ଶନ କରି ବାଜି ମାରିଛି। ଆକାଂକ୍ଷା ବୋର୍ଡ ୧ରେ ବୋର୍ଡ ପୁରସ୍କାର ପାଇଥିଲେ। ଏଥି ସହିତ କିଟ୍ ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ ଓଡ଼ିଶାରୁ ଅଲ ଇଣ୍ଡିଆ ଇଣ୍ଟର ଜୋନାଲ ପ୍ରତିଯୋଗିତା(୨୦୧୯-୧୯)ରେ ଅଂଶଗ୍ରହଣକରିବାକୁଯୋଗ୍ୟତାହାସଲକରିଛି।

ପୁରୁଷ ବର୍ଗରେ ପଶ୍ଚିମବଙ୍ଗର ଯାଦବପୁର ବିଶ୍ୱବିଦ୍ୟାଳୟ ୧୪ ପଏଣ୍ଟ ହାସଲ କରି ଚାମ୍ପିୟନ ହୋଇଛି। କୋଲକାତା ବିଶ୍ୱବିଦ୍ୟାଳୟ ୧୨ ପଏଣ୍ଟ ପାଇ ଦ୍ୱିତୀୟ ଓ ବିଆରଏ ବିହାର ବିଶ୍ୱବିଦ୍ୟାଳୟ ୧୦ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ୯ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି।

କିଟ ରେଜିଷ୍ଟ୍ରାର ସସ୍ମିତା ସାମନ୍ତ, ପ୍ରଫେସର ଜୟନ୍ତ ପରିଡା, ପର୍ଯ୍ୟବେକ୍ଷକ ଉଦୟ ଚାଉନ, କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ପୁରସ୍କାର ବିତରଣ କରିଥିଲେ। ଏହି ପ୍ରତିଯୋଗିତାରେ ମୋଟ ୨୮ଟି ବିଶ୍ୱବିଦ୍ୟାଳୟର ପୁରୁଷ ଓ ୨୦ ବିଶ୍ୱବିଦ୍ୟାଳୟର ମହିଳା ଦଳ ପୂର୍ବାଞ୍ଚଳରୁ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ୪ଟି ଦଳ ମିରଟରେ ଆୟୋଜନ ହେବାକୁ ଥିବା ଅଲ ଇଣ୍ଡିଆ ଇଣ୍ଟର ଜୋନାଲ ଇଣ୍ଟର ୟୁନିଭର୍ସିଟି ପୁରୁଷ ଟୁର୍ନାମେଣ୍ଟ (୨୦୧୮-୧୯)ରେ ଅଂଶଗ୍ରହଣ କରିବେ। ଏହା ଡିସେମ୍ବର ୧୬ରୁ ଆରମ୍ଭ ହୋଇ ୨୦ ତାରିଖରେ ଶେଷ ହେବ। ସେହିପରି ଶ୍ରେଷ୍ଠ ୪ ମହିଳା ଦଳ ଡିସେମ୍ବର ୧୦ରୁ ୧୪ ତାରିଖ ମଧ୍ୟରେ ଗୁରୁ ଜମ୍ଭେଶ୍ୱର ବିଶ୍ୱବିଦ୍ୟାଳୟରେ ଆୟୋଜନ ହେବାକୁ ଥିବା ଅଲ ଇଣ୍ଡିଆ ଇଣ୍ଟର ୟୁନିଭର୍ସିଟି ଇଣ୍ଟର ଜୋନ ମହିଳା ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ସୁରେଶ ଚନ୍ଦ୍ର ସାହୁ, ଅପରାଜିତା ଗୋଚ୍ଛିକାର, ଭବେଶ ମହାନ୍ତି ଓ ସନ୍ତୋଷ ମହାପାତ୍ର ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ବିଜେତା ଓ ଚାମ୍ପିୟନ କିଟ୍ ମହିଳା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ଅତିଥି କିଟ୍ ମହିଳା ଦଳକୁ ପୁରସ୍କାର ପ୍ରଦାନ କରୁଛନ୍ତି।

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୨୫ ନଭେମ୍ବର, ୨୦୧୮



ଯାହାର ପୁତ୍ର, ଭୃତ୍ୟ, ସ୍ତ୍ରୀ ବଶୀଭୂତ ଥାଆନ୍ତି, ଧନହୀନ ହୋଇ ମଧ୍ୟ ସେ ସନ୍ତୋଷରେ ଥାଏ। ଏ ସଂସାରରେ ତା'ର ଗୃହକୁ ସ୍ୱର୍ଗ ସହିତ ତୁଳନା କରାଯାଏ ଏବଂ ସେ ଏହି ପୃଥିବୀରେ ଥିଲେ ମଧ୍ୟ ସ୍ୱର୍ଗ ସୁଖ ଲାଭ କରିଥାଏ।

-ଚାଣକ୍ୟ



କୋଠପଦା ଉପ୍ରା ମଇ ବିଦ୍ୟାଳୟ ଶତବାର୍ଷିକ ଓ ରଘୁନାଥ ବିଦ୍ୟାପୀଠ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

# ବିଦ୍ୟାଳୟ ହେଉଛି ଆଲୋକବର୍ତ୍ତିକା



ଅତିଥିମାନେ ବିଦ୍ୟାଳୟ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ମାହାଙ୍ଗା,୨୪।୧୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅଧୀନ କୋଠପଦା ଉପ୍ରା ମଇ ବିଦ୍ୟାଳୟର ଶତବାର୍ଷିକ ସମାରୋହ ଓ ରଘୁନାଥଜୀଉ ବିଦ୍ୟାପୀଠରେ ସୁବର୍ଣ୍ଣଜୟନ୍ତୀ ଉତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କେହିଥିଲେ, ଛାତ୍ରୀଛାତ୍ରଙ୍କ ଅଜ୍ଞତା ଦୂର କରିବାରେ ବିଦ୍ୟାଳୟ ହେଉଛି ଆଲୋକବର୍ତ୍ତିକା। ଶିକ୍ଷକ ଛାତ୍ରୀଛାତ୍ରଙ୍କ ଅଧ୍ୟୟନର ପ୍ରତିବନ୍ଧକ ଦୂର କରିପାରିଲେ ବିଦ୍ୟାଳୟ ଗାରିମା ବୃଦ୍ଧି ପାଇବା ସହ ଅଞ୍ଚଳର ବିକାଶ ହେବ। ବରେଣ୍ୟ ଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ସମ୍ମାନିତ ଅତିଥି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢିବାରେ ବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ବଟକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ରାଜୀବ ଷଡ଼ଙ୍ଗୀ ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ଡ. ନିଖିଳେଶ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶତବାର୍ଷିକ କମିଟି ସଂପାଦକ କ୍ଷୀରୋଦ ଚନ୍ଦ୍ର ପତି ବାର୍ଷିକ ବିବରଣୀ ପାଠ କରିଥିଲେ। କବି ନାରାୟଣ ଚରଣ ମୁଦୁଲିଙ୍କ ସଂଯୋଜନାରେ ବିଦ୍ୟାଳୟର ସ୍ମରଣୀକା 'ପାଣି ତୀର୍ଥ' ଓ ଅଧ୍ୟାପକ ନିଖିଳେଶ ମହାନ୍ତିଙ୍କ 'ଗୋଟେ ଖରାର ମୃତ୍ୟୁ' ପୁସ୍ତକକୁ ରାଜ୍ୟପାଳ ଲୋକାର୍ପଣ କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟପାଇଁ ୨୮ ପୁରାତନ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ। ବାବାଜୀ ଚରଣ ମହାନ୍ତି, ପ୍ରଭାତ ମହାନ୍ତି, କମଳାକାନ୍ତ ମହାନ୍ତି, ପ୍ରତାପ କିଶୋର ନାୟକ, ସୁଧାଂଶୁ ପଣ୍ଡା, ରାମଚନ୍ଦ୍ର ମହାପାତ୍ର ଓ ଲକ୍ଷ୍ମୀଧର ବେହେରାଙ୍କ ସମେତ ସମସ୍ତ ପୁରାତନ ଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ରଚିତ ଅଭିମନ୍ୟୁ ବଧ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ଜୟଦୁର୍ଗା ଡ୍ରାମାଟିକ୍ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



ତିଗିରିଆ,୨୪।୧୧(ଡି.ଏନ.ଏ.): ତିଗିରିଆ ବ୍ଲକ ଅଧୀନ ହାଟମାଳ ବୃଦ୍ଧେଶ୍ୱରଙ୍କ ବାଲିଯାତ୍ରା ଅବସରରେ ହାଟମାଳ ଗ୍ରାମର ଜୟଦୁର୍ଗା ଡ୍ରାମାଟିକ୍ କ୍ଲବ ପକ୍ଷରୁ ଶୁକ୍ରବାର ରାତିରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମ ସଭାପତି ମାୟାଧର ପତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମ୍ମାନିତ ଅତିଥି ଆମ୍ବା ଅଧକ୍ଷ ହରେନ୍ଦ୍ର ଦଳେଇ, କ୍ଲବ ପରିଚାଳକ ବ୍ରଜବନ୍ଧୁ ପଣ୍ଡା, ବଡ଼ନାଉପୁଟ ସରପଞ୍ଚଙ୍କ ପ୍ରତିନିଧି ଦିଲୀପ ରାଉତ, ହାଟମାଳ ସରପଞ୍ଚ ପ୍ରସନ୍ନ ଭୋଇ, ସମିତିସଭ୍ୟ ପ୍ରଦୀପ ନାୟକ, ସାମାଜିକ କର୍ମୀ ଚକ୍ରଧର ଦାଶ, ରମେଶ ପଣ୍ଡା ଓ ପଞ୍ଚାୟତ ଯୁବ ବିଜେଡି ସଭାପତି ଧୀରେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ସ୍ୱାଇଁ ଆଦର୍ଶ ଶିକ୍ଷକ ଭାବେ ଅବସରପ୍ରାପ୍ତ ଶିକ୍ଷକ ଦିଗମ୍ବର ପଣ୍ଡା, ପ୍ରତାପ ରୁଦ୍ର ରାଉତ, ଗ୍ରାମୀଣ ବରିଷ୍ଠ କଳାକାର ଭାବେ ନିରୋଦ ପ୍ରଧାନ, ଚନ୍ଦ୍ରଶେଖର ପଣ୍ଡା, ନାଟକ ନିର୍ଦ୍ଦେଶକ ନିରଞ୍ଜନ ମହାରଣା ଓ ଆର୍ତ୍ତତ୍ରାଣ ପତିଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅଞ୍ଚଳର ବର୍ଷୀୟାନ ସାମାଜିକ କର୍ମୀ ହରେକୃଷ୍ଣ ସାମଲଙ୍କୁ ଦୁର୍ଗାଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। କ୍ଲବ ସମ୍ପାଦକ ବ୍ରଜବନ୍ଧୁ ପତି ଧନ୍ୟବାଦ ଦେଇଥିଲେ। ଶେଷରେ କ୍ଲବ କଳାକାରଙ୍କ ଦ୍ୱାରା 'ମିଛୁଆ ରାଧୁଆ ଗପ ସରିଲା' ନାଟକ ମଞ୍ଚସ୍ଥ ହୋଇଥିଲା।

## ନରସିଂହପୁର ଛାଡ଼ଖାଇ ଉତ୍ସବ ଆରମ୍ଭ

**ନରସିଂହପୁର,୨୪।୧୧(ଡି.ଏନ.ଏ.)**

ନରସିଂହପୁର ଛାଡ଼ଖାଇ ଉତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ବିଧାୟକ ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଥାନା ଅଧିକାରୀ ତଥା କମିଟି ସମ୍ପାଦକ ନିହାର ରଞ୍ଜନ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ବୀଣାପାଣି ବେହେରା, ରଞ୍ଜନ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଏହି ଉତ୍ସବ ୩୦ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟହ ୨ଟି ମଣ୍ଡପରେ ପାଲା, ଦଣ୍ଡନୃତ୍ୟ, ରାମଲୀଳା ସହିତ ବିଭିନ୍ନ ଲୋକନୃତ୍ୟ ଅନୁଷ୍ଠିତ ହେବ। ଶୁକ୍ରବାରଠାରୁ ପଡିଆରେ ରାଜ୍ୟର ବିଭିନ୍ନ ସ୍ଥାନରୁ ବ୍ୟବସାୟୀ ଆସି ଭିଡ଼ ଜମାଇଛନ୍ତି। ୬୬୮ଟି ଷ୍ଟଲ ଲାଗିଛି। ଉତ୍ସବକୁ ବଡ଼ମ୍ବା, ଆଠଗଡ, ତିଗିରିଆ, ହିନ୍ଦୋଳ, ଅନୁଗୁଳ, ଗଣିଆ, ନୟାଗଡ, ବାଙ୍କୀ, କଟକ ଓ ଢେଙ୍କାନାଳ ଅଞ୍ଚଳରୁ ବହୁ ଜନସାଧାରଣ ଆସିଥିବା ଦେଖିବାକୁ ମିଳିଛି। ଉଦ୍‌ଘାଟନୀ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ନୟାଗଡ ଜିଲା ବାହାଡା ଝୋଲାରୁ ଆସିଥିବା ଓଁଶ୍ରୀ ଦୃଷ୍ଟିହୀନ ଲୋକ ସଙ୍ଗୀତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ ଆଇନଜୀବୀ ଦେବଦତ୍ତ ମଳୟ କୁମାର ବରାଳ ସଂଯୋଜନା କରିଥିଲେ। ସମ୍ପାଦକ ମହାନ୍ତି ଧନ୍ୟବାଦ ଦେଇଥିଲେ। ଆଇନଜୀବୀ ନର୍ମଳେନ୍ଦୁ ମିଶ୍ର, ରାଜକିଶୋର ସାହୁ, ନିଳମଣୀ ସାହୁ, ସରୋଜ କୁମାର ସାହୁ, ମେଘନାଦ ପାତ୍ର, ବିରଞ୍ଚି ସାହୁ ଓ ଶଶିଭୂଷଣ ମହାପାତ୍ରଙ୍କ ସମେତ କମିଟି ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

## କାର୍ତ୍ତିକେଶ୍ୱର ଭସାଣି ଉତ୍ସବ

**ବାଙ୍କୀ,୨୪।୧୧(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଅଧୀନ ରଗଡ଼ି ଗ୍ରାମରେ ଶାନ୍ତି ଶୃଙ୍ଖଳାର ସହ କାର୍ତ୍ତିକେଶ୍ୱର ଭସାଣି ଉତ୍ସବ ଶନିବାର ସମାପ୍ତ ହୋଇଛି। ଅଁଳା ନବମୀ ଠାରୁ ଆରମ୍ଭ ହୋଇଥିବା ଏହି ପୂଜା ଜାକଜମକରେ ପାଳନ କରାଯାଇଥିଲା। ସମସ୍ତ ମୃଣ୍ମୟ ପ୍ରତିମା ପୂଜା ମଣ୍ଡପରୁ ବାହାରି ବଳିଦାସ କୂଅ ନିକଟରେ ଏକତ୍ରିତ ହେବା ପରେ ଏକ ବିଶାଳ ପଟୁଆରରେ ଗ୍ରାମ ପରିକ୍ରମା କରି ମଣ୍ଡାନାଳ ନିକଟରେ ବିସର୍ଜିତ ହୋଇଥିଲେ। ବ୍ରାହ୍ମଣ ସାହି ପୂଜା କମିଟି ସଭାପତି ପ୍ରଶାନ୍ତ ମହାପାତ୍ର, ମଝି ସାହି ସଭାପତି ଗୋପୀନାଥ ମହାପାତ୍ର, ଶାସନ ସାହି ସଭାପତି ମୁନା ରାଜଗୁରୁ ମହାପାତ୍ର, ବଡଦାଣ୍ଡ ସାହି ସଭାପତି ବିଶ୍ୱପ୍ରକାଶ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଉତ୍ସବକୁ ସମାପନ କରିଥିଲେ। ବାଙ୍କୀ ଥାନା ଅଧିକାରୀ ସମୀର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ କର୍ମଚାରୀ ଉପସ୍ଥିତ ରହି ଶୃଙ୍ଖଳା ରକ୍ଷା କରିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ। ଏଥିପାଇଁ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଥିଲା।

## ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ତିଗିରିଆ,୨୪।୧୧(ଡି.ଏନ.ଏ.)**

ତିଗିରିଆ ବ୍ଲକ ଅଧୀନ ହାଟମାଳ ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ସ୍ଥାନୀୟ ଭାଗବତ ଗୋସ୍ୱାମୀ ପୀଠପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ହରେନ୍ଦ୍ର ଦଳେଇ ଯୋଗଦେଇ ଯୁବବାହିନୀର ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ଯୁବ ବାହିନୀର ସମସ୍ତ ସଦସ୍ୟଙ୍କ ସମେତ ସ୍ଥାନୀୟ ବୁଦ୍ଧେଶ୍ୱର କ୍ଲବ ସଦସ୍ୟମାନେ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଯୁବ ବାହିନୀ ସମ୍ପାଦକ ଅଭିରାମ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ କୋଷାଧ୍ୟକ୍ଷ ଚିନ୍ମୟ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଚୋରା ମଦ ବ୍ୟବସାୟୀଙ୍କ ଘର ଆଗରେ ମହିଳାଙ୍କ ହୋହଲ୍ଲା

**ମାହାଙ୍ଗା,୨୪।୧୧(ସ୍ୱ.ପ୍ର.)**

ଚୋରା ମଦ କାରବାର ରୋକିବାକୁ ଅଣ୍ଟା ଭିଡ଼ିଛନ୍ତି ମାହାଙ୍ଗା ବ୍ଲକ ସାହାପୁର ପଞ୍ଚାୟତ ଅରିଲୋ ଦେହୁରୀ ସାହିର ନିଶା ନିବାରଣ ସମିତି ମହିଳାମାନେ। ଅରିଲୋ ଶାସନ ଗ୍ରାମର ଜଣେ ବ୍ୟକ୍ତି ଚୋରା ମଦ କାରବାର କରୁଥିବାରୁ ସମ୍ପୃକ୍ତ ମହିଳାମାନେ ଶନିବାର ତାଙ୍କୁ ବିରୋଧ କରିବା ସହ ତାଙ୍କ ଘର ଆଗରେ ହୋହଲ୍ଲା କରିଛନ୍ତି। ଦେହୁରୀ ସାହିରେ କିଛିବର୍ଷ ପୂର୍ବେ ଏହି ମଦ ବେପାରକୁ ନେଇ ସମ୍ପୃକ୍ତ ବ୍ୟବସାୟୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରେ ବିବାଦ ଉପୁଜିଥିଲା। ଏହା ପରେ ବ୍ୟବସାୟୀ ଜଣଙ୍କ ବିରୂପା ନଦୀ କୂଳରେ ଏକ ଚାଳିଆ କରି ମଦ ବିକୁଥିଲେ। ଏ ସମ୍ପର୍କରେ ଦେହୁରୀ ସାହି ନିଶା ନିବାରଣ ସମିତି ମହିଳା ଜାଣିପାରି ଶନିବାର ରାସ୍ତାକଡ଼ରେ ତାଙ୍କୁ ଜଗି ରହିଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଗାଡିରେ ଦେଶୀ ମଦ ଆଣି ନଦୀକୂଳ ରାସ୍ତାକଡରେ ଥୋଇ ଦେଇ ଚମ୍ପଟ ମାରିଥିଲେ। ଏହା ପରେ ମହିଳାମାନେ ଉକ୍ତ ମଦପେଟିକୁ ଧରି ତାଙ୍କ ଘରକୁ ଯାଇଥିଲେ। ସେଠାରେ ତାଙ୍କୁ ନ ପାଇ ଘର ସମ୍ମୁଖରେ ମଦକୁ ରଖି ବସି ରହିବା ସହ ମଦ ବେପାର ନ କରିବା ପାଇଁ ତାଙ୍କ ସ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହାକୁ ନେଇ କିଛି ସମୟ ପାଇଁ ସେଠାରେ ମହିଳାମାନେ ପାଟିତୁଣ୍ଡ କରିଥିଲେ। ଶେଷରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ତ୍ରୀ ହାତଯୋଡି କ୍ଷମା ପ୍ରାର୍ଥନା କରିବା ସହ ତାଙ୍କ ସ୍ୱାମୀ ଆଉ ମଦ ବିକିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମହିଳାମାନେ ସେଠାରୁ ଫେରି ଆସିଥିଲେ। ଅନ୍ୟପକ୍ଷରେ ଅବକାରୀ ଓ ପୋଲିସ ବିଭାଗର କେତେଜଣ ଅସାଧୁ କର୍ମଚାରୀ ହାତଗୁଞ୍ଜା ନେଇ ଏହି ଚୋରାମଦ ବ୍ୟବସାୟକୁ ପ୍ରଶ୍ରୟ ଦେଉଥିବା ମହିଳା ସମିତିସଭ୍ୟା ଲକ୍ଷ୍ମୀ ଦେହୁରୀ ଅଭିଯୋଗ କରିଛନ୍ତି। ସୁବାସୀ ବେହେରା, ସଂଯୁକ୍ତା ଦେହୁରୀ, ବିଳାସୀ ଦେହୁରୀ, ଓଷି ଦେହୁରୀ, ଡଲି ଦେହୁରୀ, କୁନ୍ତି ଦେହୁରୀ ଓ ମିନା ଦେହୁରୀଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ମହିଳା ଉପସ୍ଥିତ ରହି ମଦ କାରବାରକୁ ବିରୋଧ କରିଥିଲେ। ଯଦି ଏହି ଚୋରା ମଦ କାରବାରକୁ ପ୍ରଶାସନ ବନ୍ଦ ନ କରେ ତେବେ ଆଗାମୀ ଦିନରେ ମହିଳା ସମିତି ପକ୍ଷରୁ ଅଞ୍ଚଳରେ ମଦ ବିରୋଧୀ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଥିଲେ।



ମଦ ବ୍ୟବସାୟୀଙ୍କ ଘର ଆଗରେ ମହିଳାମାନେ ଧାରଣାରେ ବସି ରହିଛନ୍ତି।






ଜନ୍ମେଜୟ



ଆଶୁତୋଷ



କ୍ରିଷ୍ଣା



ଫୟାଜ



ବିଦ୍ୟୁତ୍



ପପୁନ



ଦୀପକ



ସୌମ୍ୟରଞ୍ଜନ



ଯାହାର ପୁତ୍ର, ଭୃତ୍ୟ, ସ୍ତ୍ରୀ ବଶୀଭୂତ ଥାଆନ୍ତି, ଧନହୀନ ହୋଇ ମଧ ସେ ସନ୍ତୋଷରେ ଥାଏ। ଏ ସଂସାରରେ ତା'ର ଗୃହକୁ ସ୍ୱର୍ଗ ସହିତ ତୁଳନା କରାଯାଏ ଏବଂ ସେ ଏହି ପୃଥିବୀରେ ଥିଲେ ମଧ ସ୍ୱର୍ଗ ସୁଖ ଲାଭ କରିଥାଏ।
- -ଚାଣକ୍ୟ



■ ସିଡିଏ କରିବ ଉଦ୍ୟୋଗୀ ସମାବେଶ

# ୬୩୧ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ଲକ୍ଷ୍ୟ

**କଟକ ଅଫିସ, ୨୪।୧୧**

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ପକ୍ଷରୁ ଆୟୋଜନ ହେବ ଉଦ୍ୟୋଗୀ ସମାବେଶ। ଡିସେମ୍ବର ୫ରେ ହେବାକୁ ଥିବା ଏହି ସମାବେଶରେ ଦେଶର ବିଲ୍‌ଡର, ଡେଭଲପରମାନେ ଯୋଗଦେବେ। ସିଡିଏ ପକ୍ଷରୁ ୬୩୧କୋଟି ୬୫ଲକ୍ଷ ଟଙ୍କା ବ୍ୟୟରେ ୬ଟି ମେଗା ପ୍ରକଳ୍ପ ନିର୍ମାଣ କରାଯିବ। ଏହି ପ୍ରକଳ୍ପର ରୂପରେଖକୁ ନେଇ ବ୍ରୋଚର ପ୍ରସ୍ତୁତ କରାଯାଇଛି। ପ୍ରକଳ୍ପଗୁଡିକର ମୂଲ୍ୟ ମଧ ନିର୍ଦ୍ଧାରଣ କରାଯାଇଛି। ଏଥିପାଇଁ ଟେଣ୍ଡର ଡକାଯିବ। ଆଗ୍ରହୀ ବିଲ୍‌ଡରମାନେ ସମାବେଶ ମାଧମରେ ଏହି ପ୍ରକ୍ରିୟାରେ ଭାଗ ନେବେ ବୋଲି ସିଡିଏର ଅର୍ଥ ପରାମର୍ଶଦାତା ସୀମାନ୍ତ ସେନାନାୟକ କହିଛନ୍ତି। ଏଥିପାଇଁ ସ୍କିମ୍ ମଧ ପ୍ରସ୍ତୁତ କରାଯାଇଛି। ସ୍କିମ

**୬ ପ୍ରକଳ୍ପର ରୂପରେଖ ପ୍ରସ୍ତୁତ**

ଅନୁଯାୟୀ, ପ୍ରକଳ୍ପଗୁଡିକ ପିପିପି ମୋଡ଼ରେ ନିର୍ମାଣ କରାଯିବ। ଏହି ଅନୁଯାୟୀ, କେତେକ ପ୍ରକଳ୍ପରେ ବିଲ୍‌ଡର ଜମିର ମୂଲ୍ୟ ସିଡିଏକୁ ଦେଇ ପ୍ରକଳ୍ପ ନିର୍ମାଣ କରି ବିକ୍ରି କରିବେ। ଦ୍ୱିତୀୟ ସ୍କିମ୍ ଅନୁଯାୟୀ, ସିଡିଏ ଜମି ଉପରେ ବିଲ୍‌ଡର ପ୍ରକଳ୍ପ ନିର୍ମାଣ କରିବେ। ସିଡିଏକୁ ପ୍ରକଳ୍ପ ବିକ୍ରି ଲବ୍ଧ ଅର୍ଥର ୨୫ କିମ୍ବା ୩୦% ଶ୍ୟୋର ପ୍ରଦାନ କରିବେ। ତୃତୀୟରେ ସିଡିଏ ଜମି ଉପରେ ବିଲଡର ପ୍ରକଳ୍ପ ନିର୍ମାଣ କରି କିଛି ଅଂଶକୁ ନିଜେ ବିକି ବାକି ଅଂଶକୁ ସିଡିଏକୁ ହସ୍ତାନ୍ତର କରିବେ।

ପ୍ରକଳ୍ପଗୁଡିକ ମଧରେ ରହିଛି ସମନ୍ୱିତ ଆବାସିକ କମ୍ପ୍ଲେକ୍ସ। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ନିକଟରେ ୧୩.୪୭ ଏକର ଜମିରେ ୩୭୯କୋଟି ଟଙ୍କା ବ୍ୟୟରେ ତାହା ନିର୍ମାଣ ହେବ। ସେହିପରି ସେକ୍ଟର ୧୨ରେ ୬ ଏକର ଜମିରେ ୮୫କୋଟି ଟଙ୍କା ବ୍ୟୟରେ ନ୍ୟୁ କଟକ ଆବାସ ଯୋଜନା ନିର୍ମାଣ କରାଯିବ। ଦରଘାବଜାର ନିକଟରେ ପ୍ରାୟ ଦେଢ ଏକର ଜମିରେ ନିର୍ମାଣ ହେବ ବାଣିଜ୍ୟିକ କମ୍ପ୍ଲେକ୍ସ। ଏଥିପାଇଁ ୪୨କୋଟି ୭୭ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ବକ୍ସିବଜାର ନିକଟରେ ୮୩ ଡେସିମିଲ ଜମିରେ ଦୀନବନ୍ଧୁ ବିପଣୀ ମାର୍କେଟ ନିର୍ମାଣ ପାଇଁ ୧୬.୩୫କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ସିଡିଏ ସେକ୍ଟର ୬ରେ ୬ ଏକର ୭୮ଡେସିମିଲ ଜମିରେ ୮୭କୋଟି ଟଙ୍କା ବ୍ୟୟରେ ହେବ ଆବାସିକ ଓ ବାଣିଜ୍ୟିକ କମ୍ପ୍ଲେକ୍ସ। ସେହିପରି ସେକ୍ଟର ୬ ଉଇଣ୍ଡସର ପ୍ୟାଲେସ ନିକଟରେ ୬୩ ଡେସିମିଲ ଜମିରେ ଏକ ବାଣିଜ୍ୟିକ କମ୍ପ୍ଲେକ୍ସ ନିର୍ମାଣ ହେବ। ଏଥିପାଇଁ ୨୧.୫୩ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି।




■ ବାଲିଯାତ୍ରାର ଦ୍ୱିତୀୟ ସନ୍ଧ୍ୟା

# ନୃତ୍ୟରେ ନୌବାଣିଜ୍ୟର ପରମ୍ପରା

**କଟକ ଅଫିସ୍,୨୪।୧୧**

ଶନିବାର ଥିଲା ବାଲିଯାତ୍ରାର ଦ୍ୱିତୀୟ ସନ୍ଧ୍ୟା। ଗଣକବି ବୈଷ୍ଣବ ପାଣି ମଞ୍ଚରେ ପର୍ଯ୍ୟାୟକ୍ରମେ ପରିବେଷିତ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। କଟକର ନଟରାଜ ଡ୍ୟାନ୍ସ ଏକାଡେମୀ ଦ୍ୱାରା ଭୋ ଶମ୍ଭୁ ନୃତ୍ୟ ପରିବେଷିତ ହୋଇଥିଲା। ଏହି ନୃତ୍ୟ ମାଧମରେ ଅନୁଷ୍ଠାନର କଳାକାରମାନେ ଶିବଙ୍କ ସ୍ତୁତି ପ୍ରଦର୍ଶନ କରିଥିଲେ। ସେହିପରି ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ଥିଲା ସୁରମନ୍ଦିର କଳାକାରଙ୍କ ଦ୍ୱାରା ପରିବେଷିତ ବୋଇତ ବନ୍ଦାଣ ନୃତ୍ୟ। ଜ୍ୟୋତ୍ସ୍ନାରାଣୀ ସାହୁଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର କଳାକାରମାନେ ବୋଇତବନ୍ଦାଣ ମାଧମରେ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ଉପରେ ବାର୍ତ୍ତା ଦେଇଥିଲେ। ଏଥିସହିତ ସୋ ମେକର ଡ୍ୟାନ୍ସ ଗ୍ରୁପ ସହିତ ଜିଲା ସଂସ୍କୃତି କଳାପରିଷଦ, ଆଶ୍ରୟ ଦି ସେଲଟର, ନବକଳିକା ଅନୁଷ୍ଠାନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ବାଲିଯାତ୍ରାର ଗଣକବି ବୈଷ୍ଣବ ପାଣି ମଞ୍ଚରେ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ବାଲିଯାତ୍ରାରେ ୨ କୁଇଣ୍ଟାଲ ବାସି ଖାଦ୍ୟ ଜବତ

**କଟକ ଅଫିସ,୨୪।୧୧:** ଚଳିତବର୍ଷ ବାଲିଯାତ୍ରାର ପ୍ରଥମ ଦୁଇଦିନରେ ୨ କୁଇଣ୍ଟାଲ ବାସିଖାଦ୍ୟ ଜବତ ହୋଇଛି। ବାଲିଯାତ୍ରାର ଉପର ଓ ତଳପଡିଆରେ ଥିବା ବିଭିନ୍ନ ଖାଦ୍ୟ ଷ୍ଟଲରୁ ପ୍ରଥମ ଦିନରେ ୮୦ କେଜି ଏବଂ ଦ୍ୱିତୀୟ ଦିନରେ ୧କୁଇଣ୍ଟାଲ ୨୦ କେଜି ବାସିଖାଦ୍ୟ ଜବତ କରିଛି ସିଏମ୍‌ସି ଫୁଡ ସ୍କ୍ୱାଡ୍‌ର ୩ଜଣିଆ ଟିମ। ୩୦ରୁ ଊର୍ଦ୍ଧ୍ୱ ଖାଦ୍ୟ ସାମଗ୍ରୀ ବିକୁଥିବା ଦୋକାନୀଙ୍କ ଠାରୁ ଏତେ ପରିମାଣର ବାସି ଖାଦ୍ୟ ଜବତ ପରେ ସେମାନଙ୍କ ଠାରୁ ସିଏମ୍‌ସି ଫୁଡ ସ୍କ୍ୱାଡ୍ ପକ୍ଷରୁ କୌଣସି ଜରିମାନା ଆଦାୟ କରାଯାଇ ନ ଥିବା ସିଏମ୍‌ସିର ଜଣେ ଫୁଡ ସ୍କ୍ୱାଡ୍ ଅଧିକାରୀ ପ୍ରଭାକର ପ୍ରଧାନ କହିଛନ୍ତି। ଜବତ ବାସିଖାଦ୍ୟକୁ ପଡିଆର ଏକ ଫାଙ୍କା ସ୍ଥାନରେ ପୋତାଯିବା ସହ ଆଗାମୀ ଦିନରେ ବାଲିଯାତ୍ରାରେ ବାସିଖାଦ୍ୟ ଯେଉଁ ଦୋକାନୀମାନଙ୍କ ଠାରୁ ଜବତ କରାଯିବ ସେମାନଙ୍କ ଠାରୁ ଜରିମାନା ଆଦାୟ ହେବ ବୋଲି ପ୍ରଧାନ କହିଛନ୍ତି।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଟାଙ୍ଗୀ(କଟକ), ୨୪।୧୧(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଳକ ଗରୁଡଗାଁ ପଞ୍ଚାୟତ ବିଶ୍ୱନାହାକାଣୀ କନିଷ୍ଠ ମହାବିଦ୍ୟାଳୟ ପରିସରରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ପ୍ରତିଷ୍ଠାତା ତଥା ଶିକ୍ଷାବିତ୍ ଅଜୟ କୁମାର ଦେ, ପଞ୍ଚାୟତ ସମିତି ଅଧକ୍ଷା ଜୟଶ୍ରୀ ପ୍ରଧାନ ଓ ସରପଞ୍ଚ ସୁବୋଧ କୁମାର ସାମଲ ଅତିଥିଭାବେ ଯୋଗଦେଇ ଆତ୍ମରକ୍ଷା କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିରରେ ମହାବିଦ୍ୟାଳୟର ବହୁ ଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ନୋଡାଲ ଅଧିକାରୀ ସରୋଜିନୀ ଦେବତା ପ୍ରଶିକ୍ଷଣ ଦେଇଥିଲେ। ଅଧାପକ ଶିବାନନ୍ଦ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା ଓ ଅଶୋକ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଅବକାରୀ ଚଢ଼ାଉ ବେଳେ ଗାଡ଼ି ଭାଙ୍ଗିଲେ ଦୁର୍ବୃତ୍ତ

**ଖୁଣ୍ଟୁଣୀ,୨୪।୧୧(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଅଧୀନ ଡାଲୁଆ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଶନିବାର ଆଠଗଡ ଅବକାରୀ ବିଭାଗ ଚଢ଼ାଉ ପାଇଁ ଯାଇଥିବା ବେଳେ କେତେଜଣ ଦୁର୍ବୃତ୍ତ ବିଭାଗର ଏକ ଜିପକୁ ଭାଙ୍ଗି ଦେଇଛନ୍ତି। ଏହି ଘଟଣାରେ ପୋଲିସ ବାଉଁଶ ଟାଙ୍ଗର ଗ୍ରାମର ଶ୍ୟାମଘନ ଭୁଜବଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଏଏସଆଇ ହରିହର ବେହେରା କହିଛନ୍ତି। ସୂଚନା ଅନୁଯାୟୀ, ଡାଲୁଆ ଗ୍ରାମ ବାଉଁଶ ଟାଙ୍ଗରଠାରେ ମଦ ରନ୍ଧାଯାଉଥିବା ଖବରପାଇ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଓ ଅବକାରୀ କମିଶନର ଦେବେନ୍ଦ୍ର ମହାପାତ୍ର ଚଢ଼ାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଠଗଡ ଅବକାରୀ ଅଧିକାରୀ ଇନିସପେକ୍ଟର ଦିଲ୍ଲୀପ ପଲେଇ, କଟକ ମୋବାଇଲ ଇନ୍ସପେକ୍ଟର କ୍ରିଷ୍ଣା ନାୟକ, ଇନ୍ସପେକ୍ଟର ରମେଶ ଶତପଥୀଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଷ୍ଟାଫ ଚଢ଼ାଉ ପାଇଁ ଯାଇଥିବା ବେଳେ ବାହାରେ ଛିଡା ହୋଇଥିବା ଅବକାରୀ ବିଭାଗର ଏକ ଜିପରେ ଜଣେ ମହିଳା ଅବକାରୀ କର୍ମଚାରୀ ଓ ଡ୍ରାଇଭର ଗାଡିରେ ଜଗି ରହିଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ଗାଡିକୁ ଭାଙ୍ଗିବା ସହ ସେମାନଙ୍କୁ ଗାଳିଗୁଲଜ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ମାମଲା (ନଂ.୧୩୯/୧୮)ରୁଜୁ କରି ତଦନ୍ତ ଚଳାଇଛି। ମଦ ରନ୍ଧା ସ୍ଥାନରୁ ୨୭୫୦ ଲିଟର ପୋଚ ଓ ୫୦ଲିଟର ଦେଶୀ ମଦ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୫୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ୨ ସ୍ଥାନରେ ମୁରୁଜ ପ୍ରତିଯୋଗିତା

**କଣ୍ଟାପଡା/ଫୁଲନଖରା, ୨୪।୧୧(ଡି.ଏନ୍.ଏ.)**

ସାନପାଟସୁନ୍ଦର ଜନଜାଗୃତି ଯୁବ ପରିଷଦ ପକ୍ଷରୁ ସ୍ଥାନୀୟ ମା' ପାଟ ବିଳାଶୁଣୀ ମନ୍ଦିର ପରିସରରେ ମୁରୁଜ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଶିକ୍ଷାବିତ୍ ସରୋଜିନୀ ସେନାପତି ଓ ଯୁଧିଷ୍ଠିର ପରିଡା ଉଦ୍‌ଘାଟନ କରିଥିଲେ। ପ୍ରଶାନ୍ତ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ ମୁଖ୍ୟଅତିଥି ଓ କଣ୍ଟାପଡା ପଞ୍ଚାୟତ ସମିତି ଅଧକ୍ଷା ସ୍ମିତାରାଣୀ ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ସାନପାଟସୁନ୍ଦରପୁରର ସାଇକ୍ରିଷ୍ଣା ଗ୍ରୁପ ପ୍ରଥମ, ଯୋହଳର ଅମ୍ବିକା ଗ୍ରୁପ ଦ୍ୱିତୀୟ ଓ ଚଉପଡାର ପତିତପାବନ ଗ୍ରୁପ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ କୈଳାସ ଚନ୍ଦ୍ର ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି କଟକ ସଦର ଥାନା ଅଞ୍ଚଳରେ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳର ୪୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ପ୍ରଣୟ ସାମନ୍ତରାୟଙ୍କ ଅଧକ୍ଷତାରେ ପୁରସ୍କାର ବିତରଣୀ ଉତ୍ସବ ଆୟୋଜନ ହୋଇଥିଲା। ଏହି ପ୍ରତିଯୋଗିତାରେ ଜାନକୀ ମହାରଣା ପ୍ରଥମ, ରୋଜାଲିନ ପ୍ରଧାନ ଦ୍ୱିତୀୟ ଓ ପ୍ରତିଭା ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ବିଜନ ରାୟଙ୍କ ପୁସ୍ତକ ଉନ୍ମୋଚିତ

**କଟକ ଅଫିସ୍,୨୪।୧୧**

ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ବାର କାଉନ୍‌ସିଲର ପୂର୍ବତନ ଅଧକ୍ଷ ବିଜନ ରାୟଙ୍କ ଦ୍ୱାରା ଲିଖିତ ପୁସ୍ତକ ସିଡକ୍‌ସନ ଅଫ ଲ ଅଫ କନଷ୍ଟିଚ୍ୟୁସନାଲ ରେମନାଣ୍ଟସ ଶନିବାର ଉନ୍ମୋଚିତ ହୋଇଯାଇଛି। ଦିଲ୍ଲୀର ସିଭିଲ ସର୍ଭିସେସ୍ ଅଫିସର୍ସ ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ଉକ୍ତ ପୁସ୍ତକକୁ ସୁପ୍ରିମକୋର୍ଟର ପ୍ରାକ୍ତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଗୋପାଳ ବଲ୍ଲଭ ପଟ୍ଟନାୟକ ଓ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅନଙ୍ଗ କୁମାର ପଟ୍ଟନାୟକ ଉନ୍ମୋଚନ କରିଥିଲେ। ଭାରତର ସମ୍ବିଧାନ କିଭଳି ହେବା ଉଚିତ୍, ବିଚାରପତିଙ୍କ ନିଯୁକ୍ତି କେଉଁ ଆଧାରରେ କରାଗଲେ ବିଚାରଧାରା ବଳିଷ୍ଠ ହେବ ସେହି ସବୁ ବିଷୟବସ୍ତୁ ଉପରେ ପୁସ୍ତକଟି ପର୍ଯ୍ୟବେସିତ। ଏହାବାଦ୍ ଉକ୍ତ ପୁସ୍ତକରେ କେଉଁ ସବୁ ଉପାୟ ଅବଲମ୍ବନ କରାଗଲେ ବିଚାର ବ୍ୟବସ୍ଥା ସୁଦୃଢ ହେବ ତାହା ଉପରେ ମଧ ଗୁରୁତ୍ୱ ଦିଆଯାଇଛି। ସୁପ୍ରିମ୍‌କୋର୍ଟର ବରିଷ୍ଠ ଆଡଭୋକେଟ ଏକେ ଗାଙ୍ଗୁଲି ଅତିଥି ଭାବେ ଯୋଗଦେଇ ସମ୍ବିଧାନକୁ ସଶକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ପ୍ରଶାସକ ପି.କେ. ଦାସ ସ୍ୱାଗତ ଭାଷଣ ଓ ଅଂଶୁମାନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଓଡ଼ିଶା ହାଇକୋର୍ଟର ଯୁବ ଆଇନଜୀବୀ ଗୋପୀନାଥ ମିଶ୍ର, ବିଭୁ ପ୍ରସାଦ ବରାଳ ଓ ବିଶ୍ୱଜିତ୍ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜନ୍ମେଜୟ



ଆଶୁତୋଷ



ଫୟାଜ୍



କ୍ରିଷ୍ଣା



ବିଦ୍ୟୁତ୍



ପପୁନ



ଦୀପକ



ସୌମ୍ୟରଞ୍ଜନ



ଯାହାର ପୁତ୍ର, ଭୃତ୍ୟ, ସ୍ତ୍ରୀ ବଶୀଭୂତ ଥାଆନ୍ତି, ଧନହୀନ ହୋଇ ମଧ ସେ ସନ୍ତୋଷରେ ଥାଏ। ଏ ସଂସାରରେ ତା'ର ଗୃହକୁ ସ୍ୱର୍ଗ ସହିତ ତୁଳନା କରାଯାଏ ଏବଂ ସେ ଏହି ପୃଥିବୀରେ ଥିଲେ ମଧ ସ୍ୱର୍ଗ ସୁଖ ଲାଭ କରିଥାଏ।
- -ଚାଣକ୍ୟ



■ ୨ ଜଳ ଯୋଗାଣ ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ, ଲୋକାର୍ପିତ

# 'ସୁସ୍ଥ ରହିବାକୁ ବିଶୁଦ୍ଧ ଜଳ ଆବଶ୍ୟକ'

ଜଟଣୀ, ୨୪।୧୧(ଡି.ଏନ.ଏ.)




ଜଳଯୋଗାଣ ପ୍ରକଳ୍ପର ଉଦ୍‌ଘାଟନୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟମାନେ।

ନୀରୋଗ ଓ ସୁସ୍ଥ ରହିବା ପାଇଁ ବିଶୁଦ୍ଧ ଜଳର ଆବଶ୍ୟକତା ରହିଛି। ସୁସ୍ଥ ମଣିଷ ଓ ଦେଶର ଅର୍ଥନୀତି ମଧ୍ୟରେ ରହିଛି ଗଭୀର ସମ୍ପର୍କ। ଏହି ପରିପ୍ରେକ୍ଷୀରେ ରାଜ୍ୟର ସବୁ ଲୋକଙ୍କ ପାଖରେ ବିଶୁଦ୍ଧ ପାଣି ପହଞ୍ଚାଇବା ଆମର ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଜଟଣୀରେ ଶନିବାର ଦୁଇଟି ଜଳଯୋଗାଣ ପ୍ରକଳ୍ପ ମଧ୍ୟରୁ ଗୋଟିଏର ଉଦ୍‌ଘାଟନ କରିବା ସହ ଅନ୍ୟଟିକୁ ଲୋକାର୍ପଣ କରିବା ପରିପ୍ରେକ୍ଷୀରେ ସେ ଉପରୋକ୍ତ ବକ୍ତବ୍ୟ ରଖିଥିଲେ। ୨୦୧୯ ସୁଦ୍ଧା ସମସ୍ତ ସହରାଞ୍ଚଳର ପ୍ରତି ଘରକୁ ପାନୀୟ ଜଳ ଯୋଗାଣ ନିମନ୍ତେ ରାଜ୍ୟ ସରକାର ବଦ୍ଧପରିକର। ରାଜ୍ୟ ସରକାର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ୨୦୧୪ରେ ଥିବା ୨ଶହ କୋଟିରୁ ୨୦୧୮ମସିହାରେ ଏହାକୁ ୨୦ ଗୁଣ ବୃଦ୍ଧି କରି ୩ ହଜାର ୫ଶହ କୋଟି ଟଙ୍କାରେ ପହଞ୍ଚା ଯାଇଛି ବୋଲି କହିଥିଲେ। ଏହାଦ୍ୱାରା ୭୦ ଲକ୍ଷ ସହରାଞ୍ଚଳର ଲୋକ ଉପକୃତ ହୋଇପାରିବେ। ୨୦୧୭ ମସିହାରେ ଆରମ୍ଭ ହୋଇଥିବା ବସୁଧା ଯୋଜନା ମାଧ୍ୟମରେ ୫୫୫ଟି ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା। ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ସମସ୍ତ ଜନସାଧାରଣଙ୍କ ସମେତ ବିଶେଷ କରି ମା'ମାନେ ଅଧିକ ଉପକୃତ ହେବେ। ଏଥିସହ ପ୍ରଦୂଷଣର ମୁକ୍ତି ପାଇଁ ସଂକଳ୍ପ ନେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ବସୁଧା ଯୋଜନାରେ ଗତବର୍ଷ ଆରମ୍ଭ ହୋଇଥିବା ୫୫୫ଟିରୁ ୪୦୮ କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଥିବା ୫ ଶହଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଏଠାରେ ଲୋକାର୍ପଣ କରିଥିଲେ। ଏହାଦ୍ୱାରା ୯୫ଟି ପୌରାଞ୍ଚଳର ୩୩ ଲକ୍ଷ ଲୋକ ଉପକୃତ ହୋଇପାରିବେ। ସେହିପରି ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିବା ୧୮ କୋଟି ଟଙ୍କା ବ୍ୟୟରେ ହୋଇଥିବା ବିସ୍ତୃତ ଜଳଯୋଗାଣ ପ୍ରକଳ୍ପ ଦ୍ୱାରା ୧ଲକ୍ଷ ୧ ହଜାର ଜନସାଧାରଣ ସୁବିଧା ପାଇବେ। ମୁଣ୍ଡଳୀରୁ ପ୍ରାୟ ୫୦ କିଲୋମିଟର ଦୂର ପାଇପ ଲାଇନ୍‌ରେ ଜଟଣୀ ଓ ଖୋର୍ଦ୍ଧା ସହରକୁ ଜଳଯୋଗାଣ ହେବ। ଏହି ଦୁଇ ସହର ବ୍ୟତୀତ ନାଇଜର, ଆଇଆଇଟି, ଇଡ୍‌କୋ ମଧ ଏହାଦ୍ୱାରା ଉପକୃତ ହୋଇପାରିବେ। ଏହା ପିପିପି ମୋଡ଼ରେ ହୋଇଛି। ଜାତୀୟ ସ୍ତରରେ ଏହା ପ୍ରଥମ ସମନ୍ୱିତ ପାନୀୟ ଜଳ ପ୍ରକଳ୍ପ। ଯେଉଁଥିରେ ଜଳସଂଗ୍ରହ ଓ ବିଶୋଧନ ପ୍ରକ୍ରିୟା ସହ ବିଶୁଦ୍ଧ ଜଳଯୋଗାଣ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନଗର ଉନ୍ନୟନ ଓ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଏମ.ପି. ପ୍ରସନ୍ନ କୁମାର ପାଟଶାଣୀ, ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ, ନଗର ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ଜି. ମାଥିଭାଥନନ୍ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ପ୍ରକଳ୍ପ ଉଦ୍‌ଘାଟନର ଏପାଖ ସେପାଖ

### ପୁଣି ବିଧାୟକଙ୍କ ଅନୁପସ୍ଥିତ

ଜଟଣୀ, ୨୪।୧୧(ଡି.ଏନ.ଏ.): ଜଟଣୀରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଜଳଯୋଗାଣ ପ୍ରକଳ୍ପର ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ବିଧାୟକ ଭାଗୀରଥି ବଡଜେନାଙ୍କ ଅନୁପସ୍ଥିତି ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରୁଥିବା ବ୍ୟକ୍ତି ଅନୁପସ୍ଥିତି ଥିବା ବିଧାୟକଙ୍କ ନାମ ଭୁଲ୍‌ରେ ବାରମ୍ବାର ଘୋଷଣା କରିଥିଲେ। ବିଧାୟକ ଅନୁପସ୍ଥିତ ଥିବା ନେଇ କେହି ଇଶାରା ଦେବା ପରେ ସଂଯୋଜନା କରୁଥିବା ବ୍ୟକ୍ତି ଆଉ ତାଙ୍କ ନାମ ଧରି ନ ଥିଲେ। ଭାଗୀରଥି ବିଧାୟକ ଭାବେ ନିର୍ବାଚିତ ହେବା ପରେ ଅନେକ ସରକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହୁନାହାନ୍ତି। ଅନ୍ୟ କାର୍ଯ୍ୟକ୍ରମରେ ତାଙ୍କର ଅନୁପସ୍ଥିତି ନେଇ ସ୍ଥାନୀୟ ଲୋକେ ଯେତିକି ଚକିତ ନୁହଁନ୍ତି, ମୁଖ୍ୟମନ୍ତ୍ରୀ ଯୋଗ ଦେଉଥିବା ସଭା ବା ଉତ୍ସବରେ ବିଧାୟକଙ୍କ ଦେଖା ନ ମିଳିବା ଏଠାରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

### ଭାଜପା କର୍ମୀ, କଳାପତାକା ପ୍ରଦର୍ଶନ

ଜଳଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ କରିବାକୁ ମୁଖ୍ୟମନ୍ତ୍ରୀ ଜଟଣୀ ଆସିଥିବା ବେଳେ ଭାଜପା କର୍ମୀମାନେ କଳାପତାକା ଧରି ବିରୋଧ କରିବାକୁ ଉଦ୍ୟମ କରିଥିଲେ। ତେବେ ଏଥିରେ ସେମାନେ ସଫଳ ହୋଇ ନ ଥିଲେ। ଭାଜପା ନେତା ସୁଦୀପ୍ତ ରାୟଙ୍କ ନେତୃତ୍ୱରେ ୫୦ ପାଖାପାଖି ଦଳୀୟ କର୍ମୀ କଳାପତାକା ଧରି ସଭାସ୍ଥଳର କିଛିଦୂର ବ୍ଲକ ଛକରେ ପହଞ୍ଚିବା ମାତ୍ରେ ପୋଲିସ ସେମାନଙ୍କୁ ଉଠାଇନେଇ ଥାନାରେ ରଖିଥିଲା। କାର୍ଯ୍ୟକ୍ରମ ଶେଷ ହେବା ପରେ ଅଟକ ଥିବା ଭାଜପା ନେତା ଓ କର୍ମୀଙ୍କୁ ପୋଲିସ ଛାଡିଥିଲା। ଏହି ନିର୍ବାଚନମଣ୍ଡଳୀରେ ଅନେକ ସମସ୍ୟା ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ଜଟଣୀ ଗସ୍ତକୁ ବିରୋଧ କରାଯାଇଥିବା ଭାଜପା ନେତା ସୁଦୀପ୍ତ କହିଛନ୍ତି।

### ୟୁଥ ଫେଡେରେଶନ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଖୋର୍ଦ୍ଧାରୋଡ ରେଳ ଷ୍ଟେଶନର ନାମ ପରିବର୍ତ୍ତନ କରି ଜଟଣୀ ରଖିବା, ଜଟଣୀର ଟାଉନ୍ ଖାସ୍ ମାହାଲ ଓ ୧୩ଟି ମୌଜାର ଜମି ସମସ୍ୟା ସମାଧାନ ଓ ବସ୍ତିବାସିନ୍ଦାଙ୍କୁ ଶୀଘ୍ର ଜମି ପଟ୍ଟା ବଣ୍ଟନ ପାଇଁ ଏକ ଦାବିପତ୍ର ଜଟଣୀ ୟୁଥ୍ ଫେଡେରେଶନ୍ ପକ୍ଷରୁ ଏହାର ସଭାପତି ପ୍ରଶାନ୍ତ ପାଇକରାୟ ଓ ଅନ୍ୟ ସଦସ୍ୟମାନେ ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ।

## ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ଖୋର୍ଦ୍ଧା ଅଫିସ,୨୪।୧୧: ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ପୋଲିସ ଗୋଳବାଇ ଗାଁର ସୁଶାନ୍ତ ସାହୁ(୩୪)ଙ୍କୁ ଗିରଫ କରିଛି। ରବିବାର କୋର୍ଟ ଚାଲାଣ କରାଯିବ। ଅଭିଯୋଗ ଅନୁସାରେ ଟାଙ୍ଗୀ ଥାନା ନାଲିଗାଡିଆ ଗାଁର ପୂଜା ସାହୁ ୨୦୧୫ରେ ଜଙ୍କିଆ ଥାନା ଗୋଳବାଇ ଗାଁର ସୁଶାନ୍ତଙ୍କୁ ବିବାହ କରିଥିଲେ। ବିବାହର କିଛିବର୍ଷ ଦମ୍ପତି ଭଲରେ ଚଳୁଥିଲେ। ପରେ ଅଧିକ ଯୌତୁକ ବାପଘରୁ ଆଣିବାକୁ ପୂଜାଙ୍କୁ କୁହାଯାଇଥିଲା। ପୂଜା ବାପଘରର ଅସାମର୍ଥ୍ୟ ପ୍ରକାଶ କରିବାରୁ ଶାଶୁଘର ପକ୍ଷରୁ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଗୁରୁବାର ରାତିରେ ପୂଜାଙ୍କୁ ମାରି ଦିଆଯାଇଥିବା ଭାଇ ମନୋଜ ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଦଫା ୪୯୮(ଏ), ୩୦୨, ୩୦୪(ବି), ୩୪ ଦଫାରେ ୧୭୨/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏହି ଘଟଣାରେ ଶ୍ୱଶୁର ଘରର ଅନ୍ୟମାନେ ଫେରାର ଅଛନ୍ତି।

## ଶ୍ରୀରାମକୃଷ୍ଣ ସେବାଶ୍ରମର ବାର୍ଷିକୋତ୍ସବ

ବୋଲଗଡ,୨୪।୧୧(ଡି.ଏନ.ଏ.)– ବୋଲଗଡ ବ୍ଲକ ଟିକାତାଳସ୍ଥିତ ଶ୍ରୀରାମକୃଷ୍ଣ ସେବାଶ୍ରମର ୪୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି । ପ୍ରାତଃ ସମୟରେ ସେବାଶ୍ରମର ଭକ୍ତମାନେ ସମ୍ମିଳିତ ହୋଇଥିଲେ । ପ୍ରାରମ୍ଭରେ ବେଦପାଠ ହୋଇଥିଲା । ପରେ ଆୟୋଜିତ ସାଧାରଣ ସଭାରେ ସ୍ୱାମୀ ଭାଗବତାନନ୍ଦପୁରୀ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ରୂପେ ଭୁବନେଶ୍ୱର ଶ୍ରୀରାମକୃଷ୍ଣ ମଠର ସହସମ୍ପାଦକ ସ୍ୱାମୀ ଆର୍ଯ୍ୟାନନ୍ଦ ମହାରାଜଜୀ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. କାଳୀକିଙ୍କର ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଶ୍ରୀରାମକୃଷ୍ଣ ମିଶନର ସ୍ୱାମୀ ଅଦ୍ୱୟାନନ୍ଦଜୀ ମହାରାଜ ଯୋଗଦେଇଥିଲେ। ଅନୁଷ୍ଠାନର ସହସମ୍ପାଦକ ସର୍ବେଶ୍ୱର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲା ବେଳେ ଶିକ୍ଷାବିତ୍ ମନୋଜ ଗୁମାନସିଂହ, ରାଜକିଶୋର ଛୁଆଳସିଂହ ସହଯୋଗ କରିଥିଲେ ।



ଆଶ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁମାନେ।

## ଛାଡ଼ଖାଇରେ ଚିଲିକା ମାଛ ଦର ଆକାଶଛୁଆଁ

ବାଲୁଗାଁ,୨୪।୧୧(ଡି.ଏନ.ଏ.)– ଧର୍ମମାସ କାର୍ତ୍ତିକରେ ପ୍ରାୟ ମହିଳା ଓ ପୁରୁଷ ଆମିଷଠାରୁ ଦୂରେଇ ରହିଥାନ୍ତି । ଏପରି କି ବହୁ ପରିବାରରେ ଆମିଷକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥାଏ । ହିନ୍ଦୁ ପରମ୍ପରାରେ କାର୍ତ୍ତିକ ପୂର୍ଣ୍ଣିମା ପରଦିନକୁ ଛାଡ଼ଖାଇ ଭାବେ ପାଳନ କରାଯାଇଥାଏ । ଚଳିତବର୍ଷ ଏହି ଦିନଟି ଶନିବାରରେ ପଡ଼ିଛି । ଲୋକେ ଏହାକୁ ଖାତିର ନ କରି ସକାଳ ସମୟରେ ବାଲୁଗାଁ ଚିଲିକାକୂଳ ମାଛ ବଜାରରେ ଭିଡ଼ ଜମାଇଥିଲେ। ଏପରି କି ଯାନବାହନ ଯାତାୟାତରେ ପ୍ରାୟ ଅଧକିଲୋମିଟର ଯାଏ ରାସ୍ତାରେ ଟ୍ରାଫିକ ସମସ୍ୟା ଲାଗିରହିଥିଲା । ଏହାର ସୁଯୋଗରେ କେତେକ ମୁନାଫା ବ୍ୟବସାୟୀ ଚଢ଼ା ଦରରେ ମାଛ ଓ ଚିଙ୍ଗୁଡ଼ି ବିକ୍ରି କରିଥିଲେ। ଛାଡ଼ଖାଇରେ ମାଛ ଓ ଚିଙ୍ଗୁଡ଼ି ଚାହିଦାକୁ ଆଖିରେ ରଖି କେତେକ ବ୍ୟବସାୟୀ ୨/୩ ଦିନ ପୂର୍ବରୁ ମାଛ ମହଜୁଦ ରଖିବା ସହ ଅନ୍ୟ ସେଣ୍ଟରରୁ ମାଛଆଣି ଟଟକା ଓ ଚିଲିକା ମାଛ କହି ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ସାଙ୍ଗଙ୍କୁ ପଥରରେ ଛେଚି ହତ୍ୟା ଉଦ୍ୟମ

ଖୋର୍ଦ୍ଧା ଅଫିସ,୨୪।୧୧: ମଦ ପିଇ ନିଶା ହୋଇଯିବା ପରେ ମଣିଷ କିପରି ନିଜର ହିତାହିତ ଜ୍ଞାନ ଭୁଲିଯାଏ ତାହା ଜଙ୍କିଆ ଥାନା ଦଲକ ପରିଛଳ ସାହିରେ ଦେଖିବାକୁ ମିଳିଛି। ନିଶା ହୋଇଯିବା ପରେ ସାଙ୍ଗଙ୍କୁ ପଥରରେ ଛେଚି ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ପୋଲିସ ଦେବଗଡ ଥାନା ଦେବଗଡର ବଳରାମ ପ୍ରଧାନ(୨୭)ଙ୍କୁ ଗିରଫ କରିଛି। ରବିବାର କୋର୍ଟ ଚାଲାଣ କରିବାର ରହିଛି। ମିଳିଥିବା ସୂଚନା ଅନୁସାରେ, ଦଲକ ପରିଛଳ ଆଦିବାସୀସାହିର ସୁରେଶ ନାୟକ(୨୭) ଓ ମଳିପଡା ଗାଁରେ ରହୁଥିବା ଦେବଗଡ ଗାଁର ବଳରାମ ଗତ ୨୧ ତାରିଖ ଅପରାହ୍ନ ସାଢ଼େ ୧ଟାରେ ସାଙ୍ଗ ହୋଇ ମଦ୍ୟପାନ କରିଥିଲେ। ବଳରାମ କିଛି ସମୟ ପରେ ସୁରେଶଙ୍କ ମୁଣ୍ଡ ଓ ଗୋଡକୁ ପଥରେ ଛେଚି ଥିଲେ। ଉପସ୍ଥିତ ବୁଦ୍ଧି ଖଟାଇ ସୁରେଶ ଖସି ଆସିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଥାନାରେ ଅଭିଯୋଗ ପରେ ପୋଲିସ ଦଫା ୩୪୧, ୩୨୩, ୨୯୪,୩୦୭, ୫୦୬ରେ ନଂ. ୧୭୩/୧୮ରେ ମାମଲା ରୁଜୁ କରି ତଦନ୍ତ କରୁଛି।

### ୨ ପଞ୍ଚାୟତରେ ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା

ବାଲୁଗାଁ,୨୪।୧୧(ଡି.ଏନ.ଏ.)- ଚିଲିକା ବ୍ଲକ୍ ସାନନଈରୀ ଓ ବଉଳାବନ୍ଧ ଗ୍ରାମପଞ୍ଚାୟତରେ ଶନିବାର ବିଜେଡ଼ି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ । ସାନନଈରୀସ୍ଥିତ ହରିହର ଦେବଙ୍କ ମନ୍ଦିରଠାରୁ ପଦଯାତ୍ରା ବାହାରି ଇଚ୍ଛାପୁରଠାରେ ସମାପ୍ତ ହୋଇଥିଲା। ପଦଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ରମେଶ ମହାପାତ୍ର, ଚିଲିକା ବ୍ଲକ୍ ବିଜେଡ଼ି ସଭାପତି ଦେବେନ୍ଦ୍ର ସାମନ୍ତସିଂହାର, ସାନନଈରୀ ପଞ୍ଚାୟତ ସଭାପତି ଧ୍ରୁବ ଚରଣ ଘଡ଼ାଇ, ବଉଳାବନ୍ଧ ପଞ୍ଚାୟତ ସଭାପତି ବିଜୟ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### କିଛିଦିନର ବ୍ୟବଧାନ ପରେ ପୁଣି ସଙ୍ଗଠନ

ଖୋର୍ଦ୍ଧା ଅଫିସ/ବୋଲଗଡ, ୨୪।୧୧(ଡି.ଏନ.ଏ.):ବେଗୁନିଆ ନିର୍ବାଚନମଣ୍ଡଳୀରେ ବିଜେଡିର ମୁଖପାତ୍ର ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ ନନ୍ଦଙ୍କ ପୁଅ ରିଷଭ ନନ୍ଦ ପୁଣି ସଙ୍ଗଠନକୁ ସଜାଡିବା ଆରମ୍ଭ କରିଛନ୍ତି। ତେବେ ଏଥର ଗସ୍ତ ସମୟରେ ସାଥିରେ ପୋଲିସ ମୁତୟନ ଥିଲେ। ବୋଲଗଡ ବ୍ଲକ ରୋଳସିଂହ ଗ୍ରାମର ସିଂଘେଶ୍ୱର ଦେବଙ୍କ ପୀଠରେ ରେ ୩ ଦିନ ଧରି ଚାଲିଥିବା ରାସପୂର୍ଣ୍ଣିମା ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ରିଶଭ ନନ୍ଦ ଯୋଗ ଦେଇଥିଲେ। କିଛିଦିନ ତଳେ ମରଣାନ୍ତକ ଆକ୍ରମଣ ସହ ରିଷଭଙ୍କ କାର ଉପରକୁ ବୋମା ପକାଇ ମାରି ଦେବାକୁ ଉଦ୍ୟମ କରାଯାଇଥିଲା।






ଜନ୍ମେଜୟ



ଆଶୁତୋଷ



ଫୟାଜ୍



କ୍ରିଷ୍ଣା



ବିଦ୍ୟୁତ୍



ପପୁନ



ଦୀପକ



ସୌମ୍ୟରଞ୍ଜନ



ଯାହାର ପୁତ୍ର, ଭୃତ୍ୟ, ସ୍ତ୍ରୀ ବଶୀଭୂତ ଥାଆନ୍ତି, ଧନହୀନ ହୋଇ ମଧ ସେ ସନ୍ତୋଷରେ ଥାଏ। ଏ ସଂସାରରେ ତା'ର ଗୃହକୁ ସ୍ୱର୍ଗ ସହିତ ତୁଳନା କରାଯାଏ ଏବଂ ସେ ଏହି ପୃଥିବୀରେ ଥିଲେ ମଧ ସ୍ୱର୍ଗ ସୁଖ ଲାଭ କରିଥାଏ।
-ଚାଣକ୍ୟ



■ ସତ୍ତା ହରାଇଲା ୯୮ ବର୍ଷର ଅନୁଷ୍ଠାନ

# ପୌରସଂସ୍ଥାରେ ମିଶିଲା ଲଜିଂ ହାଉସ ଫଣ୍ଡ

**ପୁରୀ ଅଫିସ, ୨୪।୧୧:**

■ ବନ୍ଦ ହେଲା ତୀର୍ଥ କର ଆଦାୟ
■ ପୌରସଂସ୍ଥାକୁ ଗଲେ ଫଣ୍ଡର ୩୮ କର୍ମଚାରୀ

ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ସତ୍ତା ହରାଇଛି ୯୮ ବର୍ଷର ଅନୁଷ୍ଠାନ ପୁରୀ ଲଜିଂ ହାଉସ୍ ଫଣ୍ଡ କମିଟି। ଏହି ଅନୁଷ୍ଠାନ ପୁରୀ ପୌରସଂସ୍ଥାରେ ମିଶିଛି। ଏହି ସଂସ୍ଥା ଜରିଆରେ ପୁରୀ ସହରର ୩ ପ୍ରବେଶ ପଥରେ ଆଦାୟ ହେଉଥିବା ତୀର୍ଥକର ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଓଡ଼ିଶା-ବିହାର ପ୍ଲେସେସ୍ ଅଫ୍ ପିଲିଗ୍ରିମେଜ ଆଇନ-୧୯୨୦ ଅନୁଯାୟୀ ଗଠନ ହୋଇଥିଲା ପୁରୀ ଲଜିଂ ହାଉସ୍ ଫଣ୍ଡ। ବାହାରୁ ଆସୁଥିବା ତୀର୍ଥଯାତ୍ରୀଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରିବା ଏହାର ମୂଳ ଲକ୍ଷ୍ୟ ଥିଲା। ପୁରୀ ସହରର ଅଠରନଳା, ବାଲିଘାଟ ଓ ମଙ୍ଗଳାଘାଟ ପ୍ରବେଶ ପଥରେ କାର୍ଯ୍ୟାଳୟ ଖୋଲି ତୀର୍ଥକର ଆଦାୟ କରାଯାଉଥିଲା। ସେହିପରି ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟନ ବସ୍‌ଠାରୁ ୮୦ଟଙ୍କା ଏବଂ ଓଡ଼ିଶାର ଯାତ୍ରୀବାହୀ ବସ୍ ଏବଂ ଟ୍ୟାକ୍ସିଠାରୁ ୨୦ ଟଙ୍କା ଲେଖାଏ ଆଦାୟ କରାଯାଉଥିଲା।

ଗତ ଅଗଷ୍ଟ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଓଡ଼ିଶା-ବିହାର ପ୍ଲେସେସ୍ ଅଫ୍ ପିଲିଗ୍ରିମେଜ ଆଇନକୁ ଉଚ୍ଛେଦ କରାଯାଇଥିଲା। ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଚିଠି ନଂ.୨୯୬୩୭/୧୬।୧୧।୨୦୧୮ ବଳରେ ଲଜିଂ ହାଉସ୍ ଫଣ୍ଡକୁ ପୁରୀ ପୌରସଂସ୍ଥାରେ ମିଶିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶ ମୁତାବକ ପୁରୀ ପୌରସଂସ୍ଥାର ନିର୍ବାହୀ ଅଧିକାରୀ ତଥା ଲଜିଂ ହାଉସ୍ ଫଣ୍ଡର ପୂର୍ବତନ ମାଜିଷ୍ଟ୍ରେଟ ଶ୍ରୀକାନ୍ତ ତରାଇ ଗତ ୨୨ ତାରିଖରେ ଏ ସଂକ୍ରାନ୍ତରେ ଲଜିଂ ହାଉସ୍ ଫଣ୍ଡକୁ ଚିଠି ଲେଖିଛନ୍ତି। ଫଣ୍ଡର ସମସ୍ତ ରେକର୍ଡ ଏବଂ କାଗଜପତ୍ର ପୌରସଂସ୍ଥାରେ ଦାଖଲ ସହ କାର୍ଯ୍ୟରତ ୨୮ ସ୍ଥାୟୀ ଏବଂ ୧୦ ଅସ୍ଥାୟୀ କର୍ମଚାରୀ ପୌରସଂସ୍ଥାରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତୀର୍ଥକର ଆଦାୟ ବନ୍ଦ ନିର୍ଦ୍ଦେଶ ପରେ ୨୩ ତାରିଖଠାରୁ ତୀର୍ଥକର ଆଦାୟ ବନ୍ଦ ରହିଛି। କିନ୍ତୁ ୩ ପ୍ରବେଶପଥରେ ଶନିବାର ବସ୍‌ଗୁଡ଼ିକଠାରୁ ଅର୍ଥ ଆଦାୟ କରାଯାଉଥିବା ଦେଖିବାକୁ ମିଳିଛି।

ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ତରାଇ କହିଛନ୍ତି, ତୀର୍ଥକର ଆଦାୟ ସମ୍ପୂର୍ଣ୍ଣ ବନ୍ଦ ରହିଛି। ବସ୍‌ଷ୍ଟାଣ୍ଡରେ ପାର୍କିଂ ଫି ଆଦାୟ ନେଇ ସମସ୍ୟା ହେଉଥିବାରୁ ବର୍ତ୍ତମାନ ସେଠାରେ ଆଦାୟ ହେଉଛି। ଦିନେ ଦୁଇଦିନ ମଧ୍ୟରେ ଏହା ବନ୍ଦ ହୋଇଯିବ। ଲଜିଂ ହାଉସ୍ ଫଣ୍ଡର ପୂର୍ବତନ ସଭାପତି ସବ୍ୟସାଚୀ ମହାପାତ୍ର କହିଛନ୍ତି, ଗତ ୨ ବର୍ଷ ଧରି ଲଜିଂ ହାଉସ୍ ଫଣ୍ଡ ଲାଭରେ ଚାଲିଥିବା ବେଳେ ରାଜ୍ୟ ସରକାର ଉଚ୍ଛେଦ କଲେ। ପୂର୍ବରୁ ବାର୍ଷିକ ୫୦ ଲକ୍ଷ ଟଙ୍କା ଆଦାୟ ହେଉଥିବା ବେଳେ ୬୬ ଲକ୍ଷ ଟଙ୍କା ବ୍ୟୟ ହେଉଥିଲା। ଗତ ୨ ବର୍ଷ ହେଲା ଆୟ ଦେଢ କୋଟି ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। ବର୍ତ୍ତମାନ ପ୍ରାୟ ଅଢେଇ କୋଟି ଟଙ୍କା ଜମା ରହିଛି।



ମହାନଦୀ ବସ୍ ଦୁର୍ଘଟଣାରେ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଓ ଆହତଙ୍କ ଆରୋଗ୍ୟ କାମନା କରି ପୁରୀ ନଗର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଶନିବାର ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ।

## ଗେଷ୍ଟ ହାଉସରେ ଚଢ଼ାଉ: ୪ଯୁବତୀ, ୪ଯୁବକ ଅଟକ

**କାକଟପୁର, ୨୪।୧୧(ଡି.ଏନ୍.ଏ.)**

କାକଟପୁର ମଙ୍ଗଳା ମନ୍ଦିର ଗେଟ ବଜାରରେ ଥିବା ଏକ ଗେଷ୍ଟହାଉସ ଉପରେ କାକଟପୁର ଥାନା ପୋଲିସ ଶନିବାର ରାତିପ୍ରାୟ ୯ଟା ୩୦ରେ ଅଚାନକ ଚଢ଼ାଉ କରିଥିଲା। ସେଠାରେ ଥିବା ୪ଜଣ ଯୁବତୀ ଓ ୪ଜଣ ଯୁବକଙ୍କୁ ପୋଲିସ ଅଟକ ରଖିଥିବାବେଳେ ଏ ସମ୍ପର୍କରେ କୌଣସି ତଥ୍ୟ ଦେଉନାହିଁ। ପ୍ରକାଶ ଥାଉକି କାକଟପୁରରେ ଥିବା କିଛି ଲଜ୍, ଗେଷ୍ଟହାଉସ, ହୋଟେଲରେ ଚୋରା ମାଦକଦ୍ରବ୍ୟ କାରବାର ଓ ଦେହ ବ୍ୟବସାୟ କରାଯାଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ୮ ଜଣଙ୍କୁ ଥାନାରେ ଅଟକ ରଖିଥିଲେ ବି ପୋଲିସ ଗଣମାଧ୍ୟମକୁ କୌଣସି ତଥ୍ୟ ଦେଉ ନାହିଁ। ଏହି ଘଟଣା ପଛରେ କେତେକ ରାଜନୈତିକ ବ୍ୟକ୍ତିଙ୍କ ହାତ ଥିବାରୁ ପୋଲିସ ଜାଣିଶୁଣି ଏପରି କରୁଥିବା ଅଭିଯୋଗ ହୋଇଛି। ଗେଷ୍ଟ ହାଉସ ମାଲିକ ଫେରାର୍ ଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

## ୨ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

**ସାକ୍ଷୀଗୋପାଳ, ୨୪।୧୧(ଡି.ଏନ୍.ଏ.)**

ପୁରୀଜିଲା ସତ୍ୟବାଦୀ ବ୍ଲକ ଅଳଗୁମ ଓ ମଧୁବନ ଗ୍ରାମପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଶନିବାର ଦୁଇଟି ରାସ୍ତାର ଶିଳାନ୍ୟାସ କରାଯାଇଛି। କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧କୋଟି ୯୩ଲକ୍ଷ ୭୨ହଜାର ଟଙ୍କା ବ୍ୟୟରେ ୪କି.ମି ଲମ୍ବ ବିଶିଷ୍ଟ ୨ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅଳଗୁମ ଗ୍ରାମ ପଞ୍ଚାୟତ ପୂର୍ତ୍ତ ବିଭାଗ ରାସ୍ତା ଠାରୁ ବଉଳସାହି ରାସ୍ତା ନିର୍ମାଣ ଫଳରେ ଅଳଗୁମ ଜେନାସାହି ଓ ନରେନ୍ଦ୍ରପୁର ପଞ୍ଚାୟତ ବେଣାକେରାକୁ ସବୁଦିନିଆ ରାସ୍ତା ସଂଯୋଗ ହୋଇପାରିବ। ମଧୁବନ ପଞ୍ଚାୟତର ବ୍ରହ୍ମପୁର ଠାରୁ ସୁରୁଜିପୁର ଗ୍ରାମକୁ ଅନ୍ୟ ରାସ୍ତାଟି ନିର୍ମାଣ ହେବାଫଳରେ ସୁରୁଜିପୁର ଓ ଅଳଗୁମ ପାଟଣାସାହିକୁ ସଂଯୋଗ ହୋଇପାରିବ ବୋଲି ଜଣାପଡିଛି। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଏମ୍‌ପିଙ୍କ ପ୍ରତିନିଧି ବିଜନ ମହାପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ଉପାଧ୍ୟକ୍ଷ ବିକ୍ରମ କୁମାର ଜେନା, ଜିଲା ପରିଷଦ ସଭ୍ୟା ଚନ୍ଦନା ରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଦୁଇଟି ରାସ୍ତାର କାମ ୨୦୧୯ଏପ୍ରିଲ ସୁଦ୍ଧା ଶେଷ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ରୀବତ୍ସ ଦାସ ଓ ସହକାରୀ ଯନ୍ତ୍ରୀ ଓକିଲ ମହାପାତ୍ର ସୂଚନା ଦେଇଛନ୍ତି।

## ପ୍ରଧାନ ଶିକ୍ଷକଙ୍କ ବଦଳି ଦାବି

**ନିମାପଡ଼ା,୨୪।୧୧(ଡି.ଏନ୍.ଏ.):**

ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ଅନ୍ନପୂର୍ଣ୍ଣା ବିଦ୍ୟାପୀଠର କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ଷଡଙ୍ଗୀଙ୍କ ବଦଳି ଦାବିରେ ଶନିବାର ଦଳିତ ଅଧିକାର ସଙ୍ଗଠନ ଓଡ଼ିଶା, ନିମାପଡ଼ା ବ୍ଲକ ଶାଖା ପକ୍ଷରୁ ବିଦ୍ୟାପୀଠ ସମ୍ମୁଖରେ ନାରାବାଜି କରାଯାଇଥିଲା। କାର୍ଯ୍ୟରେ ଅନିୟମିତତା ଓ ପିଅନଙ୍କୁ ଦୁର୍ବ୍ୟବହାର କରିଥିବା ପ୍ରଧାନ ଶିକ୍ଷକଙ୍କ ନାଁରେ ଅଭିଯୋଗ ରହିଛି। ପ୍ରଧାନ ଶିକ୍ଷକ ଷଡଙ୍ଗୀଙ୍କୁ ବଦଳି କରାଯିବା ସହ ନୂତନ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପାଇଁ ସଙ୍ଗଠନର ପୁରୀ ଜିଲା ସଂଯୋଜକ ଅଶୋକ କୁମାର ରାଉତ, ସଭାପତି ସୁମନ୍ତ ଭୋଇ, ସମ୍ପାଦକ ବ୍ରହ୍ମାନନ୍ଦ ଭୋଇ ପ୍ରମୁଖ ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରେ ଦାବି କରିଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଅନ୍ୟପକ୍ଷରେ ଜିଲା ଶିକ୍ଷା ଅଧିକାରୀ ହୃଷୀକେଶ କାଣ୍ଡି, ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା ପ୍ରମୁଖ ବିଦ୍ୟାପୀଠ ପରିଦର୍ଶନ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## କୋଣାର୍କ ଉତ୍ସବ ପ୍ରସ୍ତୁତି ତଦାରଖ କଲେ ଜିଲାପାଳ

**କୋଣାର୍କ, ୨୪।୧୧(ଡି.ଏନ୍.ଏ.)**

ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଶନିବାର କୋଣାର୍କ ଉତ୍ସବ ନିମନ୍ତେ ପ୍ରସ୍ତୁତିର ତଦାରଖ କରିଛନ୍ତି। ବାଲୁକା କଳା ମହୋତ୍ସବ ଓ କୋଣାର୍କ ଉତ୍ସବ ନିମନ୍ତେ ପର୍ଯ୍ୟଟକ ଓ ଦର୍ଶକମାନଙ୍କ ଭିଡକୁ ଲକ୍ଷ୍ୟ କରି ଚନ୍ଦ୍ରଭାଗା ସ୍ଥିତ ଛୋଟାରାମ ଆଶ୍ରମ ସନ୍ନିକଟ ପଡିଆରେ ପାର୍କିଂ ବ୍ୟବସ୍ଥା, ଅପେରା ଓ ମିନାବଜାର ପଡିବା ସ୍ଥାନ ଓ ହସ୍ତଶିଳ୍ପ ପ୍ରଦର୍ଶନୀ କ୍ଷେତ୍ର ପରିଦର୍ଶନ କରିବା ସହ ଟ୍ରାଫିକ ବ୍ୟବସ୍ଥା ନେଇ ସମୀକ୍ଷା କରିଥିଲେ। ପରେ ଜିଲାପାଳ ମୁକ୍ତାକାଶ ରଙ୍ଗମଞ୍ଚ କାର୍ଯ୍ୟ ଦେଖିବା ସହ ଯୁଦ୍ଧକାଳୀନ ଭିତ୍ତିରେ ବାକି ଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଉପସ୍ଥିତ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ଚନ୍ଦ୍ରଭାଗା ବେଳାଭୂମିକୁ ଅଧିକ ସୌନ୍ଦର୍ଯ୍ୟ କରଣ କରାଯିବା ସହ କିଛି ଦୋକାନ ଉଚ୍ଛେଦ କରାଯିବ ବୋଲି ଜିଲାପାଳ କହିଛନ୍ତି।

## କଣାସରେ ପାରମ୍ପରିକ ବୋଇତ ବନ୍ଦାଣ ଉତ୍ସବ

**କଣାସ, ୨୪।୧୧(ସ୍ୱ.ପ୍ର.)**

କଣାସ ବ୍ଲକର ଉତ୍କଳ ସଂସ୍କୃତି ଓ ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ବୋଇତବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ଦୟାନଦୀର ରାଣୀପଡାଠାରେ ଏକ ବୋଇତବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ କାତପଡାର ମହାବୀର ବଜାର ପରିସରରେ ଦୟାନଦୀ ବଞ୍ଚାଅ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମାଞ୍ଚଳର ପ୍ରତିଭାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟର ସଭାପତି ଗୁଣନିଧି ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନ ଓ ପୁରସ୍କାର ବିତରଣ ସଭାରେ ଶିକ୍ଷାବିତ୍ ପ୍ରଦୀପ ହରିଚନ୍ଦନ, ସତ୍ୟନାରାୟଣ ପଟ୍ଟନାୟକ, ନିମାଇଁ ହରିଚନ୍ଦନ, ସୁକାନ୍ତ ରାଉତ, ତରୁଣସେନ୍ ସ୍ୱାଇଁ ପ୍ରମୁଖ ଯୋଗଦେଇ କାର୍ତ୍ତିକପୂର୍ଣ୍ଣିମାର ମହତ୍ତ୍ୱ, ଦୟାନଦୀର ସ୍ୱଚ୍ଛତା ସମ୍ପର୍କରେ ସୂଚନା ଦେଇଥିଲେ।

## ପଞ୍ଚାୟତିରାଜ ସଚିବଙ୍କ ସମୀକ୍ଷା

**ପୁରୀ ଅଫିସ, ୨୪।୧୧:**

**'ଜାନୁୟାରୀ ୩୧ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ପୂରଣ କର'**

ପଞ୍ଚାୟତିରାଜ ଓ ଜଳ ଯୋଗାଣ ବିଭାଗ ଅଧୀନରେ ପୁରୀ ଜିଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ସମୀକ୍ଷା କରିଛନ୍ତି ବିଭାଗୀୟ ଶାସନ ସଚିବ ଦେଓରଞ୍ଜନ ସିଂ। ଶନିବାର ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ବୈଠକରେ ଗ୍ରାମୀଣ ଗୃହ ନିର୍ମାଣ ଯୋଜନା, ସ୍ୱଚ୍ଛ ଭାରତ, ପାନୀୟ ଜଳ ଯୋଗାଣ ଯୋଜନାଗୁଡ଼ିକ ସମ୍ପର୍କରେ ସେ ସମୀକ୍ଷା କରିଥିଲେ। ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ୨୮,୨୫୬ ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୧,୮୯୧ ଘର କାମ ସରିଛି। ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ପୁରୀ ଜିଲା ରାଜ୍ୟରେ ୧୯ ନମ୍ବର ସ୍ଥାନରେ ରହିଛି। ଘର ନିର୍ମାଣ କାମ ଧିମା ରହିଥିବାରୁ ମୁଖ୍ୟ ଶାସନ ସଚିବ ଅସନ୍ତୋଷ ବ୍ୟକ୍ତ କରିଥିଲେ। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରିଥିବା ୩,୨୫୨ ହିତାଧିକାରୀଙ୍କୁ ୨୦ ହଜାର ଲେଖାଏ ଏବଂ ୧୯୫୩ ଜଣ ହିତାଧିକାରୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦିଆଯାଇଥିବା ବୈଠକରେ ଆଲୋଚନା ହୋଇଥିଲା। ପ୍ରତି ବ୍ଲକର ୧୦ ଜଣ ଲେଖାଏ ହିତାଧିକାରୀଙ୍କୁ ନେଇ ଏକ ସଫଳ କାହାଣୀ ପ୍ରସ୍ତୁତ କରିବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମୀଣ ଜଳ ଯୋଗାଣ ବିଭାଗକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ପାନୀୟ ଜଳ ପ୍ରକଳ୍ପ ପାଇଁ ୨୨୪ କୋଟି ୮୫ ଲକ୍ଷ ୯୧ ହଜାର ଟଙ୍କା ମିଳିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୫୮ କୋଟି ୫୯ ଲକ୍ଷ ୭୪ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ ସରି ବ୍ଲକସ୍ତରରେ ମାସ ମାସ ଧରି ବିଲ୍ ପଡିଥିଲେ ହେଁ କର୍ମଚାରୀମାନେ ବିଲ୍ କରି ନ ଥିବାରୁ ସଚିବ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜିଲାର ୧୧ ବ୍ଲକରେ ପ୍ରାୟ ୫ ହଜାର ବିଲ୍ ପଡିଥିବା ବେଳେ ଏହାକୁ ତ୍ୱରାନ୍ୱିତ କରିବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଜାନୁୟାରୀ ୩୧ ସୁଦ୍ଧା ବିଭିନ୍ନ ଯୋଜନାରେ ଦିଆଯାଇଥିବା ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ପାଇଁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପଞ୍ଚାୟତିରାଜ ଓ ଜଳ ଯୋଗାଣ ବିଭାଗର ଅତିରିକ୍ତ ସଚିବ ବିଜୟ ରଥ, ମାନସ ଦେବତା ଓ ଏସ୍.ଏନ. ଦାଶ ଏବଂ ଯୁଗ୍ମ ସଚିବ ମହେଶ୍ୱର ପାଣିଗ୍ରାହୀ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ।






ଜନ୍ମେଜୟ



ଆଶୁତୋଷ



ଫୟାଜ୍



କ୍ରିଷ୍ଣା



ବିଦ୍ୟୁତ୍



ପପୁନ



ଦୀପକ



ସୌମ୍ୟରଞ୍ଜନ